# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୨/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, August 12/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୨୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 258 | ମୂଲ୍ୟ ₹୭/-




**ବକ୍ସିଂରେ ରିତ୍ରିକାଙ୍କୁ ସ୍ୱର୍ଣ୍ଣ**

୨୨ ବର୍ଷରୁ କମ୍ ଏସିଆନ ବକ୍ସିଂ ଚାମ୍ପିୟନଶିପ୍ର ମହିଳା ୮୦+କେଜି ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି ଭାରତୀୟ ବକ୍ସର ରିତ୍ରିକା।

**୧୪**

**୦୨**

**ଭାରତରେ ରିଲିଜ୍ ହେବନି 'ଅବିର ଗୁଲାଲ୍'**

ପାକିସ୍ତାନୀ ଅଭିନେତା ଫୱାଦ୍ ଖାନ୍ ଓ ବଲିଉଡ୍ ଅଭିନେତ୍ରୀ ବାଣୀ କପୁରଙ୍କ 'ଅବିର ଗୁଲାଲ୍' ଫିଲ୍ମ ଭାରତରେ ରିଲିଜ୍ ହେବ ନାହିଁ।



# ଏସ୍ଆଇଆର୍, ଭୋଟ ଚୋରି | ବିରୋଧୀ ଏକଜୁଟ

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଣିଥିବା 'ଭୋଟ ଚୋରି' ଏବଂ ବିହାର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପ୍ରସଙ୍ଗରେ ସୋମବାର ନୂଆଦିଲ୍ଲୀରେ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ଜୋରଦାର ସ୍ୱର ଉଠାଇଛନ୍ତି। ଶାସକ ଭାଜପା ସହ ମିଶି ଭାରତର ନିର୍ବାଚନ କମିଶନ (ଇସିଆଇ) ଭୋଟ ଜାଲିଆତି ଚଳାଇଥିବା ବିରୋଧୀ ଦଳଗୁଡ଼ିକର ନେତାମାନେ ଅଭିଯୋଗ କରୁଛନ୍ତି। ସେମାନେ ସଂସଦରେ ଏସ୍ଆଇଆର୍ ଏବଂ ଭୋଟ ଚୋରି ପ୍ରସଙ୍ଗ ଉଠାଇ ତାହାର ବିତର୍କ ଚାହୁଁଥିବାବେଳେ ତାହାକୁ ଗୁରୁତ୍ୱ ଦିଆଯାଉନାହିଁ। ଏହାର ପ୍ରତିବାଦରେ ଉଭୟ ଲୋକ ସଭା ଓ ରାଜ୍ୟ ସଭାର ପ୍ରାୟ ୩୦୦ ଏମ୍ପି ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସଂସଦ ଭବନରୁ ନିର୍ବାଚନ କମିଶନ (ଇସି)ଙ୍କ କାର୍ଯ୍ୟାଳୟ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। କିନ୍ତୁ ବାଟରେ ଦିଲ୍ଲୀ ପୋଲିସ ଏତେ ବଡ଼ ଶୋଭାଯାତ୍ରା ପାଇଁ ଅନୁମତି ନ ଥିବା ଦର୍ଶାଇ ସେମାନଙ୍କୁ ଅଟକାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ, ପ୍ରିୟଙ୍କା ଚତୁର୍ବେଦୀ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସମେତ ଶତାଧିକ ନେତାଙ୍କୁ ପୋଲିସ ବସ୍ ଯୋଗେ ଉଠାଇନେଇଥିଲା। ପୋଲିସ ଅଟକ ନେତାମାନଙ୍କୁ ପରବର୍ତ୍ତୀ ସମୟରେ ଛାଡ଼ିଦେଇଥିବାବେଳେ ଶାସକ ଭାଜପା ବିରୋଧରେ ଦୁଇଟି ବଡ଼ ପ୍ରସଙ୍ଗ ବିରୋଧୀଙ୍କୁ ପୁଣି ଏକଜୁଟ ହୋଇ ଆଗକୁ ବଢ଼ିବାକୁ ସୁଯୋଗ ଦେଇଥିବା ଚର୍ଚ୍ଚା ହେଉଛି।





ବିହାରରେ ଏସ୍ଆଇଆର୍କୁ ବିରୋଧ କରି ସୋମବାର ଇଣ୍ଡିଆ ବ୍ଲକ୍ର ଏମ୍ପିମାନେ ପାର୍ଲାମେଣ୍ଟ ଭବନରୁ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟକୁ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଛନ୍ତି। (ଫଟୋ: ଚମନ ଗୌତମ)

- **ବିକ୍ଷୋଭ ଶୋଭାଯାତ୍ରାବେଳେ ରାହୁଲଙ୍କ ସମେତ ଶତାଧିକ ଏମ୍ପି ଅଟକ**
- **ମହୁଆ ମୋଇତ୍ର, ମିତାଲି ବାଗ୍ ମୂର୍ଚ୍ଛା ଗଲେ**

ନୂଆଦିଲ୍ଲୀ,୧୧।୮

ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଏବଂ ବିଭିନ୍ନ ରାଜ୍ୟରେ ହୋଇଥିବା ଭୋଟ ଅନିୟମିତ ପ୍ରତିବାଦରେ ଇଣ୍ଡିଆ ବ୍ଲକ୍ର ଏମ୍ପିମାନେ ସୋମବାର ସକାଳେ ସଂସଦ ଭବନରୁ ନିର୍ବାଚନ କମିଶନ (ଇସି)ଙ୍କ କାର୍ଯ୍ୟାଳୟ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରାରେ ଯିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏସ୍ଆଇଆର୍ରେ ନାଲି ଛକିଚିହ୍ନ ଏବଂ 'ଭୋଟ ଚୋରି' ଲେଖାଯାଇଥିବା ଧଳା ଟୋପି ପିନ୍ଧି ବିରୋଧୀ ଏମ୍ପିମାନେ ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସରକାର ଏବଂ ଇସିଙ୍କ ମଧ୍ୟରେ ସଲାସୁତୁରାରେ ଭୋଟ ଚୋରି ହୋଇଥିବା ନେଇ ସେମାନେ ସ୍ଲୋଗାନ ଦେଉଥିଲେ। ପୋଲିସ ସେମାନଙ୍କୁ ଅଟକାଇ ବସ୍ ଯୋଗେ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାକୁ ନେଇଯାଇଥିବାବେଳେ ପରବର୍ତ୍ତୀ ସମୟରେ ଛାଡ଼ିଦିଆଯାଇଛି। ଏମ୍ପିମାନଙ୍କୁ ଅଟକାଯିବାରୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ରାସ୍ତାରେ ବସିରହି ସ୍ଲୋଗାନ ଦେଉଥିଲେ। ଏସ୍ପି ଅଧ୍ୟକ୍ଷ ଅଖିଳେଶଙ୍କ ସମେତ ଟିଏମ୍ସିର ମହୁଆ ମୋଇତ୍ର, କଂଗ୍ରେସର ସଞ୍ଜନା ଜାଟଭ ଏବଂ ଜୋତିମଣି ପ୍ରମୁଖ ବ୍ୟାରିକେଡ୍ରେ ଚଢ଼ି ସ୍ଲୋଗାନ ଦେଉଥିବା ଦେଖାଯାଇଥିଲା। ବିକ୍ଷୋଭ ବେଳେ ମହୁଆ ମୋଇତ୍ର ଏବଂ ମିତାଲି ବାଗ୍ ମୂର୍ଚ୍ଛା ଯାଇଥିଲେ। ପୂର୍ବରୁ କଂଗ୍ରେସ ନେତା ☞ପୃଷ୍ଠା-୪

# ଜଳିଗଲେ ଅଷ୍ଟମ ଶ୍ରେଣୀ ଛାତ୍ରୀ

**ମୃତାଙ୍କ ଅଜା, ଜଣେ ଦୋକାନୀ ଅଟକ**

ବରଗଡ଼/ଗାଇସିଲେଟ୍,୧୧।୮ (ପ୍ରେମାନନ୍ଦ ଖମାରୀ/ଦୁର୍ଗାପ୍ରସାଦ ତ୍ରିବେଦୀ)



ମୃତା ଛାତ୍ରୀ ରଶ୍ମି

ବାଲେଶ୍ୱର, ବଲଙ୍ଗା, କେନ୍ଦ୍ରାପଡ଼ା ପରେ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପିରିଙ୍ଗିମାଳ ଗ୍ରାମରୁ ସୋମବାର ସକାଳୁ ଏକ ଲୋମହର୍ଷଣକାରୀ ଘଟଣା ସାମ୍ନାକୁ ଆସିଛି। ଅଷ୍ଟମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ମାମୁ ଘରଠାରୁ ଅନତିଦୂରରେ ରହିଥିବା ଏକ ପଡ଼ିଆକୁ ଯାଇ ସକାଳ ପ୍ରାୟ ୭ଟା ୪୦ମିନିଟରେ ନିଜ ଶରୀରରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଅର୍ଦ୍ଧଦଗ୍ଧ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଭିମସାର୍, ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତା ନାବାଳିକା ଛାତ୍ରୀ ହେଉଛନ୍ତି ରଶ୍ମି ଓରଫ ରୁନି ସେଠ। ରଶ୍ମିଙ୍କ ଆତ୍ମାହୁତିର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ହେଁ ଘଟଣାସ୍ଥଳରେ ରେକର୍ଡ ହୋଇଥିବା ଏକ ଭିଡିଓ କ୍ଲିପିଂକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷରେ ଗାଇସିଲେଟ ଥାନା ପୋଲିସ ଘଟଣାସ୍ଥଳରୁ ଏକ ପ୍ଲାଷ୍ଟିକ ବୋତଲ, ଦିଆସିଲି ଏବଂ ମୃତ ନାବାଳିକାଙ୍କ ଜୋତା ଜବତ କରି ଘଟଣାର ଅଧିକ ତଦନ୍ତ କରୁଛି। ବରଗଡ଼ ଦାୟିତ୍ୱରେ ରହିଥିବା ବଲାଙ୍ଗିର ଏସ୍ପି ଅଭିଲାଷ ଜି ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳକୁ ପହଞ୍ଚି ଛାନଭିନ୍ ଚଳାଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ୩ ପୋଲିସ ଇନ୍ସପେକ୍ଟରଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିବା ଏସ୍ପି ଅଭିଲାଷ ଜି କହିଛନ୍ତି। ସେହିପରି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି, ନାବାଳିକା କାହିଁକି ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଲେ, ତାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ତଦନ୍ତ ଜାରି ରହିଛି। ୩ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ପରିବାର ଲୋକ ଏବଂ ଅନ୍ୟମାନଙ୍କୁ ପଚରାଉଚରା କରାଯାଉଛି। ଆଇନ ଅନୁସାରେ ସମ୍ପୃକ୍ତ ବ୍ୟକ୍ତି ନିଶ୍ଚିତ ଦଣ୍ଡିତ ହେବେ ବୋଲି ଆଇଜି କହିଛନ୍ତି।

ସୂଚନା ଅନୁଯାୟୀ, ପଦ୍ମପୁର ଉପଖଣ୍ଡ ଡେଣ୍ଟାପଦର ଗ୍ରାମର କ୍ରାନ୍ତିଲାଲ ସେଠ ଗାଇସିଲେଟ ଥାନା ପିରିଙ୍ଗିମାଳ ଗ୍ରାମରେ ବିବାହ କରିଥିଲେ। କ୍ରାନ୍ତିଲାଲ ଦାଦନ ଖଟିବାକୁ ତାମିଲନାଡୁ ଯାଇଛନ୍ତି। ଅନ୍ୟପଟେ କ୍ରାନ୍ତିଲାଲଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ପୁଅ ପଙ୍କଜ ଓରଫ୍ ରାହୁଲ ଏବଂ ଝିଅ ରଶ୍ମିଙ୍କୁ ଧରି ପିରିଙ୍ଗିମାଳଠାରେ ବାପଘରେ ରହୁଥିଲେ। ପୁଅ ଯୁକ୍ତ ୩ରେ ପଢୁଥିବାବେଳେ ଝିଅ ରଶ୍ମି ପାଇକମାଳ ବ୍ଲକ ସାଲେହର ଚେତାଶ୍ରମ ସ୍କୁଲ ଛାତ୍ରାବାସରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିଲେ। କିନ୍ତୁ ଅସୁସ୍ଥତା କାରଣରୁ ଗତମାସ ୪ତାରିଖରୁ ରଶ୍ମି ମାମୁ ଘରେ ଆସି ରହିଥିଲେ। ଭଲ ହୋଇଯାଇଥିବାରୁ ସୋମବାର ସେ ଛାତ୍ରାବାସକୁ ଫେରିବାର ଥିଲା। କିନ୍ତୁ ଛାତ୍ରାବାସକୁ ଯିବା ପୂର୍ବରୁ ଘର ପଛପଟ ପଡ଼ିଆରେ ☞ପୃଷ୍ଠା-୪

# ବିମାନ ଡୋର୍ ନ ଖୋଲିବାରୁ ଘଣ୍ଟାଏ ଫସିଲେ ଯାତ୍ରୀ

ରାୟପୁର,୧୧।୮

ଦିଲ୍ଲୀରୁ ଆସି ରାୟପୁର ବିମାନବନ୍ଦରରେ ଅବତରଣ କରିଥିବା ଏୟାର ଇଣ୍ଡିଆର ଏକ ବିମାନରେ ଯାନ୍ତ୍ରିକ ତ୍ରୁଟି କାରଣରୁ ଯାତ୍ରୀମାନଙ୍କୁ ଘଣ୍ଟାଏ ପର୍ଯ୍ୟନ୍ତ ବିମାନ ମଧ୍ୟରେ ଫସିରହିବାକୁ ପଡ଼ିଛି। ବିମାନରେ କଂଗ୍ରେସ ବିଧାୟକ ଅଟଳ ଶ୍ରୀବାସ୍ତବଙ୍କ ସମେତ ୧୬୦ ଜଣ ଯାତ୍ରୀ ଥିଲେ। ଏଆଇ ୨୭୯୭ ନମ୍ବର ଫ୍ଲାଇଟ୍ ରବିବାର ରାତି ୮ଟା ୧୫ ମିନିଟ୍ ସମୟରେ ଦିଲ୍ଲୀରୁ ଉଡ଼ାଣ ଆରମ୍ଭ କରି ୧୦ଟା ୦୫ ମିନିଟ୍ ବେଳେ ରାୟପୁରର ସ୍ୱାମୀ ବିବେକାନନ୍ଦ ଏୟାରପୋର୍ଟରେ ଅବତରଣ କରିଥିଲା। ତେବେ ବୈଷୟିକ ତ୍ରୁଟି କାରଣରୁ ଏହାର ଡୋର୍ ଖୋଲି ନ ଥିଲା। ରାତି ୧୧ଟା ପର୍ଯ୍ୟନ୍ତ ଯାତ୍ରୀମାନେ ବିମାନ ଭିତରେ ବନ୍ଦହୋଇ ରହିଥିବାବେଳେ ଏହାର କାରଣ ସମ୍ପର୍କରେ କ୍ରୁ ସଦସ୍ୟମାନେ କହି ନ ପାରିବାରୁ ଯାତ୍ରୀଙ୍କ ମଧ୍ୟରେ ଦ୍ୱନ୍ଦ ଓ ଆଶଙ୍କା ବଢ଼ିଥିଲା। କୌଣସି ଯୋଗାଯୋଗ ହୋଇ ନ ପାରିବା ଏବଂ ନିଜକରେ ରହିଥିବା ଅହମଦାବାଦ ଦୁର୍ଘଟଣାକୁ ନେଇ ସେମାନେ ଉଦ୍‌ବିଗ୍ନ ଥିଲେ ବୋଲି ଜଣେ ଯାତ୍ରୀ କହିଛନ୍ତି। ବିମାନକୁ ବିଦ୍ୟୁତ୍ ସଂଯୋଗ ବନ୍ଦ ହୋଇଯିବାରୁ ଷ୍ଟ୍ରିପ ଅଟୁରି ଖରାପ ହୋଇଥିଲା। ତେବେ କୌଣସି ସୁରକ୍ଷାଗତ ଉଲ୍ଲଂଘନ ହୋଇ ନ ଥିବା ଏୟାରଇଣ୍ଡିଆ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା।



# ସମାଧାନ ହେଲାଣି ୧୦,୮୦୭ ଅଭିଯୋଗ



ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଅନ୍ୟ ମନ୍ତ୍ରୀ ଓ ଅଧିକାରୀମାନେ।

**ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି**

ଭୁବନେଶ୍ୱର, ୧୧।୮ (ସୁଜିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୪ତମ ପାଳି ସୋମବାର ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମନ୍ତ୍ରିମଣ୍ଡଳର ବରିଷ୍ଠ ମନ୍ତ୍ରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଛି। ଗତ ୧୩ଟି ପାଳିରେ ଗ୍ରହଣ କରାଯାଇଥିବା ୧୨,୨୫୨ଟି ଅଭିଯୋଗ ମଧ୍ୟରୁ ୧୦,୮୦୭ଟି ସମାଧାନ କରାଯାଇଛି। ଏହା ଶତକଡ଼ା ୮୮%, ବାକି ଅଭିଯୋଗଗୁଡ଼ିକ ପ୍ରକ୍ରିୟା ମଧ୍ୟରେ ରହିଥିବା ସୂଚନା ମିଳିଛି। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିୟମିତ ପ୍ରୟାସ ଯୋଗୁ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଉଛି। ପ୍ରତ୍ୟେକ ଥର ଭଳି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ☞ପୃଷ୍ଠା-୪

# ଆତ୍ମହତ୍ୟା କଥା କହିବା ଠିକ୍ ନୁହେଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୮ (ସୁଜିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦୃଷ୍ଟିକୁ ଆସିଛି। ଜଣେ ବ୍ୟକ୍ତି ନିଜ ଅଭିଯୋଗ ଜଣାଇବା ସମୟରେ ତାଙ୍କ ଦାବି ପୂରଣ ନ ହେଲେ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ଏହା ଶୁଣିବା ପରେ ମୁଖ୍ୟମନ୍ତ୍ରୀ ପ୍ରଥମେ ବିରକ୍ତିଭାବ ପ୍ରକାଶ କରିଥିଲେ। ଆତ୍ମହତ୍ୟା କରିବା କଥା କାହିଁକି କହୁଛନ୍ତି ବୋଲି ପଚାରିଥିଲେ। ଆତ୍ମହତ୍ୟା ଶବ୍ଦ କାହିଁକି ବ୍ୟବହାର କରିଲେ ବୋଲି ମଧ୍ୟ ପ୍ରଶ୍ନ କଲେ। ଏହା ଭଲ କଥା ନୁହେଁ ଏବଂ ଏଭଳି ଶବ୍ଦର ବ୍ୟବହାର କରିବା ଠିକ୍ ନୁହେଁ ବୋଲି କହିଥିଲେ। ଯଦି କୌଣସି ସମସ୍ୟା ରହିଛି ତେବେ ଏହାର ସମାଧାନ ଲାଗି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରାଯାଉଛି, ବ୍ୟସ୍ତ ନ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଆସିଥିବା ଅଭିଯୋଗକାରୀଙ୍କ ମଧ୍ୟରେ କେତେଜଣ ନିଜ ସମସ୍ୟାକୁ ନେଇ ବିଚଳିତ ହେଉଥିବାରୁ, ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଆଶ୍ୱାସନା ଦେଇ ବୁଝାଇଥିଲେ। ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଓଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୧।୮ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ପୁରେନ୍ଦ୍ର କୁମାର ପଣ୍ଡାଙ୍କୁ ଉଦ୍ୟୋଗ ସିଇଏମ୍ (ଆଇଡିସି) ଭାବେ ନିଯୁକ୍ତ କରାଯାଇଥିବାବେଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଗାଜା ଦଖଲ

# ଆଜି ହସ୍ତୀ ଦିବସ: ୫ ବର୍ଷରେ ମରିଛନ୍ତି ୪୦୫, ମାରିଛନ୍ତି ୬୨୪

ଭୁବନେଶ୍ୱର,୧୧।୮ (ରବିନାରାୟଣ ଜେନା)

ମଣିଷ ଏକ ସାମାଜିକ ପ୍ରାଣୀ, ଯିଏକି ସମାଜ ଭିତରେ ରୁହେ। ହାତୀ ଏକ ବନ୍ୟପ୍ରାଣୀ, ଯାହାର ବାସସ୍ଥାନ ଜଙ୍ଗଲ। କିନ୍ତୁ ପରିସ୍ଥିତି ଏବେ ଏ ଦୁହିଁଙ୍କ ଭିତରେ ଶତ୍ରୁତା ସୃଷ୍ଟି କରିଛି। ଜନସଂଖ୍ୟା ବୃଦ୍ଧି ହେଉ କିମ୍ବା ମଣିଷର ଜୀବନଶୈଳୀରେ ପରିବର୍ତ୍ତନ କିମ୍ବା ତାର ମନୋବୃତ୍ତି ପାଇଁ ଦିନକୁ ଦିନ ଜଙ୍ଗଲ ଅବକ୍ଷୟ ହୋଇଚାଲିଛି, ଯେଉଁଥିପାଇଁ ବନ୍ୟପ୍ରାଣୀ ହାତୀ ଏବେ ବସାହରା ହୋଇ ଜନବସତି ଭିତରକୁ ଧସେଇ ପଶୁଛି। ଆହାର ଅନ୍ୱେଷଣରେ ଆସି ଫସଲ କ୍ଷତି କରୁଛି। ପରିସ୍ଥିତିରେ ପଡ଼ି ଏବଂ ଜୀବନଜୀବିକାକୁ ରକ୍ଷା କରିବାକୁ ଯାଇ ଚାଷୀଟି ତା'ର ବୁଦ୍ଧି ଓ ବିବେକ ହରାଇ ହାତୀ ସହ ଲଢ଼େଇ କରୁଛି। ଲଢ଼େଇରେ କେତେବେଳେ ହାତୀ ଜିତୁଛି ତ ଆଉ କେତେବେଳେ ମଣିଷ। ବନ ଅଧିକାରୀ କେବଳ ଦେଖଣାହାରି ସାଜିଛନ୍ତି। ଏହି ପ୍ରକ୍ରିୟା ଗତ ଦଶନ୍ଧି ଧରି ତୀବ୍ର ହେବାରେ ଲାଗିଛି। ଏହାର ସମାଧାନ ଲାଗି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ହାତସାଥୀ, ବନସାଥୀ ଭଳି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ମାତ୍ର ବାସ୍ତବ କ୍ଷେତ୍ରରେ ଏହା ହାତୀ-ମଣିଷ ଲଢ଼େଇକୁ ରୋକିପାରୁନାହିଁ। ଫଳରେ ଗତ ୫ ବର୍ଷ ମଧ୍ୟରେ ୪୦୫ ହାତୀ ସରକାରୀ ଭାବେ ମୃତ ଘୋଷିତ ହୋଇଥିବାବେଳେ ୬୨୪ ଲୋକଙ୍କ ମୃତ୍ୟୁ ହୋଇଛି ଏବଂ ଅନେକେ ଆହତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଯୋଜନା ପ୍ରଣୟନରେ ମନ୍ଥରତା ଏବଂ ଲୋକଙ୍କ ସଚେତନ ଅଭାବ ଯୋଗୁ ପରିସ୍ଥିତି ଜଟିଳ ଆଡ଼କୁ ଗତି କରୁଛି। ନିକଟରେ ବିଧାନସଭାରେ ଜଙ୍ଗଲ ଓ



ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୧୦୩ ହାତୀ ରହିଛନ୍ତି। ମୟୂରଭଞ୍ଜରେ ସର୍ବାଧିକ ୨୯୫ଟି ହାତୀ ରହିଥିବାବେଳେ ରାୟଗଡ଼ା ଓ ଝାରସୁଗୁଡ଼ା ବନଖଣ୍ଡରେ ଗୋଟିଏ ଲେଖାଏ ହାତୀ ରହିଛନ୍ତି। ଏହାବାଦ୍ ଅନୁଗୋଳ ୨୫୪, କେନ୍ଦୁଝର ୧୯୫, ସୁନ୍ଦରଗଡ଼ ୧୭୯, ସମ୍ବଲପୁର ୧୪୦, କଟକ ୧୩୨, ଦେବଗଡ଼ ୧୦୭, କଳାହାଣ୍ଡି ୯୫, ଖୋର୍ଦ୍ଧା ୮୩, ନୟାଗଡ଼ ୫୨, ବାଲେଶ୍ୱର ୫୪, ଗଞ୍ଜାମ ୩୩, କନ୍ଧମାଳ ୫୪, ବଲାଙ୍ଗିର ୪୨, ବୌଦ୍ଧ ୧୬ ଏବଂ ସୁବର୍ଣ୍ଣପୁରରେ ୩ଟି ହାତୀ ଥିବା ଜଣାପଡ଼ିଛି। ତେବେ ହାତୀ ମୃତ୍ୟୁର ଅନେକ କାରଣ ରହିଛି। ଗତ ୫ ବର୍ଷ ମଧ୍ୟରେ ପ୍ରତିବର୍ଷ ହାରାହାରି ୮୧ଟି ଲେଖାଏଁ ହାତୀଙ୍କର ମୃତ୍ୟୁ ବିଭିନ୍ନ କାରଣରୁ ହୋଇଥିବା ମନ୍ତ୍ରୀ ଗୃହକୁ ଦର୍ଶାଇଥିଲେ। ଜୁଲାଇ ୩୧ରେ ରାଜ୍ୟ ସରକାର ତଥ୍ୟ ଅନୁଯାୟୀ, ୨୦୧୯-୨୦ରେ ହାତୀ ଆକ୍ରମଣରେ ୧୧୭ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୦-୨୧ରେ ୯୩, ୨୦୨୧-୨୨ରେ ୧୧୨, ୨୦୨୨-୨୩ରେ ୧୪୮ ଏବଂ ୨୦୨୩-୨୪ରେ ୧୫୪ ଜଣଙ୍କ ପ୍ରାଣହାନି ହୋଇଛି। ଅନ୍ୟପକ୍ଷେ ବିଭାଗୀୟ ତଥ୍ୟ କହୁଛି ଯେ, ୨୦୧୨-୧୩ରେ ହାତୀ-ମଣିଷ ଲଢ଼େଇରେ ୮୨ ହାତୀଙ୍କ ☞ପୃଷ୍ଠା-୪

# 'ପାକିସ୍ତାନ ଅଣୁଅସ୍ତ୍ର ରଖିଥିବା ଦାୟିତ୍ୱଶୂନ୍ୟ ରାଷ୍ଟ୍ର'

## ମୁନିରଙ୍କ ମନ୍ତବ୍ୟକୁ ନିନ୍ଦାକଲା ଭାରତ

ନୂଆଦିଲ୍ଲୀ, ୧୧।୮

ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ୍ ମୁନିର ରବିବାର ଆମେରିକା ମାଟିରୁ ଭାରତକୁ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଇଥିଲେ। ସିନ୍ଧୁ ନଦୀରେ ଭାରତ ଡ୍ୟାମ୍ ନିର୍ମାଣ କଲେ ଆମେ ୧୦ ମିଶାଇଲ ମାଡ଼କରି ତାକୁ ଧ୍ୱଂସ କରିଦେବୁ ବୋଲି ଫ୍ଲୋରିଡାର ଟାମ୍ପାରେ ମୁନିର କହିଥିଲେ। ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ପାକିସ୍ତାନର ଅସ୍ତିତ୍ୱ ପ୍ରତି ସଙ୍କଟ ସୃଷ୍ଟି ହେଲେ ବା ଆମେ ଖସୁଛୁ ବୋଲି ଯଦି ଅନୁଭବ କରିବୁ ତେବେ ଅଧା ବିଶ୍ୱକୁ ଖସାଇଦେବୁ ବୋଲି ମୁନିର ଧମକ ଦେଇଥିବାରୁ ଭାରତ ଏହାର କଡ଼ା ସମାଲୋଚନା କରିଛି। ପାକିସ୍ତାନ ଅଣୁଅସ୍ତ୍ର ରଖିଥିବା ଏକ ଦାୟିତ୍ୱଶୂନ୍ୟ ରାଷ୍ଟ୍ର ଏବଂ ଆଣବିକ ଯୁଦ୍ଧ ପାଇଁ ଉସୁକାଇବା ଏହାର ଅଭ୍ୟାସ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

ଭାରତର ଆଭିମୁଖ୍ୟକୁ ପୁଣିଥରେ ଦୋହରାଇ ମନ୍ତ୍ରଣାଳୟ କହିଛି, ଆଣବିକ ବ୍ଲାକ୍‌ମେଲ୍ ଆଗରେ ଆମେ ନଇଁଯିବୁ ନାହିଁ, ଏହା ପୂର୍ବରୁ ସ୍ପଷ୍ଟ କରିସାରିଛୁ। ଆମ ଜାତୀୟ ନିରାପତ୍ତାର ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନେଇଚାଲିବୁ। ଏକ ବନ୍ଧୁତ୍ୱପୂର୍ଣ୍ଣ ତୃତୀୟ ରାଷ୍ଟ୍ରର ମାଟିରୁ ମୁନିର ଏଭଳି ମନ୍ତବ୍ୟ


ଆସିମ୍ ମୁନିର

ଦେବା ଦୁଃଖଦାୟକ। ପାକିସ୍ତାନରେ ଆତଙ୍କବାଦ ସମସ୍ୟା ରହିଥିବାବେଳେ ଏହା ଏକ ବିଫଳ ଗଣତନ୍ତ୍ର ଯେଉଁଠି ସରକାର ସାମରିକ ନିୟନ୍ତ୍ରଣରେ ରହିଛି। ସେନାମୁଖ୍ୟ ମୁନିରଙ୍କ ମନ୍ତବ୍ୟ ପାକିସ୍ତାନର ଅନ୍ତର୍ନିହିତ ଦାୟିତ୍ୱହୀନତା ବୋଲି ଅନ୍ତର୍ଜାତୀୟ ସମୁଦାୟ ଭଲ ଭାବେ ଜାଣନ୍ତି। ଯେଉଁଠି ସୈନ୍ୟବାହିନୀ ଆତଙ୍କବାଦୀ ସଂଗଠନଗୁଡ଼ିକ ସହ ହାତ ମିଳାଇଛି, ସେଭଳି ଦେଶର ଆଣବିକ ଯୁଦ୍ଧାସ୍ତ୍ର ଉପରେ ନିୟନ୍ତ୍ରଣର ସାଧୁତାକୁ ନେଇ ସେମାନେ ସନ୍ଦେହ ବ୍ୟକ୍ତ କରିଆସିଥିବା ଭାରତ କହିଛି।

ମୁନିର ଫ୍ଲୋରିଡାର ଟାମ୍ପାରେ ପ୍ରବାସୀ ପାକିସ୍ତାନୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଭାରତକୁ ପରମାଣୁ ଧମକ ଦେଇଥିଲେ। ସେମାନେ ଯଦି ପାକିସ୍ତାନକୁ ଜଳପ୍ରବାହ ରୋକନ୍ତି, ତେବେ ଆମେ ଭାରତୀୟ ଭିତ୍ତିଭୂମିକୁ ଧ୍ୱଂସ କରିଦେବୁ ବୋଲି ମୁନିର କହିଥିଲେ। ଯେତେବେଳେ ଆମେରିକା ପାକିସ୍ତାନୀ ସେନାକୁ ସମର୍ଥନ କରେ, ସେତେବେଳେ ସେମାନେ ନିଜର ଅସଲି ଆକ୍ରମଣାତ୍ମକ ରଙ୍ଗ ଦେଖାଇଥାନ୍ତି ବୋଲି ଭାରତୀୟ ସୂତ୍ରରୁ କୁହାଯାଇଛି। ଏହା ସତ ଯେ ପାକିସ୍ତାନରେ ଗଣତନ୍ତ୍ର ନାହିଁ ଏବଂ ସେଠାର ସେନା ଦେଶକୁ ନିୟନ୍ତ୍ରଣ କରୁଛି। ଆମେରିକାର ସ୍ୱାଗତରେ ଉତ୍ସାହିତ ହୋଇ ସେମାନେ ହୁଏତ ପାକିସ୍ତାନରେ ଖୋଲା ବିଦ୍ରୋହ କରିପାରନ୍ତି, ଯାହା ଦ୍ୱାରା ଫିଲ୍ଡ ମାର୍ଶାଲ ମୁନିର ରାଷ୍ଟ୍ରପତି ହୋଇପାରିବେ ବୋଲି ଉକ୍ତ ସୂତ୍ରରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ଜୁନ୍ ୧୮ରେ ମୁନିର ଆମେରିକା ଯାଇ ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଥିଲେ। ଦୁଇମାସ ନ ପୂରୁଣୁ ପୁଣିଥରେ ସେ ଆମେରିକା ଯାଇ ଭାରତକୁ ଧମକ ଦେବା ଅନେକ ପ୍ରଶ୍ନ ଉଠାଇଛି।

## ସଂକ୍ଷେପରେ

### ୱାଶିଂଟନ୍‌କୁ ବିମାନ ସେବା ବନ୍ଦ କରିବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ, ୧୧।୮

ଆସନ୍ତା ସେପ୍ଟେମ୍ବର ୧ରୁ ଏୟାର ଇଣ୍ଡିଆ ନିଜର ଦିଲ୍ଲୀ-ୱାଶିଂଟନ ଡିସି ବିମାନ ଉଡ଼ାଣ ସେବାକୁ ଅସ୍ଥାୟୀ ଭାବରେ ବନ୍ଦ କରିବ। ବିଭିନ୍ନ ପରିଚାଳନାଗତ କାରଣ ଯୋଗୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଏୟାର ଇଣ୍ଡିଆ ପକ୍ଷରୁ ସୋମବାର ଏକ ବିବୃତି ଜାରିକରି ଘୋଷଣା କରାଯାଇଛି। ଗତ ମାସରେ ଏୟାରଇଣ୍ଡିଆ ପକ୍ଷରୁ ନିଜର ୨୬ଟି ବୋଇଂ ୭୮୭-୮ ଏୟାରକ୍ରାଫ୍ଟକୁ ଅପ୍‌ଗ୍ରେଡ୍ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି, ଯାହା ୨୦୨୬ ପର୍ଯ୍ୟନ୍ତ ଜାରି ରହିବ। ଗ୍ରାହକଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ଲକ୍ଷ୍ୟରେ ଏହି ଅପ୍‌ଗ୍ରେଡ୍ କରାଯାଉଛି। ତେଣୁ ଆସନ୍ତା ବର୍ଷ ପର୍ଯ୍ୟନ୍ତ ଅନେକ ଏୟାରଇଣ୍ଡିଆ ବିମାନର ଅନୁପଲବ୍ଧତା ରହିପାରେ ବୋଲି ଉକ୍ତ ବିବୃତିରେ କୁହାଯାଇଛି।

### ଇସ୍ରାଏଲ୍ ଆକ୍ରମଣରେ ୬ ଖବରଦାତାଙ୍କ ମୃତ୍ୟୁ

ଗାଜା ସିଟି, ୧୧।୮

ଗାଜା ସିଟିରେ ଥିବା ଏକ ଟେଣ୍ଟ ଉପରେ ରବିବାର ଇସ୍ରାଏଲୀ ସେନା ବୋମାମାଡ଼ କରିବାରୁ ଅଲ୍ ଜଜିରାର ୫ ଜଣ ଖବରଦାତା ଓ ଜଣେ ମୁକ୍ତବୃତ୍ତ ଖବରଦାତାଙ୍କ ମୃତ୍ୟୁ ଘଟିଛି। ଅଲ୍ ଜଜିରାର ଜଣେ ଖ୍ୟାତନାମା ରିପୋର୍ଟରଙ୍କ ସମେତ ୨ ସାମ୍ବାଦିକ ଓ ୩ ଜଣ କ୍ୟାମେରାମ୍ୟାନଙ୍କ ନିହତ ହୋଇଥିବା ଉକ୍ତ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ସେହିପରି ପାଲେଷ୍ଟିନୀୟ ମୁକ୍ତବୃତ୍ତ ଖବରଦାତା ପ୍ରାଣ ହରାଇଥିବା ଗାଜାର ହସ୍ପିଟାଲ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଅଲ୍ ଜଜିରା ରିପୋର୍ଟର ଅନସ୍ ଅଲ୍-ଶରିଫ୍‌ଙ୍କୁ ହମାସ୍ ସ୍ୱୀକୃତ ଆତଙ୍କବାଦୀ ବୋଲି ଇସ୍ରାଏଲୀ ସେନା କହିବା ସହ ତାଙ୍କୁ ଟାର୍ଗେଟ କରିଥିଲା ବୋଲି ସ୍ୱୀକାର କରିଛି। ଗାଜାରେ ଇସ୍ରାଏଲ୍ ୨୨ ମାସ ହେଲା ଆକ୍ରମଣ ଚଳାଇଥିବାବେଳେ ଏଥିରେ ପ୍ରାୟ ୨୦୦ ଜଣ ଗଣମାଧ୍ୟମ କର୍ମଚାରୀଙ୍କ ମୃତ୍ୟୁ ଘଟିଲାଣି।

### ଫିଲିପାଇନ୍ସ ପାଟ୍ରୋଲ ବୋଟ୍‌କୁ ତଡ଼ିବା ବେଳେ ଚାଇନାର ୨ ଜାହାଜ ମଧ୍ୟରେ ଧକ୍କା

ମାନିଲା, ୧୧।୮

ଦକ୍ଷିଣ ଚାଇନା ସାଗରର ସ୍କାରବୋରୋ ଶୋଆଲ ନିକଟରେ ଫିଲିପାଇନ୍ସର ଏକ ପାଟ୍ରୋଲିଂ ବୋଟ୍‌କୁ ତଡ଼ିବା ବେଳେ ଚାଇନା ନୌସେନା ଜାହାଜ ଏବଂ ତଟସୁରକ୍ଷା ଜାହାଜ ପରସ୍ପର ସହ ଧକ୍କା ହୋଇଛନ୍ତି। ଏହି ଘଟଣାକୁ ନେଇ ଦକ୍ଷିଣ ଚାଇନା ସାଗରରେ ଉତ୍ତେଜନା ବଢ଼ିଛି। ଧକ୍କାହେବା ବେଳର ଭିଡିଓ ଫୁଟେଜ୍‌କୁ ଫିଲିପାଇନ୍ସ ତଟସୁରକ୍ଷା ବାହିନୀ ଦେଖାଇଛି। ଫିଲିପିନୋର ମତ୍ସ୍ୟଜୀବୀମାନଙ୍କୁ ସହାୟତା ପାଇଁ ଫିଲିପାଇନ୍ସ ତଟସୁରକ୍ଷା ବଳର ମାନବୀୟ ମିଶନ ବେଳେ ସେମାନଙ୍କ ବୋଟ୍‌କୁ ଚାଇନା ନୌସେନା ଓ ତଟସୁରକ୍ଷା ବାହିନୀର ଜାହାଜ ଗୋଡ଼ାଇ ତଡ଼ିଥିଲା। ଏହି ସମୟରେ ଉଭୟ ଜାହାଜ ମଧ୍ୟରେ ଧକ୍କାହେବାରୁ ତଟସୁରକ୍ଷା ଜାହାଜ କ୍ଷତିଗ୍ରସ୍ତ ହୋଇଛି।

## ଗୁଳିମାଡ଼ରେ ଆହତ କଲମ୍ବିଆ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ମୃତ୍ୟୁ


ମିଗୁଏଲ ଉରିବେ

ବୋଗୋଟା, ୧୧।୮

କଲମ୍ବିଆର ରାଷ୍ଟ୍ରପତି ପଦ ଆଶାୟୀ ତଥା ସିନେଟର ମିଗୁଏଲ ଉରିବେ (୩୯)ଙ୍କର ସୋମବାର ମୃତ୍ୟୁ ଘଟିଛି। ସେ କଲମ୍ବିଆର ଦକ୍ଷିଣପନ୍ଥୀ ବିରୋଧୀ ଦଳରୁ ସମ୍ଭାବ୍ୟ ରାଷ୍ଟ୍ରପତି ପ୍ରାର୍ଥୀ ଥିଲେ। ଜୁନ୍ ୭ରେ କଲମ୍ବିଆର ରାଜଧାନୀ ବୋଗୋଟାସ୍ଥିତ ଏକ ନିର୍ବାଚନୀ ରାଲିରେ ମିଗୁଏଲଙ୍କୁ ଟାର୍ଗେଟ କରି ଗୁଳିମାଡ଼ କରାଯାଇଥିଲା। ତାଙ୍କ ଶରୀରରେ ୩ଟି ଗୁଳି ବାଜିଥିଲା। ଏହି ମାମଲାରେ ବୋଗୋଟା ପୋଲିସ ୫ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଥିଲା। ମିଗୁଏଲଙ୍କୁ ହତ୍ୟା ପାଇଁ ଏଲ୍ଡର ଜୋସ୍ ଆର୍ଟିଆଗା ହର୍ନାଣ୍ଡେଜ୍ ଯୋଜନା ରଚିଥିଲେ ବୋଲି ପୋଲିସ କହିଥିଲା।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏମ୍‌ପିମାନଙ୍କ ପାଇଁ ନବନିର୍ମିତ ଫ୍ଲାଟ୍ ଉଦ୍‌ଘାଟନ କରୁଛନ୍ତି। ପାଖରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଉପସ୍ଥିତ ଅଛନ୍ତି।

## ଏମ୍‌ପିଙ୍କ ପାଇଁ ଫ୍ଲାଟ୍ ଉଦ୍‌ଘାଟନ କଲେ ମୋଦି

ନୂଆଦିଲ୍ଲୀ, ୧୧।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଏମ୍‌ପିମାନଙ୍କ ପାଇଁ ନବନିର୍ମିତ ବହୁତଳ ବିଶିଷ୍ଟ ଫ୍ଲାଟ୍ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଛନ୍ତି। ସାଂସଦମାନଙ୍କର ଏହି ନୂଆ ଆବାସିକ କମ୍ପ୍ଲେକ୍ସ ପରିସରରେ ଦେଶର ବିଭିନ୍ନ ଉତ୍ସବ ପାଳନ କରାଯିବା ସହ ପରିବେଶକୁ ସ୍ୱଚ୍ଛ ରଖିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ସଂସଦ ଭବନ ନିକଟବର୍ତ୍ତୀ ବାବା ଖରକ ସିଂ ମାର୍ଗରେ ନିର୍ମିତ ନୂଆ କମ୍ପ୍ଲେକ୍ସରେ ୧୮୪ଟି ଟାଇପ୍-୭ ବହୁମହଲା ଫ୍ଲାଟ୍ ରହିଛି। ଏମ୍‌ପିମାନଙ୍କ ପାଇଁ ବାସଭବନ ଅଭାବ ରହିଥିଲା ଓ ପ୍ରଥମ ଥର ସଂସଦକୁ ଆସିଥିବା ସଦସ୍ୟମାନେ ଘର ପାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଉପା ସରକାରର ୧୦ ବର୍ଷର ଶାସନ କାଳରେ କୌଣସି ନୂଆ ବାସଭବନ ନିର୍ମାଣ ହୋଇ ନ ଥିବାବେଳେ ତାଙ୍କ ସରକାର ୩୫୦ଟି ଫ୍ଲାଟ୍ ନିର୍ମାଣ କରିଥିବା ମୋଦି କହିଛନ୍ତି।

## ନିମିଶା ପ୍ରିୟା ମାମଲା: ମଧ୍ୟସ୍ଥତା ଦାବିକୁ ମୃତକଙ୍କ ଭାଇ ଖଣ୍ଡନ କଲେ

ସାନା, ୧୧।୮

ୟେମେନରେ ଫାଶୀ ଦଣ୍ଡାଦେଶ ପାଇଥିବା ଭାରତୀୟ ନର୍ସ ନିମିଶା ପ୍ରିୟା ମାମଲାରେ ଏକ ନୂତନ ମୋଡ଼ ସାମ୍ନାକୁ ଆସିଛି। ୨୦୧୭ରେ ନିମିଶା ହତ୍ୟା କରିଥିବା ୟେମେନର ବ୍ୟବସାୟୀ ତଲାଲ ଅବ୍‌ଦୋ ମହଦିଙ୍କ ଭାଇ ଅବଦୁଲ ଫତହ ମହଦି ନିମିଶାଙ୍କୁ ଯଥାଶୀଘ୍ର ଫାଶୀ ଦଣ୍ଡ ଦିଆଯାଉ ବୋଲି ପୁଣି ନିଜ ଦାବିକୁ ଦୋହରାଇଛନ୍ତି। ତଲାଲଙ୍କ ପରିବାର ସହ ମଧ୍ୟସ୍ଥତା କରିଥିବା ନେଇ କେରଳର ଧର୍ମଗୁରୁ କାନ୍ଥାପୁରମ ଏପି ଅବୁବକର ମୁସଲିୟାରଙ୍କ ଦାବିକୁ ସେ ଖାରଜ କରିଛନ୍ତି। ଏକ ଫେସ୍‌ବୁକ ପୋଷ୍ଟ କରି ଅବଦୁଲ ଲେଖିଛନ୍ତି, କୌଣସି ବ୍ୟକ୍ତିବିଶେଷ କିମ୍ବା ସଙ୍ଗଠନ ଦ୍ୱାରା ତାଙ୍କ ପରିବାର ସହ ମଧ୍ୟସ୍ଥତା ପାଇଁ ପ୍ରୟାସ କରାଯାଇନାହିଁ ଏବଂ ଆଗକୁ ମଧ୍ୟ ଏପରି ପ୍ରୟାସକୁ ତଲାଲଙ୍କ ପରିବାର ଗ୍ରହଣ କରିବ ନାହିଁ। ପ୍ରକାଶ



ଯେ, କିଛିଦିନ ତଳେ କେରଳର ଧର୍ମଗୁରୁ ଅବୁବକରଙ୍କ କାର୍ଯ୍ୟାଳୟ ପକ୍ଷରୁ ଦାବିକରି କୁହାଯାଇଥିଲା, ନିମିଶାଙ୍କ ଆଶ୍ୱସ୍ତି ପାଇଁ ଅବୁବକରଙ୍କ ମଧ୍ୟସ୍ଥତା ଉଦ୍ୟମ ସଫଳ ହୋଇଛି ଏବଂ ୟେମେନ କର୍ତ୍ତୃପକ୍ଷ ନିମିଶାଙ୍କ ଫାଶୀକୁ ରଦ୍ଦ କରିଛନ୍ତି। ତେବେ ନିମିଷାଙ୍କ ଫାଶୀ ଦଣ୍ଡ ରଦ୍ଦ ସମ୍ପର୍କିତ କୌଣସି ଘୋଷଣା ୟେମେନ କର୍ତ୍ତୃପକ୍ଷ କରିନାହାନ୍ତି ବୋଲି ଭାରତ ସରକାରଙ୍କ ପକ୍ଷରୁ ପରେ ସ୍ପଷ୍ଟ କରାଯାଇଥିଲା।

## ଭୋଟର ତାଲିକା ମନ୍ତବ୍ୟକୁ ନେଇ କର୍ନାଟକ ମନ୍ତ୍ରୀଙ୍କ ଇସ୍ତଫା

ବେଙ୍ଗାଲୁରୁ, ୧୧।୮

କଂଗ୍ରେସର ଭୋଟର ତାଲିକା ଜାଲିଆତି ଅଭିଯୋଗକୁ ନେଇ ମନ୍ତବ୍ୟ ଦେଇଥିବା କର୍ନାଟକ ମନ୍ତ୍ରୀ କେ.ଏନ୍. ରାଜନ୍ନା ସୋମବାର ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ଅନୁଗତ ଭାବେ ଜଣାଶୁଣା ରାଜନ୍ନା ପୂର୍ବରୁ କହିଥିଲେ, ଭୋଟର ତାଲିକାରେ ଅନିୟମିତତା ହୋଇଥିବା ନେଇ କଂଗ୍ରେସ ଶିବିର ଯେଉଁ ଅଭିଯୋଗ ଉଠାଇଛି, ତାହା ରାଜ୍ୟରେ କଂଗ୍ରେସ କ୍ଷମତାରେ ଥିବାବେଳେ ହିଁ ହୋଇଥିଲା। ତାଙ୍କର ଏଭଳି ମନ୍ତବ୍ୟ ଦଳକୁ ଆଘାତ ଦେଇଥିବାବେଳେ ବିଧାନ ସୌଧରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ପରେ ସେ ତାଙ୍କ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି।

## ଲୋକ ସଭାରେ ଆୟକର ବିଲ୍ ଗୃହୀତ

### ମଣିପୁର ବଜେଟ, ଜିଏସ୍‌ଟି ବିଲ୍‌କୁ ଫେରାଇଦେଲା ରାଜ୍ୟ ସଭା

ନୂଆଦିଲ୍ଲୀ, ୧୧।୮

ଲୋକ ସଭାରେ ବିପକ୍ଷ ଦଳଗୁଡ଼ିକର ହଟ୍ଟଗୋଳ ମଧ୍ୟରେ ସୋମବାର ଗୁରୁତ୍ୱପୂର୍ଣ୍ଣ ଆୟକର (ନଂ.୨) ବିଲ୍ ଏବଂ ଟ୍ୟାକ୍ସେଶନ ଲ' (ସଂଶୋଧନ) ବିଲ୍ ଗୃହୀତ ହୋଇଛି। ୧୯୬୧ର ଆୟକର ଆଇନକୁ ଅଧିକ ସୁଦୃଢ଼ କରିବା ସହ ଏଥିରେ ସଂଶୋଧନ ପାଇଁ ଆୟକର (ନଂ.୨) ବିଲ୍, ୨୦୨୫ ଅଣାଯାଇଥିଲା। ଭାଜପା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ସିଲେକ୍ଟ କମିଟିର ସୁପାରିସକ୍ରମେ ବିଲ୍‌ରେ ସଂଶୋଧନ କରାଯାଇଛି। ଆୟକର ଆଇନ, ୧୯୬୧ ଏବଂ ଫାଇନାନ୍ସ ଆଇନ, ୨୦୨୫ରେ ସଂଶୋଧନ ପାଇଁ ଟ୍ୟାକ୍ସେଶନ ଲ' (ସଂଶୋଧନ) ବିଲ୍ ଅଣାଯାଇଛି। ୟୁନିଫାଏଡ୍ ପେନ୍‌ସନ ଯୋଜନାର ହିତାଧିକାରୀଙ୍କୁ ଟିକସରୁ ବାଦ୍ ଦେବା ଏହାର ଲକ୍ଷ୍ୟ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଉଭୟ ବିଲ୍‌କୁ ଆଗତ କରିଥିଲେ। ଏହା ବ୍ୟତୀତ ବହୁ ପ୍ରତୀକ୍ଷିତ ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ ଏବଂ ଆଣ୍ଟି-ଡୋପିଂ (ସଂଶୋଧନ) ବିଲ୍ ମଧ୍ୟ ଲୋକ ସଭାର ଅନୁମୋଦନ ଲାଭ କରିଛି। ସ୍ୱାଧୀନତା ପରେ କ୍ରୀଡ଼ା କ୍ଷେତ୍ରରେ ଏହା ସବୁଠୁ ବଡ଼ ଏକକ ସଂସ୍କାର ବୋଲି ବିଭାଗୀୟ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି।

ଅନ୍ୟପକ୍ଷରେ ବିହାର ଏସ୍‌ଆଇଆର୍ ପ୍ରସଙ୍ଗକୁ ନେଇ ବିରୋଧୀ ହଟ୍ଟଗୋଳ ଚଳାଇଥିବାବେଳେ ରାଜ୍ୟ ସଭା ସୋମବାର ମଣିପୁର ବଜେଟ ଏବଂ ମଣିପୁର ଜିଏସ୍‌ଟି (ସଂଶୋଧନ) ବିଲ୍‌କୁ ଫେରାଇ ଦେଇଛି।

## 'ଦିଲ୍ଲୀ-ଏନ୍‌ସିଆର୍‌ରେ ବୁଲା କୁକୁରଙ୍କୁ ଆଶ୍ରୟସ୍ଥଳ ପଠାଅ'

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

### ପ୍ରାଣୀ ଅଧିକାର କର୍ମୀଙ୍କ ବିରୋଧ

ନୂଆଦିଲ୍ଲୀ, ୧୧।୮

ଦିଲ୍ଲୀ ଏନ୍‌ସିଆର୍‌ରେ ବୁଲା କୁକୁରଙ୍କ ବଢ଼ୁଥିବା ଉପଦ୍ରବ ଏବଂ ରାବିଜ୍ ରୋଗରେ ପୀଡ଼ିତ ହୋଇ ବର୍ଦ୍ଧିତ ମୃତ୍ୟୁ ମାମଲାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ଏନ୍‌ସିଆର୍‌ରେ ଥିବା ସମସ୍ତ ବୁଲା କୁକୁରଙ୍କୁ ୮ ସପ୍ତାହ ମଧ୍ୟରେ ବିଭିନ୍ନ ଆବାସିକ ଅଞ୍ଚଳରୁ ଉଠାଇ ଆଶ୍ରୟସ୍ଥଳରେ ରଖିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ବ୍ୟକ୍ତି କିମ୍ବା ସଙ୍ଗଠନ ଏହି କାର୍ଯ୍ୟରେ ବାଧା ସୃଷ୍ଟି କରନ୍ତି



ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଦେଇଛନ୍ତି। ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ଜଷ୍ଟିସ୍ ଆର୍ ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଜନହିତକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶକୁ କୌଣସି ପ୍ରକାରର ଭାବନା ସହ ଯୋଡ଼ାଯିବା ଉଚିତ ନୁହେଁ। ପ୍ରାଣୀ ଅଧିକାର କର୍ମୀମାନେ ନିଶ୍ଚିତ ଭାବେ ଏପରି ନିର୍ଦ୍ଦେଶକୁ ବିରୋଧ କରିବେ। ସେମାନେ ରାବିଜ୍ ରୋଗରେ ପ୍ରାଣ ହରାଇଥିବା ପିଲାଙ୍କ ଜୀବନକୁ ଫେରାଇ ଆଣିପାରିବେ କି ବୋଲି ଶୁଣାଣି ସମୟରେ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷେ, ସୁପ୍ରିମକୋର୍ଟଙ୍କ ଏପରି ନିର୍ଦ୍ଦେଶକୁ ନେଇ ଅନେକ ପଶୁ ପ୍ରେମୀ ଏବଂ ପ୍ରାଣୀ ସଙ୍ଗଠନ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରିଛନ୍ତି। ପ୍ରାଣୀ ଅଧିକାର କର୍ମୀ ଗୌରୀ ମୌଲେଖି କହିଛନ୍ତି, ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ପ୍ରାୟ ୧୦ ଲକ୍ଷ ବୁଲାକୁକୁରଙ୍କୁ ପ୍ରଭାବିତ କରିବ। ଏହା ଅତ୍ୟନ୍ତ ଦୁଃଖଦ। ସୁପ୍ରିମକୋର୍ଟ ଅନ୍ୟ ପକ୍ଷକୁ ନ ଶୁଣି ଏପରି ଏକତରଫା ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରାଯିବ ବୋଲି ସେ କହିଛନ୍ତି। ସେହିପରି ପ୍ରାଣୀ ଅଧିକାର ସଙ୍ଗଠନ ପେଟା ଇଣ୍ଡିଆ ପକ୍ଷରୁ ମଧ୍ୟ ଏକ ବିବୃତି ଜାରିକରି ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ସମାଲୋଚନା କରାଯାଇଛି। ବୁଲା କୁକୁରଙ୍କୁ ବିଭିନ୍ନ ଗଳିକନ୍ଦିରୁ ହଟାଇ ଆଶ୍ରୟସ୍ଥଳକୁ ପଠାଇବା ଏକ ଅବୈଜ୍ଞାନିକ ପଦକ୍ଷେପ ଏବଂ ସମାଜ ଉପରେ ଏହାର ଲାଭ ଅତ୍ୟନ୍ତ କ୍ଷୀଣ ବୋଲି ପେଟା ଇଣ୍ଡିଆ କହିଛି।

## ଫୁରସତ୍

# ଭାସମାନ ଗ୍ରାମ

### ପାଣିରେ ରହୁଛନ୍ତି ୨୦ ହଜାର ଲୋକ

ପୋର୍ଟୋ-ନୋଭୋ

ପଶ୍ଚିମ ଆଫ୍ରିକୀୟ ଦେଶ ବେନିନ୍‌ରେ ଏପରି ଏକ ଗ୍ରାମ ରହିଛି, ଯାହା ନିଜର ଅନନ୍ୟ ଗଠନ ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ। ଦକ୍ଷିଣ ବେନିନ୍‌ର ବନ୍ଦର ସହର କୋଟୋନୁ ନିକଟରେ ଥିବା ନୋକୋଉ ହ୍ରଦର ମଧ୍ୟଭାଗରେ ଏହି ଗ୍ରାମ ଅବସ୍ଥିତ। ଉକ୍ତ ଗ୍ରାମର ନାମ ଗାନ୍‌ଭି ହୋଇଥିବା ବେଳେ ଏହାକୁ ଭାସମାନ ଗ୍ରାମ ବୋଲି ମଧ୍ୟ କୁହାଯାଇଥାଏ।

୨୦ ହଜାର ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମ ପର୍ଯ୍ୟଟକଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ। ଏହି ଗ୍ରାମର ଇତିହାସ ଅତ୍ୟନ୍ତ ଯନ୍ତ୍ରଣାଦାୟକ। ସପ୍ତଦଶ ଶତାବ୍ଦୀରେ ଟୋଫିନୁ ଜନଜାତିର ଲୋକମାନେ ଏହି ସ୍ଥାନରେ ବସତି ସ୍ଥାପନ କରିବା ଆରମ୍ଭ କରିଥିଲେ। ଫୋନ୍ ଜନଜାତିର ଲୋକଙ୍କ ଆକ୍ରମଣ ଭୟରେ ସେମାନେ ନୋକୋଉ ହ୍ରଦର



ମଧ୍ୟଭାଗରେ ବସବାସ କରିବାକୁ ନିଷ୍ପତ୍ତି ନେଇଥିଲେ। ଫୋନ୍ ଜନଜାତିର ଲୋକଙ୍କ ଧର୍ମ ସେମାନଙ୍କୁ ପାଣି ଭିତରକୁ ଯିବାପାଇଁ ଅନୁମତି ଦେଉ ନ ଥିଲା। ଏହି କାରଣରୁ ଟୋଫିନୁ ଜନଜାତିର ଲୋକେ ନୋକୋଉ ହ୍ରଦକୁ ନିଜର ନିରାପଦ ସ୍ଥାନ ବୋଲି ବିବେଚନା କରିଥିଲେ ଏବଂ ସେଠାରେ ଘର ତିଆରି କରି ଜନବସତି ଆରମ୍ଭ କରିଥିଲେ। ଗତ ପ୍ରାୟ ୫୦୦ ବର୍ଷ ଧରି ଗାନ୍‌ଭି ଗ୍ରାମରେ ଟୋଫିନୁ ଜନଜାତିର ଲୋକମାନେ ଏକ ସମୃଦ୍ଧ ସଂସ୍କୃତି ଏବଂ ଜୀବନଶୈଳୀକୁ ବିକଶିତ କରିଛନ୍ତି। ଗାଁରେ ନିର୍ମିତ ସମସ୍ତ ଘର, ଦୋକାନ ଏବଂ ହୋଟେଲ ହ୍ରଦର ପାଣିଠାରୁ କିଛି ଫୁଟ ଉଚ୍ଚରେ କାଠ ସ୍ତମ୍ଭରେ ନିର୍ମିତ। ଗାନ୍‌ଭି ଗ୍ରାମରେ ଏକ ଭାସମାନ ବଜାର ମଧ୍ୟ ରହିଛି, ଯେଉଁଠାରେ ଗାଁର ମହିଳାମାନେ ସେମାନଙ୍କର ବିଭିନ୍ନ ଜିନିଷପତ୍ରଗୁଡ଼ିକୁ ବିକ୍ରି କରିଥାନ୍ତି। ତେବେ ପୂରା ଗାଁରେ କେବଳ ଗୋଟିଏ ମାତ୍ର ଜମି ରହିଛି, ଯେଉଁଠାରେ ଗ୍ରାମର ପିଲାମାନଙ୍କ ପାଇଁ ସ୍କୁଲ ନିର୍ମାଣ କରାଯାଇଛି। ଗାଁର ଲୋକେ ଡଙ୍ଗା ସାହାଯ୍ୟରେ ହ୍ରଦ କୂଳକୁ ଯାଇ ସେଠାରୁ ମାଟି ଆଣି ଏହି ଜମିକୁ ନିର୍ମାଣ କରିଥିଲେ।

ଗାନ୍‌ଭି ଗ୍ରାମର ଅଧିକାଂଶ ଲୋକ ନିଜର ଆୟ ପାଇଁ ମାଛ ଧରିବା ଏବଂ ପର୍ଯ୍ୟଟନ ଉପରେ ନିର୍ଭର କରିଥାନ୍ତି। ମତ୍ସ୍ୟଜୀବୀମାନେ ବାଉଁଶ ଏବଂ ଜାଲ ସାହାଯ୍ୟରେ ପାଣି ତଳେ ବାଡ଼ ତିଆରି କରି ମାଛ ଧରି ନିଜ ଜୀବିକା ନିର୍ବାହ କରନ୍ତି। ଗାଁରେ କେତେଜଣ ଲୋକ ପୋଷା ପ୍ରାଣୀ ମଧ୍ୟ ରଖିଛନ୍ତି। ପାଣିରେ ବଢ଼ିଥିବା ଛୋଟ ଘାସ ଖଣ୍ଡ ଉପରେ ଏହି ପୋଷା ପ୍ରାଣୀଗୁଡ଼ିକୁ ରଖାଯାଇଥାଏ। ପର୍ଯ୍ୟଟକଙ୍କ ପାଇଁ ଗାନ୍‌ଭି ଗ୍ରାମରେ କେତେକ ରେଷ୍ଟୁରାଣ୍ଟ ଏବଂ ହୋଟେଲ ମଧ୍ୟ ରହିଛି, ଯେଉଁଠାରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ତାଜା ମାଛ ଖାଇବାକୁ ମିଳିଥାଏ।

## ଭାରତରେ ରିଲିଜ୍ ହେବନି 'ଅବିର ଗୁଲାଲ୍'

ନୂଆଦିଲ୍ଲୀ

ପାକିସ୍ତାନୀ ଅଭିନେତା ଫୱାଦ୍ ଖାନ୍‌ଙ୍କ କାଷ୍ଟିଂକୁ ନେଇ ବିବାଦଘେରରେ ଥିବା 'ଅବିର ଗୁଲାଲ୍' ଫିଲ୍ମ ଆସନ୍ତା ୨୯ ତାରିଖରେ ବିଶ୍ୱବ୍ୟାପୀ ରିଲିଜ୍ ହେବ। ତେବେ ଏହି ଫିଲ୍ମଟି ଭାରତରେ ରିଲିଜ୍ କରାଯିବନାହିଁ। ଏକ ରିପୋର୍ଟ ଅନୁଯାୟୀ, ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଜାରି ରହିଥିବା କୂଟନୈତିକ ବିବାଦ ଲାଗି 'ଅବିର ଗୁଲାଲ୍'କୁ ଭାରତରେ ରିଲିଜ୍ ନ କରିବାକୁ ଏହାର ନିର୍ମାତା ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଗତ ମେ'୯ରେ ଏହି ଫିଲ୍ମ ଭାରତରେ ରିଲିଜ୍ ହେବ ବୋଲି ସ୍ଥିର ହୋଇଥିଲା। ତେବେ ପହଲଗାମ୍ ଆତଙ୍କବାଦ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କ ବିଗିଡ଼ିଯିବାରୁ ଭାରତ ସରକାର ଦେଶରେ ପାକିସ୍ତାନୀ କଳାକାରଙ୍କ ଅଭିନୟକୁ ନିଷିଦ୍ଧ କରିବା ସହ 'ଅବିର ଗୁଲାଲ୍' ଫିଲ୍ମର ରିଲିଜ୍ ଉପରେ ରୋକ୍ ଲଗାଇଥିଲେ। ଆରତି ଏସ୍. ବାଗଡ଼ିଙ୍କ ନିର୍ଦ୍ଦେଶିତ ଏହି ରୋମାଣ୍ଟିକ୍ କମେଡି ଫିଲ୍ମରେ ଫୱାଦ୍‌ଙ୍କ ବିପକ୍ଷରେ ବଲିଉଡ୍ ଅଭିନେତ୍ରୀ ବାଣୀ କପୁର ନଜରକୁ ଆସିବେ। ତେବେ ଫୱାଦ୍‌ଙ୍କ ବିପକ୍ଷରେ ଅଭିନୟ କରିଥିବାରୁ ବାଣୀଙ୍କ ଅନ୍ୟାନ୍ୟ ଫିଲ୍ମକୁ ବୟକଟ୍ କରିବାକୁ ପରବର୍ତ୍ତୀ ସମୟରେ କେତେଜଣ ୟୁଜର୍ସ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ ଚଳାଇଥିଲେ।


ବାଣୀ କପୁର




# ୩ଜିଲାରେ ବର୍ଷିଲା, ଅତିଷ୍ଠ କଲା ଗୁଳୁଗୁଳି

ଭୁବନେଶ୍ୱର,୧୧।୮ (ଅନୁରାଧା ମହାରଣା)

ରାଜ୍ୟରେ ଏବେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଛି। ସୋମବାର କେନ୍ଦୁଝର, ବାଲେଶ୍ୱର ଓ କନ୍ଧମାଳର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବାବେଳେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ଖରା ସହ ଗୁଳୁଗୁଳି ଅନୁଭୂତ ହୋଇଛି। ୧୫ ଜିଲାରେ ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ରହିଥିବାବେଳେ ବୌଦ୍ଧରେ ସର୍ବାଧିକ ତାପମାତ୍ରା ୩୭.୮ ଡିଗ୍ରୀ, ଭବାନୀପାଟଣାରେ ୩୭.୫ ଡିଗ୍ରୀ ଏବଂ ସମ୍ବଲପୁରରେ ୩୬. ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ୧୩ ତାରିଖ ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପଜନିତ ବର୍ଷା ନେଇ ୧୩ ଓ ୧୪ ତାରିଖ ପାଇଁ ବିଭିନ୍ନ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ୧୬ ତାରିଖ ଯାଏ ରାଜ୍ୟରେ ବର୍ଷା ଜାରି ରହିବ। ମଙ୍ଗଳବାର ରାଜ୍ୟରେ ବଜ୍ରପାତ ସହ ବର୍ଷା ହେବ। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲାର କିଛି ସ୍ଥାନରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ଏକା ବଂଶରେ ପ୍ରେମ କରିବାରୁ ପ୍ରେମୀ ଯୁଗଳଙ୍କୁ ଦଣ୍ଡ

ବନ୍ଧୁଗାଁ,୧୧।୮ (ବେଣୁଧର ଲାବାଲା)

## ଲଙ୍ଗଳ ଦେଇ ହଳ କରାଇଲେ ଗ୍ରାମବାସୀ

ପରମ୍ପରା ଆଗରେ ପ୍ରଶାସନର ଜନ ସଚେତନତା ପଛରେ ପଡ଼ିଛି। ଏପରି ଅମାନବୀୟ କାର୍ଯ୍ୟକଳାପକୁ ରୋକିବାକୁ ସରକାରୀ ସ୍ତରରେ ଚେଷ୍ଟା ଚାଲିଥିବା ବେଳେ କମୁନି ଅନ୍ଧବିଶ୍ୱାସ। କିଛି ଦିନ ତଳେ ରାୟଗଡ଼ା ଜିଲାର କଞ୍ଚାମଯୋଡ଼ି ଓ କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ୍ ପେଦା ଇଟିକି ଗାଁରେ ବଳଦ ଦଣ୍ଡ ଭଳି ଅସାମାଜିକ ବ୍ୟବସ୍ଥାର ନିଦର୍ଶନ ଦେଖିବାକୁ ମିଳିଥିଲା। ପୁଣି ରବିବାର କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ୍ ଆଲମଣ୍ଡା ପଞ୍ଚାୟତ ଓଡ଼ିଶା ଓ ଆନ୍ଧ୍ର ସୀମାନ୍ତ ଚିଡିବାଲସା ଗାଁରେ ଏଭଳି ଘଟଣାର ପୁନରାବୃତ୍ତି ଘଟିଛି।

ଉକ୍ତ ଗାଁର ଏକା ବଂଶର ସମ୍ପର୍କୀୟ ଭଉଣୀ ଭାଇ ପରସ୍ପରକୁ ଭଲ ପାଇ ପୁଅ ଘରକୁ ଚାଲିଯାଇଥିଲେ। ଆଦିବାସୀ ପରମ୍ପରା ଅନୁସାରେ ଏହା ନିୟମର ଖିଲାପ ହୋଇଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରି ପ୍ରେମୀ ଯୁଗଳଙ୍କୁ ଦଣ୍ଡିତ କରିଛନ୍ତି। ସେମାନଙ୍କୁ ଲଙ୍ଗଳ ଦେଇ ଗାଁ ଦାଣ୍ଡରେ ହଳ କରାଇଛନ୍ତି। ରବିବାର ସକାଳେ ଗାଁର ମୁଖିଆ ଜାନି ଓ ଅନ୍ୟମାନେ ଉପସ୍ଥିତ ରହି ପ୍ରେମୀ ଯୁଗଳ ପରମ୍ପରା ଭାଙ୍ଗିଥିବାରୁ ଗାଁ ମଝିରେ ଥିବା ମଣ୍ଡପରେ ଲଙ୍ଗଳ ଦେଇ ହଳ କରାଇଥିଲେ। ସୂଚନା ଅନୁଯାୟୀ, ଯୁବକଙ୍କ ଦ୍ୱାରା ଲଙ୍ଗଳ ଟାଣିବା ପରେ ଯୁବତୀ ଲଙ୍ଗଳରେ ପାଣି ପକାଇଥାନ୍ତି। ଏହିପରି ତିନିଥର ଲଙ୍ଗଳ ଯୁଆଳି ବୁଲାଇବା ପରେ ଗାଁର ମୁଖିଆମାନେ ଯୁବକଙ୍କୁ ଘରକୁ ନେଇ ଛାଡ଼ିଥାନ୍ତି। ଏହାପରଠାରୁ ପ୍ରେମୀ ଯୁଗଳ ବିନା ଦ୍ୱିଧାରେ ସ୍ୱାମୀ ସ୍ତ୍ରୀ ଭାବେ ସମାଜରେ ରହିପାରିବେ ବୋଲି ଶୁଣାଣି କରିଥାନ୍ତି। ପ୍ରେମୀ ଯୁଗଳଙ୍କୁ ବଳଦ ଦଣ୍ଡ ଦେବା ଘଟଣା ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ସ୍ଥାନୀୟ ତହସିଲଦାର ସୋନାଲି ପାତ୍ର, ଆଇଆଇସି ପ୍ରସନ୍ନ କୁମାର ମିଶ୍ର, ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ବିଡିଓ ମିନତି ଜଗଦେବ, ସିଡିପିଓ ଗୀତାଞ୍ଜଳି ମହାରଣା ଓ ସରପଞ୍ଚ ଗୌରୀ ମେଲେକା ଗାଁରେ ପହଞ୍ଚିଥିଲେ। ପ୍ରେମୀ ଯୁଗଳଙ୍କ ସମେତ ୱାର୍ଡମେମ୍ବର ବାଙ୍ଗୁରୁ କଲେକା ଓ ଗ୍ରାମବାସୀଙ୍କୁ ଏଭଳି ଦଣ୍ଡ ଦେବା ଆଇନ ଅନୁସାରେ ଅପରାଧ ବୋଲି କହିଥିଲେ। ଭବିଷ୍ୟତରେ ଏହିପରି ଗାଁ କିମ୍ବା ଆଖପାଖରେ ନ ଘଟାଇବା ନେଇ ସଚେତନ କରିଥିଲେ। ବନ୍ଧୁଗାଁ ପୋଲିସ ନିଜ ତରଫରୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ମିଶ୍ର ସୂଚନା ଦେଇଛନ୍ତି।



ପ୍ରେମୀ ଯୁଗଳ ଗାଁ ଦାଣ୍ଡରେ ହଳ କରୁଛନ୍ତି।

# ଆତ୍ମହତ୍ୟା ସମସ୍ୟାର ସମାଧାନ ନୁହେଁ: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୧୧।୮ (ସୁନିତ୍ ମିଶ୍ର)

ଜୀବନକୁ ଶେଷ କରି ଯେଉଁ କଥାର ସମାଧାନ ନାହିଁ ସେହି ରାସ୍ତାକୁ ଅନ୍ତତଃ କେହି ନ ଆଦରନ୍ତୁ ଏବଂ ଆତ୍ମହତ୍ୟା ସମସ୍ୟାର ସମାଧାନ ନୁହେଁ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଆତ୍ମହତ୍ୟାର ସମାଧାନ ଲାଗି ବିଭିନ୍ନ ବର୍ଗର ମୁଖିଆ ରହିଛନ୍ତି। କୌଣସି କାରଣରୁ କେହି ଯଦି ପୀଡ଼ିତା କିମ୍ବା ପୀଡ଼ିତ ଅଛନ୍ତି ସେମାନଙ୍କୁ ଅନୁରୋଧ ସେମାନେ ଆଇନର ଆଶ୍ରୟ ନିଅନ୍ତୁ। କୌଣସି ଜାଗାରେ ସେଭଳି କିଛି ଅସୁବିଧା ହେଲେ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୁଆର ଖୋଲା ଅଛି। ସମସ୍ୟାର ସମାଧାନ କରିବା ଲାଗି ସେ ବିଷୟରେ କଥାବାର୍ତ୍ତା ହେବା ଆଦି ବିଷୟକୁ ପ୍ରାଥମିକତା ଦିଆଯିବ। ଏଭଳି ପଦକ୍ଷେପ କିପରି ଲୋକମାନେ ନ ନେବେ ସେଥିପାଇଁ ସରକାର ପ୍ରକ୍ରିୟା ଆଗକୁ ଜାରି ରଖିଛନ୍ତି ବୋଲି ହରିଚନ୍ଦନ କହିଛନ୍ତି। ସେ ପୁଣି କହିଛନ୍ତି ଯେ, ଆତ୍ମହତ୍ୟା ଭଳି ଘଟଣା ବଢୁଥିବା ବେଳେ ସେଭଳି ସମସ୍ୟାର ସମାଧାନ ନୁହେଁ ନିରାକରଣ କିପରି ହେବ ସେଥିଲାଗି ସରକାର ପଦକ୍ଷେପ ନେଉଛନ୍ତି। ବିରୋଧୀଙ୍କ କାମ ହେଉଛି ସତ ଆଉ ମିଛ କହି ଟାର୍ଗେଟ କରିବେ। ବିଭିନ୍ନ କାରଣରୁ ଲୋକମାନେ ଯେଉଁ ଜୀବନ ହାନି କରୁଛନ୍ତି ସେକଥା କିପରି ନ ହେବ ସେଥିଲାଗି ସରକାର ଚିନ୍ତା କରୁଛନ୍ତି। ଯେଉଁ ସ୍ଥାନରେ କୌଣସି ସମସ୍ୟା ନେଇ ପୀଡ଼ିତା କିମ୍ବା ପୀଡ଼ିତଙ୍କ ଅଭିଯୋଗ ରଖାଯାଉନି ସେଠାରେ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ଆହୁରି ନିଆଯିବ।

## ସରକାର ଉପରୁ ଭରସା ଓ ବିଶ୍ୱାସ ହରାଇଲେଣି ରାଜ୍ୟବାସୀ: ବିଜେଡି

ଆଇନ ମନ୍ତ୍ରୀ ପ୍ରତିକ୍ରିୟାର ଜବାବରେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ଆତ୍ମାହୁତି କୌଣସି ସମସ୍ୟାର ସମାଧାନ ନୁହେଁ ବୋଲି ପାଠ ପଢାଉଥିବା ଆଇନ ମନ୍ତ୍ରୀ ମନେ ରଖିବା ଉଚିତ ଭାଜପା ସରକାର ଉପରୁ ରାଜ୍ୟବାସୀ ଭରସା ଓ ବିଶ୍ୱାସ ହରାଇଛନ୍ତି। ବାଲେଶ୍ୱର, ବଳଙ୍ଗା ଓ ପଞ୍ଚାମୁଣ୍ଡାଇ ଛାତ୍ରୀ ମୃତ୍ୟୁ ଘଟଣା ଲୋକଙ୍କ ମନରୁ ନଲିଭୁଣୁ ପୁଣି ବରଗଡ ଜିଲାରେ ଜଣେ ଛାତ୍ରୀଙ୍କ ଦୁଃଖଦ ମୃତ୍ୟୁ ସରକାରଙ୍କ ବ୍ୟବସ୍ଥାଗତ ବିଫଳତାକୁ ସୂଚାଉଛି। ପୀଡ଼ିତାଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ ସମସ୍ତ ଦ୍ୱାର ଖୋଲାଥିବା କଥା କହୁଥିବା ଆଇନ ମନ୍ତ୍ରୀ ବୁଝିବା ଉଚିତ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ଶାସକ ଭାଜପାର ଛାତ୍ର ସଙ୍ଗଠନ ଏବିଭିପିର ଜଣେ ଛାତ୍ରୀ ନ୍ୟାୟ ପାଇବା ପାଇଁ ସରକାରଙ୍କୁ ସବୁ ସ୍ତରରେ ନିବେଦନ କରି ଯଦି ନ୍ୟାୟ ପାଇପାରିଥାନ୍ତେ ତାହା ହେଲେ ଏକ ମୂଲ୍ୟବାନ ଜୀବନ ରକ୍ଷା ହୋଇପାରିଥାନ୍ତା। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ସରକାରଙ୍କ ଏହି ବିଫଳତାକୁ ସ୍ୱୀକାର କରନ୍ତୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ବିଭିନ୍ନ କାରଣକୁ ନେଇ ରାଜ୍ୟର ବିଭିନ୍ନ ଜିଲାରୁ ବହୁଜଣ ଆତ୍ମହତ୍ୟା କରୁଥିବା ଲକ୍ଷ୍ୟ କରାଯାଉଛି। ବାଲେଶ୍ୱର ଜିଲାର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଘଟଣା ରାଜ୍ୟବାସୀଙ୍କୁ ଚକିତ କରିଦେଇଥିଲା। ଏହାପରଠାରୁ ବହୁ ସ୍ଥାନରେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଘଟଣା ବାରମ୍ବାର ନଜରକୁ ଆସିଛି।




## ବିଶ୍ୱ ହସ୍ତୀ ଦିବସ ଉପଲକ୍ଷେ

### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

'ବିଶ୍ୱ ହସ୍ତୀ ଦିବସ' ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଉଛି।

ହାତୀ ଆମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ, ଗୌରବ ଓ ଅରଣ୍ୟ ପରିତନ୍ତ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରୁ ଆରମ୍ଭକରି ଓଡ଼ିଶାର ଗୌରବୋଜ୍ଜ୍ୱଳ ଇତିହାସର ସ୍ୱର୍ଣ୍ଣିମ ସ୍ୱାକ୍ଷର କୋଣାର୍କ ଯାଏ ସବୁଠାରେ ହାତୀ ପରିଦୃଷ୍ଟ। ଜୈବବିବିଧତାର ସୁରକ୍ଷାରେ ହାତୀର ମହତ୍ତ୍ୱପୂର୍ଣ୍ଣ ଭୂମିକା ତାକୁ 'ପରିବେଶ ଯନ୍ତ୍ରୀ' ଭାବେ ଗ୍ରହଣ କରାଯାଇଛି । ଆମ ଜଙ୍ଗଲର ସ୍ୱାସ୍ଥ୍ୟ ଓ ସମୃଦ୍ଧି ଏହି 'ପରିବେଶ ଯନ୍ତ୍ରୀ' ଉପରେ ବହୁଳ ଭାବେ ନିର୍ଭରଶୀଳ । ବିଭିନ୍ନ କାରଣ ପାଇଁ ବୈଶ୍ୱିକସ୍ତରରେ ଅବକ୍ଷୟମୁଖି ହାତୀମାନଙ୍କର ସଂରକ୍ଷଣ କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ ।

ଆମ ସରକାର ହାତୀମାନଙ୍କ ନିରାପଦ ଭବିଷ୍ୟତ ପାଇଁ ଦୃଢ଼ ପ୍ରତିଶୃତିବଦ୍ଧ । ସେଥିପାଇଁ ସେମାନଙ୍କ ବାସସ୍ଥଳୀର ସୁରକ୍ଷା ଓ ସମୃଦ୍ଧିକରଣ ସହ ବୈଜ୍ଞାନିକ ପଦ୍ଧତିରେ ମଣିଷ-ହାତୀ ସଂଘର୍ଷ ହ୍ରାସକରିବା ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି । ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ବିଭିନ୍ନ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଉଛି, ସେଥିମଧ୍ୟରୁ ଅନୁକମ୍ପାମୂଳକ ସହାୟତାରାଶିର ଅଭିବୃଦ୍ଧି ଅନ୍ୟତମ ।

ସମସ୍ତଙ୍କର ମିଳିତ ପ୍ରୟାସ ଦ୍ୱାରା ଭାରତବର୍ଷର ଜାତୀୟ ଐତିହ୍ୟ ପ୍ରାଣୀକୁ ସୁରକ୍ଷିତ ରଖିପାରିବା । ଆସନ୍ତୁ, ଏହି ଅବସରରେ ଆମେ ସମସ୍ତେ ମିଳି ମିଶି ହାତୀସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହେବା ।

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL-202 OIPR 08141/13/0010/2526



ଗଣେଶ ରାମ ସିଂଖୁଣ୍ଟିଆ
ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ)
ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ,
ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ, ଓଡ଼ିଶା

## ବିଶ୍ୱ ହସ୍ତୀ ଦିବସ ଅବସରରେ

### ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବାର୍ତ୍ତା

ବିଶ୍ୱ ହସ୍ତୀ ଦିବସର ଏହି ସୁଅବସରରେ, ମୁଁ ରାଜ୍ୟର ସମସ୍ତ ଜନସାଧାରଣ, ବନ୍ୟପ୍ରାଣୀପ୍ରେମୀ ଓ ନିଷ୍ଠାପର ବନ କର୍ମଚାରୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଆମ ରାଜ୍ୟ ଓଡ଼ିଶା, ଦେଶର ଅନ୍ୟତମ ହାତୀ ବହୁଳ ରାଜ୍ୟ । ଆମ ସୁସ୍ଥ ଜଙ୍ଗଲ ପରିତନ୍ତ୍ରର ଏକ ସୁଦୃଢ଼ ମୂଳଦୁଆ ହେଉଛି ହାତୀ । ନୂତନ ଜଙ୍ଗଲ ସୃଷ୍ଟି ଓ ଜୈବ ବିବିଧତା ବଜାୟ ରଖିବାରେ ଏହି 'ପରିବେଶ ବିନ୍ଧାଣୀ'ର ଭୂମିକା ଅତୁଳନୀୟ ।

ବନ ବିଭାଗ ହାତୀ ସଂରକ୍ଷଣ ଦିଗରେ ବହୁମୁଖୀ ପଦକ୍ଷେପ ଗ୍ରହଣ କରୁଛି । ରାଜ୍ୟରେ ଥିବା ତିନୋଟି ହାତୀ ସଂରକ୍ଷଣ ରିଜର୍ଭର ସୁଦୃଢ଼ୀକରଣ ଓ ସୁରକ୍ଷା, ଗଜସୁରକ୍ଷା ବାହିନୀ ଓ 'ଗଜସାଥୀ'ମାନଙ୍କ ମାଧ୍ୟମରେ ସ୍ଥାନୀୟ ଜନସମୁଦାୟକୁ ସାମିଲ କରିବା ଆମର ପ୍ରମୁଖ ଲକ୍ଷ୍ୟ । କୃତ୍ରିମ ବୁଦ୍ଧିମତା ସମ୍ପନ୍ନ କ୍ୟାମେରା, ରେଡିଓ କଲାରିଂ, ଡ୍ରୋନ୍ ସର୍ଭେଲାନ୍ସ ଭଳି ଆଧୁନିକ ଜ୍ଞାନକୌଶଳ ଦ୍ୱାରା ମଣିଷ-ହାତୀ ସଂଘର୍ଷକୁ ହ୍ରାସ କରିବା ପାଇଁ ନିରନ୍ତର ଉଦ୍ୟମ ଜାରି ରହିଛି । ଜନସାଧାରଣଙ୍କୁ ବନ୍ୟପ୍ରାଣୀ କ୍ଷୟକ୍ଷତିଜନିତ ଅନୁକମ୍ପା ରାଶି ତ୍ୱରିତ୍ ପ୍ରଦାନ କରିବାପାଇଁ ଅନୁକମ୍ପା ୨.୦ ଆପ୍ ର ପ୍ରଚଳନ କରାଯାଇଛି । ଜଙ୍ଗଲମଧ୍ୟରେ ହାତୀମାନଙ୍କ ପାଇଁ ବ୍ୟାପକ ଖାଦ୍ୟ ଓ ଜଳ ବ୍ୟବସ୍ଥାପାଇଁ ବିଭିନ୍ନ ଫଳଚାରାରୋପଣ ଏବଂ ଜଳାଶୟମାନ ନିର୍ମାଣ କରାଯାଇଛି ।

ଆମ ସମସ୍ତଙ୍କର ମିଳିତ ପ୍ରୟାସ ହିଁ ହାତୀମାନଙ୍କୁ ଆଗାମୀ ପିଢି ପାଇଁ ସୁରକ୍ଷିତ ରଖିପାରିବା । ସେଥିପାଇଁ ଆସନ୍ତୁ, ଏହି ସଂରକ୍ଷଣ ଯାତ୍ରାରେ ସରକାର ଓ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଓଡ଼ିଶାର ଗର୍ବ ହାତୀମାନଙ୍କର ସୁରକ୍ଷା ପାଇଁ ଶପଥ ନେବା ।

ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନିଖିଳ ଉତ୍କଳ ପାଟେରା ସମିତି ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିକାତ୍ମକ ଗହ୍ମାପର୍ବ ସମାରୋହ, ସ୍ଥାନ:ବୁଦ୍ଧମନ୍ଦୀର ସଭାଗୃହ(ୟୁନିଟ୍ ୯), ସମୟ:ସକାଳ ୯ଟା।

## ପୁରୀ
- ବନ ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ସତ୍ୟବାଦୀ ଉଚ୍ଚବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ବିଜେଡିର ଗଣଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଚାନ୍ଦବାଲି ଏନ୍‌ଏସି, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ବିଶ୍ୱ ହସ୍ତୀ ଦିବସ, ସ୍ଥାନ: ମହିଳା ଯୁକ୍ତ୨ ବିଦ୍ୟାଳୟ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ମହାବୀର ମନ୍ଦିରରେ ଭଜନ ସମାରୋହ ଏବଂ ନାମ ସଙ୍କୀର୍ତ୍ତନ, ସ୍ଥାନ : ହାବଲେଶ୍ୱର, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ଟା ୩୦ ।
- ମା' ମଙ୍ଗଳାଙ୍କ ମନ୍ଦିରରେ ଭକ୍ତଙ୍କ ମାନସିକ ପୂଜା ଏବଂ ମେଳା , ସ୍ଥାନ : ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ହରଘର ତ୍ରିରଙ୍ଗା ଅଭିଯାନ ଅନ୍ତର୍ଗତ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଷ୍ଟାଡିୟମଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଶୋଭାଯାତ୍ରା, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ମୟୂରଭଞ୍ଜ
- ରକ୍ତଦାନ ଶିବିର,ସ୍ଥାନ:ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବେତନଟୀ,ସମୟ: ସକାଳ ୮ଟା।
- ୩୦ତମ ୪ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସ,ସ୍ଥାନ:ଗୁଡ଼ଡ଼ିହା ସ୍କୁଲ ପଡ଼ିଆ, ଶିଳଘାଟୀ, ଗୋପବନ୍ଧୁ ନଗର, ସମୟ:ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ଲାଇବ୍ରେରୀ ଦିବସ ପାଳନ, ସ୍ଥାନ: ଜୁବୁଲି ଲାଇବ୍ରେରୀ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ପାଳନ ଅବସରରେ ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତା, ସ୍ଥାନ:ବିଦ୍ୟାବିହାର ଉଚ୍ଚ ବିଦ୍ୟାଳୟ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ଜେନେରାଲ କୁଇଜ୍ ପ୍ରତିଯୋଗିତା,ସ୍ଥାନ: ରାଧାରାଣୀ ଦୟାଭାଇ ସରକାରୀ ଉପ୍ରା ବିଦ୍ୟାଳୟ, ବାରିପଦା,ସମୟ: ଅପରାହ୍ନ ୨ଟା।
- ହିନ୍ଦୀ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ:ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟ, ବାରିପଦା,ସମୟ: ଅପରାହ୍ନ ୨ଟା।
- ଭାଜପା ପକ୍ଷରୁ ତ୍ରୀରଙ୍ଗା ଶୋଭାଯାତ୍ରା,ସ୍ଥାନ:ଉଦଳା ମହାବିଦ୍ୟାଳୟ ସମ୍ମୁଖ, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ଅନ୍ତର୍ଜତୀୟ ଯୁବ ଦିବସରେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ମାଲୁଆଣୀ ମନ୍ଦିର, ହରିଡାଖଣ୍ଡି, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଯୁବ ଦିବସ ପାଳନ, ସ୍ଥାନ: ଏମ୍‌କେସିଜି ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା।
- ନୂପୁର ନାଟ୍ୟ ଆସର, ସ୍ଥାନ: ପ୍ରକାଶମ ହଲ୍, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ଭରତପତି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ ପାତ୍ରପୁର ବ୍ଲକ ସାମନ୍ତୀଆପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ସ୍ୱାଧୀନତା ଦିବସ ଉପଲକ୍ଷେ ବାଇକ୍ ରାଲି, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ସ୍ୱାଧୀନତା ଦିବସ ପ୍ୟାରେଡ ଅଭ୍ୟାସ, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମ, ବାଲିଗୁଡ଼ା, ସମୟ : ଅପରାହ୍ନ ୩ଟା।
- ଶ୍ରୀମଦ ଭାଗବତ କଥା ମହୋତ୍ସବ ଆରମ୍ଭ, ସ୍ଥାନ: ସାର୍ତ୍ତାଗୁଡା ଇସ୍କନ ମନ୍ଦିର, ଫୁଲବାଣୀ, ସମୟ: ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।

## ଢେଙ୍କାନାଳ
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ହଲ୍, ସମୟ: ଅପରାହ୍ନ ୪ଟା।
- ଭାଜପା ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବାଜିରୌତଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖଯାଏ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ
- ମା' ଖୁମ୍ଭେଶ୍ୱରୀଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଛେଣ୍ଡିପଦା ବ୍ଲକ ଶିମିଳିପାଳ (ଚରାକାନି), ସମୟ: ଅପରାହ୍ନ ୨ଟା।

## ଜଗତ୍‌ସିଂହପୁର
- ଜାତୀୟ କୃମି ନାଶକ ଦିବସ ପାଳନ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ ଟା୩୦।
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ବାଲିତୁଠ ମଣ୍ଡଳ, ଏରସମା, ସମୟ: ଅପରାହ୍ନ ୪ଟା।
- ଯାଦବ ମହାସଂଘ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜନ୍ମାଷ୍ଟମୀ ପଡ଼ିଆ, ମାଉସୀ ମା'ମନ୍ଦିର ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ନେଇ ଶ୍ରୀପୁରୁଷୋତ୍ତମ ମହାତ୍ମ୍ୟ ପାରାୟଣ ଓ ପ୍ରବଚନ, ସ୍ଥାନ: ନିମାଇଁ ଭବନ (ଟାଉନହଲ୍), ଜଗତ୍‌ସିଂହପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ- ଜମଧର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ:ରସୁଲପୁର ବ୍ଲକ୍ ନରସିଂହପୁର ପଞ୍ଚାୟତ,ସମୟ ପୂର୍ବାହ୍ନ ୧୦ଟା।
- ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ,ସ୍ଥାନ: ଚଣ୍ଡିଖୋଲସ୍ଥିତ କଲେଜ ପରିସର, ସମୟ: ପୂର୍ବାହ୍ନ-୧୦ଟା।

## ନୟାଗଡ଼
- କୃମି ନାଶକ ଦିବସର ଶୁଭାରମ୍ଭ, ସ୍ଥାନ: ନୟାଗଡ଼ ବ୍ଲକ ପଣ୍ଡୁସର ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୨ୟ ଦିବସରେ ପାରାୟଣ, ସ୍ଥାନ: ଦଶପଲ୍ଲା ବ୍ଲକ ସାତପାଟଣାର ପଣଷପାଟଣା, ସମୟ: ସକାଳ ୭ଟା, ପ୍ରବଚନ ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ଶିଶୁ ବିଦ୍ୟା ମନ୍ଦିର ପରିସର, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କନିଷ୍ଠ ଶିକ୍ଷକ ସଂଘର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଦିକ୍ଷାରମ୍ଭ ଏବଂ ସ୍କୁଲ ଅଫ ଏଗ୍ରିକଲଚରର ପ୍ରତିଷ୍ଠା ଦିବସ, ସ୍ଥାନ: ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ଗୁଣପୁର, ସମୟ: ଅପରାହ୍ନ ୪ଟା ୩୦।

## ନବରଙ୍ଗପୁର
- ଶହୀଦ ସ୍ମୃତି ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।

## ମାଲକାନଗିରି
- ଘର ଘର ତ୍ରିରଙ୍ଗା, ଘର ଘର ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ:କୋରୁକୋଣ୍ଡା ବ୍ଲକ ପୁରୁଣା ଚିମ୍ଟାପାଲୀ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ଛକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ଜିଲା ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ସୁଭଦ୍ରା ଭଉଣୀ ଓ ଲକ୍ଷପତି ଦିଦିଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ଜଳଖିଆ କାର୍ଯ୍ୟକ୍ରମ, ସ୍ଥାନ: ସର୍କିଟ ହାଉସ, ବଲାଙ୍ଗୀର, ସମୟ: ସକାଳ ୮ଟା।

## ରାଉରକେଲା
- ଗାୟତ୍ରୀ ପୀଠରେ ସାମୂହିକ ହୋମଯଜ୍ଞ, ସ୍ଥାନ: ଗାୟତ୍ରୀ ଶକ୍ତିପୀଠ, ସେକ୍ଟର-୨, ସମୟ: ସକାଳ ୭ଟା ୩୦ ।
- ଅଗଷ୍ଟ ୧୫ ପାଇଁ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଡିପିଏସ୍ ସ୍କୁଲ, ସମୟ: ସକାଳ ୮ଟା।
- କୃମିନାଶକ ଔଷଧ ବିତରଣ ପାଇଁ ବୈଠକ, ସ୍ଥାନ: ସେକ୍ଟର-୨ ଖରିଆବାହାଲ ବସ୍ତି, ସମୟ: ପୂର୍ବାହ୍ନ ୧୦ଟା।
- କାହ୍ନୁ ଚରଣ ମହାନ୍ତିଙ୍କ ଜୟନ୍ତୀ, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ସେକ୍ଟର-୭, ସମୟ: ସନ୍ଧ୍ୟା ୭ଟା।
- ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ ସଭା, ସ୍ଥାନ: ସତ୍‌ସଙ୍ଗ ବିହାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା ୩୦ ।

## ବରଗଡ଼
- ଜୟ କିସାନ ଆନ୍ଦୋଳନର ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦ ।

## କଳାହାଣ୍ଡି
- ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ମାଗଣା ହୃଦ୍‌ରୋଗ ନିରାକରଣ ଶିବିର, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କୃମିନାଶକ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କଳାହାଣ୍ଡି ରାଜସ୍ୱ ଅମଲା ସଂଘର ଆନ୍ଦୋଳନ, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ସକାଳ ୮ଟା।

## ଦେବଗଡ଼
- ପୁରୁଣା ମୁଖ୍ୟ ଚିକିତ୍ସାଳୟକୁ ୨୪ ଘଣ୍ଟିଆ ସେବା ଯୋଗାଇବା ପାଇଁ ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଗୋପାଳଜୀ ମନ୍ଦିରରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କୃମିନାଶକ ଦିବସ ଅଗଷ୍ଟ ରାଉଣ୍ଡ ୨୦୨୫ର ଶୁଭାରମ୍ଭ, ସ୍ଥାନ: ଦେବଗଡ଼ସ୍ଥିତ ଆର୍‌ବିଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ହର ଘର ତ୍ରିରଙ୍ଗା ହର ଘର ସ୍ୱଚ୍ଛତା ଅଭିଯାନର ଶୁଭାରମ୍ଭ, ସ୍ଥାନ: ବିନିକା ଏନ୍‌ଏସି ଅଫିସ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ସମୀକ୍ଷା ବୈଠକ, ସ୍ଥାନ: ସୁବର୍ଣ୍ଣପୁର ସର୍କିଟ୍ ହାଉସ, ସମୟ: ଅପରାହ୍ନ ୧ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦ ।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫ ।

## ନୂଆପଡ଼ା
- ଅନ୍ତର୍ଜାତୀୟ ଯୁବ ଦିବସ ପାଳନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡ଼ଫୁଲା ଗୋପୀନାଥ ନର୍ସିଂ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଗଣେଶ ଓ ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ, ସମୟ: ସନ୍ଧ୍ୟା ୬ଟା ୩୦ ।
- ନୂଆପଡ଼ା ବାନରସେନା ମଞ୍ଚ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଭରୁଆମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ୧୬ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଗ୍ରୁପ-ବି ଦ୍ୱିତୀୟ ଲିଗ୍ ମ୍ୟାଚ, ସ୍ଥାନ: ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଖଡିଆଳ, ସମୟ: ଅପରାହ୍ନ ୪ଟା।
- ବିଦ୍ୟୁତ ବିଲ ସଂଶୋଧନ ଶିବିର, ସ୍ଥାନ: ଟିପିଡବ୍ଲ୍ୟୁଓଡିଏଲ୍ ସେକ୍ସନ ସବ୍‌ଡିଭିଜନ ଓ ଡିଭିଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୫ଟା ୩୦ ।

## ଝାରସୁଗୁଡ଼ା
- ଜିଲାସ୍ତରୀୟ ଘର ଘର ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଜାତୀୟ ଅନ୍ତରୀକ୍ଷ ଦିବସ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ବଢେଇମୁଣ୍ଡା ଯାନ୍ତ୍ରିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ମିରର ଥିଏଟରରେ ସେମିନାର, ସ୍ଥାନ: ବେଲପାହାଡ଼ ମିରର ଥିଏଟର, ସମୟ: ଅପରାହ୍ନ ୨ଟା।

**ପ୍ରଥମ ପୃଷ୍ଠାରୁ...**

### ବିରୋଧୀ ଏକଜୁଟ...

ଜୟରାମ ରମେଶଙ୍କ ପତ୍ରର ଉତ୍ତର ଦେଇ ନିର୍ବାଚନ କମିଶନରଙ୍କୁ କେବଳ ୩୦ ଜଣ ଏମ୍‌ପିଙ୍କୁ ଭେଟିବା ପାଇଁ ଅନୁମତି ଦିଆଯିବ ବୋଲି ଇସିଙ୍କ କାର୍ଯ୍ୟାଳୟ କହିଥିଲା। ତେବେ ବିହାର ଓ ଅନ୍ୟ ରାଜ୍ୟରେ ଏସ୍‌ଆଇଆର୍ ପ୍ରସଙ୍ଗରେ ଏମ୍‌ପିମାନେ ସାମୂହିକ ଭାବେ କମିଶନଙ୍କୁ ଭେଟିବାକୁ ଚାହାନ୍ତି ବୋଲି ଜୟରାମ କହିଥିଲେ। ନିର୍ବାଚନ କମିଶନ ସବୁ ବିରୋଧୀ ଦଳ ଏମ୍‌ପିଙ୍କୁ ଭେଟିବା ପାଇଁ ମନା କରିବାରୁ ବିକ୍ଷୋଭ ଶୋଭାଯାତ୍ରାକୁ ଅଟକାଇବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ ଲଗାଇଥିଲା। ମାତ୍ର ୩୦ ଜଣ ଏମ୍‌ପିଙ୍କୁ ଅନୁମତି ମିଳିବ। ସେଥିପାଇଁ ଏମ୍‌ପିମାନେ ସେମାନଙ୍କ ପ୍ରତିନିଧିଙ୍କୁ ପଠାଇବାକୁ ପୋଲିସ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କରିଥିଲା। ଶେଷରେ ଟ୍ରାନ୍ସପୋର୍ଟ ଭବନଠାରେ ପୋଲିସ ରାହୁଲଙ୍କ ସମେତ ବିରୋଧୀ ଏମ୍‌ପିମାନଙ୍କୁ ଅଟକାଇବା ସହ ଅଟକ ରଖିଥିଲା।

ପ୍ରତ୍ୟେକ ଭାରତୀୟଙ୍କ ଭୋଟ ଅଧିକାର ପାଇଁ ବିରୋଧୀ ଦଳ ବିକ୍ଷୋଭ କରିବା ସହ ଏକ ସ୍ୱଚ୍ଛ ଭୋଟର ତାଲିକା ଦାବି କରୁଛି ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସେ ଉଠାଇଥିବା ନିର୍ବାଚନୀ ଅନିୟମିତତା ପ୍ରସଙ୍ଗ କେବଳ ଗୋଟିଏ ନିର୍ବାଚନ ମଣ୍ଡଳୀରେ ସୀମିତ ନୁହେଁ, ବରଂ ସାରା ଦେଶ ସହ ଜଡ଼ିତ। ତେଣୁ ଏହି ପ୍ରସଙ୍ଗ ଖୁବ୍‌ଶୀଘ୍ର ବିସ୍ଫୋରକ ରୂପ ନେବ ବୋଲି ରାହୁଲ କହିଛନ୍ତି। ନିର୍ବାଚନ କମିଶନ ଭୟଭୀତ ଏବଂ ସତ୍ୟକୁ ସାମ୍ନା କରିବାକୁ ଚାହୁଁନାହାନ୍ତି ବୋଲି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। ପାର୍ଲାମେଣ୍ଟ ବାହାରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି ଜୟରାମ କହିବା ସହ ବିରୋଧୀ ଏମ୍‌ପିଙ୍କ ପ୍ରତିନିଧି ନୁହନ୍ତି, ସମସ୍ତ ଏମ୍‌ପି ମିଳିତ ଭାବେ ଇସିଙ୍କୁ ଭେଟିବାକୁ ଚାହାନ୍ତି ବୋଲି ପଠାଇଥିବା ପତ୍ର ଦେଖାଇଥିଲେ। 'ଭୋଟ ଚୋରି' ଏବଂ ଏସ୍‌ଆଇଆର ବିରୋଧରେ ବିକ୍ଷୋଭ ହେଉଛି ଜନସାଧାରଣଙ୍କ ମତାଧିକାରର ସୁରକ୍ଷା ଏବଂ ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢ଼େଇ ବୋଲି ଖାର୍ଗେ କହିଛନ୍ତି। ଭାଜପାର ଷଡ଼ଯନ୍ତ୍ରକୁ ଇଣ୍ଡିଆ ମେଣ୍ଟ ପଦାରେ ପକାଇବ ବୋଲି ସେ କହିଛନ୍ତି।

### ଜଳିଗଲେ ଅଷ୍ଟମ...

ରଶ୍ମି ଆତ୍ମାହୁତି କରିଥିଲେ। ଘଟଣା ସମ୍ପର୍କରେ ରଶ୍ମିଙ୍କ ବୁଢ଼ୀ ମା'(ଆଈ) ଚୈତ୍ରୀ କହିଛନ୍ତି, ରଶ୍ମି ଶୌଚକାର୍ଯ୍ୟ ପାଇଁ ଯାଉଛି କହି ସକାଳୁ ଘରୁ ବାହାରିଥିଲେ। ତେବେ ରଶ୍ମିଙ୍କ ମା' ପୁଷ୍ପାଞ୍ଜଳି ଘର ସଫେଇ କରୁଥିବାବେଳେ ଘର ପଛପଟ ପଡ଼ିଆରେ ରଶ୍ମି ପେଟ୍ରୋଲ ଢାଳିବା ସହିତ ଶରୀର ନିଆଁ ଲଗାଇ ଜଳୁଥିବା ଦେଖି ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ମାମୁ ବିନୋଦ ବିହାରୀ ସେଠଙ୍କ ସମେତ ଆଖପାଖ ଲୋକ ଦୌଡ଼ି ଆସିଥିଲେ। ସେଠାରୁ ରଶ୍ମିଙ୍କୁ ଉଦ୍ଧାର କରାଯାଇ ଭିମ୍‌ସାର୍, ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ନାବାଳିକା ଜଣକ ଏହି ଭିଡିଓ କ୍ଲିପିଂରେ ସମ୍ବଲପୁରୀ ଭାଷାରେ କିଛି ପରିଚୟ ଦେବା ସହିତ କଲିଗୋଲ ସୂଚନା ଦେଇ ଅନ୍ୟଜଣେ ଝିଅଙ୍କୁ ଇଙ୍ଗିତ କରୁଥିବା ଜଣାପଡୁଛି। ପୋଲିସ ଏହି ଭିଡିଓ କ୍ଲିପିଂକୁ ନିଜ ହେପାଜତକୁ ନେଇ ତଦନ୍ତ ଚଳାଇଥିବା ସୂଚନା ମିଳିଛି। ମୃତ ନାବାଳିକାଙ୍କ ମାମୁଁଅଙ୍କୁ ପୋଲିସ ଘଟଣା ସମ୍ପର୍କରେ ପଚରାଉଚରା କରୁଥିବାବେଳେ ତାଙ୍କ ଅଜା ଏବଂ ଗ୍ରାମର ଜଣେ ଦୋକାନୀଙ୍କୁ ଅଟକ ରଖି ଜେରା କରୁଛି। ଅନ୍ୟପଟେ ବୁର୍ଲା ଥାନାରେ ନାବାଳିକାଙ୍କ ମୃତ୍ୟୁ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୫୬୨/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ନାତୁଣୀ ଭଲ ହୋଇଥିଲେ ଏବଂ ସୋମବାର ସେବାଶ୍ରମକୁ ଯାଇଥାନ୍ତେ। କିନ୍ତୁ କେଉଁ କାରଣ ପାଇଁ ସେ ସେଭଳି ପଦକ୍ଷେପ ନେଲେ, ତାହା ସେ ଜାଣି ନାହାନ୍ତି ବୋଲି ବୁଢ଼ୀ ମା' ଚୈତ୍ରୀ କହିଛନ୍ତି। ସେହିପରି ଭାଣିଜୀ କାହିଁକି ଆତ୍ମାହୁତି ଦେଲେ, ତାହା ସେ ମଧ୍ୟ ଭାବି ପାରୁ ନ ଥିବା ମୃତ ନାବାଳିକାଙ୍କ ମାମୁ ବିନୋଦ କହିଛନ୍ତି। ସାପଲହର ସେବାଶ୍ରମର ପ୍ରଧାନ ଶିକ୍ଷକ ରମାକାନ୍ତ ସାହୁ କହିଛନ୍ତି, ମୃତ ନାବାଳିକା ଗତ ୪ତାରିଖ ବେହୋସ୍ ହୋଇ ପଡ଼ିଥିଲେ। ଏହାପରେ ପରିବାର ଲୋକଙ୍କୁ ଖବର ଦେବା ସହିତ ଡାକ୍ତରଖାନାରେ ତାଙ୍କ ଚିକିତ୍ସା କରାଯାଇଥିଲା ଏବଂ ସେହିଦିନଠାରୁ ସେ ଛୁଟିରେ ଥିଲେ ବୋଲି ପ୍ରଧାନ ଶିକ୍ଷକ ସାହୁ କହିଥିଲେ। ଅପରପକ୍ଷରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ମୃତ ନାବାଳିକାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଦାଦନ ଖଟିବାକୁ ଯାଇଥିବା ତାଙ୍କ ବାପାଙ୍କୁ ନିଜ ଗାଁକୁ ଫେରାଇ ଆଣି କାମ ଯୋଗାଇ ଦେବାକୁ ଦାବି କରିଥିଲେ। ଏହି ଦାବି ପୂରଣ ନ ହେଲେ ମୃତଦେହ ଦାହ କରାଯିବ ନାହିଁ ବୋଲି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

### ସମାଧାନ ହେଲାଣି...

ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଓ ଜଟିଳ ରୋଗରେ ପୀଡ଼ିତ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଭେଟିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପ୍ରକୋଷ୍ଠ ଭିତରେ ପଞ୍ଜୀକୃତ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ। ଗ୍ରହଣ କରାଯାଇଥିବା ସମସ୍ତ ଅଭିଯୋଗର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ୮ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, କୃଷ୍ଣଚନ୍ଦ୍ର ମହାପାତ୍ର, ରବିନାରାୟଣ ନାୟକ, ନିତ୍ୟାନନ୍ଦ ଗଣ୍ଡ, ସୂର୍ଯ୍ୟବଂଶୀ ସୂରଜ, ପ୍ରଦୀପ ବଳସାମନ୍ତ ଏବଂ ଗଣେଶରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଏବଂ ଅନ୍ୟ ବିଭାଗଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଛନ୍ତି।

### ଆଜି ହସ୍ତୀ ଦିବସ...

ମୃତ୍ୟୁ ଘଟିଥିବାବେଳେ ଉକ୍ତ ବର୍ଷ ୯୨ ନିରୀହ ଲୋକଙ୍କ ମୃତ୍ୟୁ ସହ ୧୭୫ ଜଣ ଆହତ ହୋଇଥିଲେ। ସେହିପରି ୨୦୧୩-୧୪ରେ ୭୦ ହାତୀ ମୃତ୍ୟୁ ହୋଇଥିବାବେଳେ ୯୩ ଲୋକଙ୍କ ମୃତ୍ୟୁ ସହ ୨୦୮ ଆହତ, ୨୦୧୪-୧୫ରେ ୫୪ ହାତୀ ସାଙ୍ଗକୁ ୭୪ ମଣିଷଙ୍କ ମୃତ୍ୟୁ ଏବଂ ୧୪୦ ଆହତ, ୨୦୧୫-୧୬ରେ ୮୬ ହାତୀ ଓ ୧୦୭ ଲୋକଙ୍କ ମୃତ୍ୟୁ ସାଙ୍ଗକୁ ୩୦୯ ଆହତ, ୨୦୧୬-୧୭ରେ ୭୬ ହାତୀ ସାଙ୍ଗକୁ ୯୬ ଲୋକଙ୍କ ମୃତ୍ୟୁ ଓ ୨୪୮ ଆହତ, ୨୦୧୭-୧୮ରେ ୭୮ ହାତୀ ଓ ୧୩୨ ଜଣଙ୍କର ମୃତ୍ୟୁ ବେଳେ ୨୮୩ ଆହତ, ୨୦୧୮-୧୯ରେ ୯୩ ହାତୀ ଓ ୧୧୨ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୨୩୭ ଆହତ ହୋଇଛନ୍ତି।

ସେହିପରି ୨୦୧୯-୨୦ରେ ୮୨ ହାତୀ ଓ ୧୪୦ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୩୪୪ ଜଣ ଆହତ ହୋଇଥିଲେ। ୨୦୨୦-୨୧ରେ ୭୭ ଓ ୨୦୨୧-୨୨ରେ ୮୬ ହାତୀଙ୍କର ମୃତ୍ୟୁ ହୋଇଥିବାବେଳେ ଯଥାକ୍ରମେ ୧୫୮ ଓ ୧୨୭ ଲୋକଙ୍କ ପ୍ରାଣହାନି ଏବଂ ୩୨୭ ଓ ୩୪୨ ଜଣ ଆହତ ହୋଇଛନ୍ତି।

ବିଭାଗ ପକ୍ଷରୁ ୨୦୧୨-୧୩ ଆର୍ଥିକ ବର୍ଷରେ ହାତୀଜନିତ ପ୍ରାଣ ହରାଇଥିବା ପରିବାରଗୁଡ଼ିକୁ ଅନୁକମ୍ପାମୂଳକ ସହାୟତା ରାଶି ବାବଦକୁ ୧ କୋଟି ୪୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ୨୦୧୩-୧୪ରେ ୧.୨୨ କୋଟି, ୨୦୧୪-୧୫ରେ ୧.୯୬ କୋଟି, ୨୦୧୫-୧୬ରେ ୨.୦୩ କୋଟି, ୨୦୧୬-୧୭ରେ ୨.୫୧ କୋଟି, ୨୦୧୭-୧୮ରେ ୨.୫୯ କୋଟି, ୨୦୧୮-୧୯ରେ ୨.୭୦ କୋଟି, ୨୦୧୯-୨୦ରେ ୩.୬୨ କୋଟି, ୨୦୨୦-୨୧ରେ ୬.୩୭ କୋଟି, ୨୦୨୧-୨୨ରେ ୪.୮୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗତ ୧୦ ବର୍ଷ ମଧ୍ୟରେ ସରକାରଙ୍କ ପକ୍ଷରୁ କେବଳ ହାତୀ ଦ୍ୱାରା ପ୍ରାଣ ହରାଇଥିବା ପରିବାରକୁ ୨୯.୩୮କୋଟି ଟଙ୍କା ବଣ୍ଟନ କରାଯାଇଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ହାତୀମୃତ୍ୟୁ ରୋକିବା ଲାଗି ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ବାସ୍ତବ କ୍ଷେତ୍ରରେ ଅଧିକାରୀମାନେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମକୁ ଠିକଣାଭାବେ କାର୍ଯ୍ୟାନ୍ୱୟନ କଲେ ହାତୀ-ମଣିଷ ଲଢ଼େଇକୁ ରୋକାଯାଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ଓଏଏସ୍ ଅଧିକାରୀସ୍ତରରେ...

ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ମେଶ୍ରାଙ୍କୁ ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ସେହିପରି ରଞ୍ଜନ ସେନଙ୍କୁ ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବାବେଳେ ଶଙ୍କର ମିଶ୍ରଙ୍କୁ ମୟୂରଭଞ୍ଜ କରଞ୍ଜିଆ ଆଇଟିଡିଏର ପିଏ, ଗୌରବମୟ ପ୍ରଧାନଙ୍କୁ ଅନୁଗୋଳ ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପୁନମ୍ ରାଉତଙ୍କୁ ସ୍ୱାସ୍ଥ୍ୟ ବିଭାଗର ଉପସଚିବ ଭାବେ ବଦଳି କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯେତେ କହିଲେ ଭାଗବତ,**
**ତୋଷ ନୋହିଲା ମୋର ଚିତ୍ତ।**

ଅବୁଝା ଲୋକଙ୍କୁ ବୁଝାଇବା ଅତ୍ୟନ୍ତ କଷ୍ଟକର କାମ ହୋଇଥାଏ। ଏହିଧରଣର ଲୋକେ କେବେବି କାହାର ପରାମର୍ଶ ବା ଉପଦେଶକୁ ଅତି ସହଜରେ ଗ୍ରହଣ କରି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେ ପରା ବଡ଼ ରସିଆଟାଏ**
**କାନରେ ନାଇଛି ଫାସିଆଟାଏ।**

ରସିକ ପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। ରସିକିଆପଣ ଦେଖାଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି କୃତ୍ତିକା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ପାରିବାରିକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରିନେବେ। ବନ୍ଧୁଙ୍କ ବ୍ୟକ୍ତିଗତ କାମରେ ସହଯୋଗ କରିବା ସକାଶେ ଦୂରଯାତ୍ରା କରିବାକୁ ପଡ଼ିପାରେ। ରଚନାତ୍ମକ କାର୍ଯ୍ୟ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ କ୍ଷେତ୍ରରେ ଅଗ୍ରଗତି ଘଟିବ।

**ବୃଷ** — ଉପରିସ୍ଥ କର୍ମଚାରୀଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିପାରନ୍ତି। ସଭାସମିତିରେ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପଚାରିବା ପୂର୍ବରୁ କିଛି କହିବାକୁ ନେଇ ପାରିବାରିକ ଅଶାନ୍ତି ଲାଗିରହିବ। ଆଜି ମୃଗଶିରା ନକ୍ଷତ୍ର ସକାଶେ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** — ନିଜ ଇଚ୍ଛା ଅନୁସାରେ କୌଣସି କାମକରି ପରିବାରରୁ ସମାଲୋଚିତ ହେବାକୁ ପଡ଼ିବ। ଭଲ କଥା କହୁଥିବା ସହକର୍ମୀ ପରୋକ୍ଷ ଶତ୍ରୁତା ଆଚରଣ କରିବେ। ଏହା ସାଙ୍ଗକୁ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟାକରିପାରନ୍ତି। ଆରଦ୍ରା ନକ୍ଷତ୍ର ପାଇଁ ପରିବାର ଓ କର୍ମକ୍ଷେତ୍ର ମନ୍ଦ ହେବନି ଏବଂ ବ୍ୟବସାୟରେ ମଧ୍ୟ ସନ୍ତୁଷ୍ଟ ରହିବେ।

**କର୍କଟ** — ଆଜି ଅଶ୍ଳେଷା ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତଙ୍କ ସକ୍ରିୟତା ବୃଦ୍ଧି ପାଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରୁ ଖୁସି ରହିବେ ଓ ଆଶା କରିଥିବା ଜିନିଷ ମଧ୍ୟ ପାଇପାରିବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବାର ଯୋଗ ସଂଘଟିତ ହେବ।

**ସିଂହ** — ପାରିବାରିକ ଅଥବା କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ଖଟାଇ କାର୍ଯ୍ୟ ସାଧନ କରିପାରନ୍ତି। ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ସମ୍ପର୍କୀୟଙ୍କ ସାହାଯ୍ୟରୁ ବହୁ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମଘା ନକ୍ଷତ୍ରର ମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢ଼ିଯାଇପାରେ।

**କନ୍ୟା** — ହସ୍ତା ନକ୍ଷତ୍ର ପାଇଁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ କିନ୍ତୁ ବିଶେଷ କିଛି ଗୁରୁତର ହେବନାହିଁ। ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। ଅତି ନିକଟରେ ରହୁଥିବା ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟିହେବା ଆଶଙ୍କା ରହିଛି।

**ତୁଳା** — କର୍ମକ୍ଷେତ୍ରରେ ଯଦିଓ କେତେକ ସମସ୍ୟା ଓ ପ୍ରତିବନ୍ଧକ ଆସିବ ତଥାପି କାମ ଅଟକିବ ନାହିଁ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ଚିତ୍ରା ନକ୍ଷତ୍ରର ପାରିବାରିକ ଅଶାନ୍ତି ହେତୁକ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ବିବାଦୀୟ ସ୍ଥିତିରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ।

**ବିଛା** — ଅନୁରାଧା ନକ୍ଷତ୍ରର ସ୍ୱାସ୍ଥ୍ୟହାନି ସାଙ୍ଗକୁ ପାରିବାରିକ ସମସ୍ୟା ମନକୁ ଭାରାକାନ୍ତ କରିବ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ। କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ଅଭାବ ନ ଥିଲେ ମଧ୍ୟ ହଠାତ୍ ପାଖରେ କିଛି ନ ଥିବା କାରଣରୁ ଅନ୍ୟର ସାହାଯ୍ୟ ନେବାକୁ ବାଧହୋଇପାରନ୍ତି।

**ଧନୁ** — କର୍ମକ୍ଷେତ୍ରରେ କଲ୍ୟାଣମୂଳକ କାମକରି ପ୍ରଶଂସିତ ହେବେ। ଭୁଲ୍ ବୁଝାମଣା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ଆନୁଷ୍ଠାନିକ କାମ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ଉଦ୍ଦେଶ୍ୟମୂଳକ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** — ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। ଶ୍ରବଣା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ।

**କୁମ୍ଭ** — ଶତଭିଷା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ଲାଭକରି କାମ ସମ୍ପନ୍ନ କରିପାରିବେ। କୌଣସି ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ପୈତୃକ ସମ୍ପତ୍ତିକୁ ନେଇ କଳହ ଲାଗିପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ, ଯୋଗାଯୋଗ ଏବଂ ଆଲୋଚନା କ୍ଷେତ୍ରରେ କିଛି ଅସୁବିଧା ହେବନାହିଁ।

**ମୀନ** — କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସମ୍ପର୍କରେ ଅବନତି ଘଟିପାରେ। ଭଲ ସମ୍ପର୍କ ନ ଥିବା କାରଣରୁ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ପରିବହନରେ ସମସ୍ୟା ଲାଗି ରହିବ। ଉତ୍ତରଭାଦ୍ରପଦ ନକ୍ଷତ୍ର କେତେକ କ୍ଷେତ୍ରରେ ଜିଦ୍‌ଖୋର କାରଣରୁ ହଇରାଣ ହୋଇପାରନ୍ତି।

ଆଜି ଅଗଷ୍ଟ ୧୨ ତାରିଖ, ବିଶ୍ୱ ଯୁବଦିବସ, ଜାତୀୟ ଗ୍ରନ୍ଥାଗାରିକ ଦିବସ, ଭାଦ୍ରବ କୃଷ୍ଣ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର- ଦିବା ଘ.୧୧।୫୧ ମି. ପର୍ଯ୍ୟନ୍ତ ପୂର୍ବଭାଦ୍ରପଦ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୪୦ ଗତେ, ଘ.୧୦।୩୫ ମଧ୍ୟେ, ଘ. ୦୧।୦୭ ଗତେ, ଘ.୦୧।୨୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୨ ଗତେ, ୦୪।୩୮ ମଧ୍ୟେ ରାହୁକାଳ।

# ହାତୀ ପାଇଁ ଏକାଠି ହେବା

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ହିଂସାତ୍ମକ ଆଚରଣକୁ ନେଇ ପୃଥିବୀରେ ବିଶାଳକାୟ ଜୀବ ଆଜି ବିଲୁପ୍ତ। ଖାଦ୍ୟଶୃଙ୍ଖଳ ଓ ଅସନ୍ତୁଳିତ ପରିବେଶ ଯୋଗୁଁ ଡାଇନୋସର ଭଳି ଜୀବଙ୍କ ବଂଶ ଲୋପ ପାଇସାରିଛି। ଏସବୁ ସମସ୍ୟା ପାଇଁ ଆଜି ମଣିଷସମାଜ ଗୋଟିଏ ପରେ ଗୋଟିଏ ଜୀବକୁ ହରାଇବାରେ ଲାଗିଛି। ମଣିଷର ଆବଶ୍ୟକତାକୁ ପୂରଣ କରିବା ପାଇଁ ଜଙ୍ଗଲ ଧ୍ୱଂସ ମୁଖ୍ୟ କାରଣ ସାଜିଥିବା ବେଳେ ଦିନକୁଦିନ ହାତୀମାନଙ୍କ ସଂଖ୍ୟା କମିବାରେ ଲାଗିଛି। ହାତୀଙ୍କ ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଆହ୍ୱାନ। ମାତ୍ର ହାତୀ ସୁରକ୍ଷାକୁ ନେଇ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ରାଜ୍ୟର ବୃହତ୍ ଜାତୀୟ ଅଭୟାରଣ୍ୟରେ ହାତୀମୃତ୍ୟୁ ଉଦ୍‌ବେଗଜନକ ସ୍ଥିତିରେ ରହିଛି। ହାତୀ-ମଣିଷ ଲଢ଼େଇରେ ଉଭୟଙ୍କ ଜୀବନ ଯାଉଥିବା ବେଳେ ସଚେତନତା, ସୁଚିନ୍ତିତ ପଦକ୍ଷେପ ଓ ଆବଶ୍ୟକତାକୁ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି। ଶିମିଳିପାଳ ଜାତୀୟ ଉଦ୍ୟାନରେ ବ୍ୟାଘ୍ର ସଂରକ୍ଷଣ ଓ ହସ୍ତୀ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପ୍ରତିବର୍ଷ ଝାଡ଼ଖଣ୍ଡୀ ହାତୀ ଜିଲା ସୀମାନ୍ତରେ ପ୍ରବେଶ କରି ବର୍ଷ ବର୍ଷ ଧରି ସଂରକ୍ଷିତ ଓ ଗ୍ରାମ୍ୟ ଜଙ୍ଗଲରେ ରହୁଛନ୍ତି। ଖାଦ୍ୟାଭାବ ଏହାର ମୁଖ୍ୟ କାରଣ ବୋଲି ପ୍ରାଣୀପ୍ରେମୀମାନେ ପ୍ରକାଶ କରୁଥିବା ବେଳେ ଏଥିପ୍ରତି ବିଭାଗୀୟ ତତ୍ପରତାର ଆବଶ୍ୟକତା ରହିଛି। ସେହିପରି ଶିମିଳିପାଳ ହାତୀ ମଧ୍ୟ ଅନୁରୂପ ଭାବେ ଗାଁ ଓ ସହରମୁହାଁ ହୋଇ ଚଳପ୍ରଚଳ କରୁଛନ୍ତି। ବିଦ୍ୟୁତ୍, ରେଲ୍‌ବାଇ ଏବଂ ବନ ବିଭାଗର ଅବହେଳା ପାଇଁ ହାତୀ-ମଣିଷ ଲଢ଼େଇ ବଢ଼ିବାରେ ଲାଗିଛି। ଚଳିତବର୍ଷ ହାତୀ ଗଣନା ଅନୁଯାୟୀ ବାରିପଦା ସର୍କଲର ୭ଟି ବନଖଣ୍ଡରେ ସମୁଦାୟ ୩୮୪ ହାତୀ ରହିଥିବା ବେଳେ ଗତବର୍ଷ ତୁଳନାରେ ୪୭ କମିଛନ୍ତି। ୨୦୧୭ ହାତୀଗଣନା ଅନୁଯାୟୀ ଏଠାରେ ୬୪୩ ହାତୀ ଥିବାବେଳେ ଏବେ ସେହି ସଂଖ୍ୟାରେ ୨୫୯ କମିଥିବା ଜଣାପଡିଛି। ବିଗତ ୫ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ୨୯ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ୭୦ରୁ ଊର୍ଦ୍ଧ୍ୱ ମଣିଷଙ୍କ ଜୀବନ ଯାଇଛି। ଏମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆନଗଲେ ପରିବେଶ ଅସନ୍ତୁଳିତ ହେବା ସହ ଜୀବଜଗତ ତିଷ୍ଠି ରହିବା କଷ୍ଟକର ହୋଇପଡ଼ିବ। ତେବେ ହାତୀଙ୍କ ସୁରକ୍ଷା ପାଇଁ ଏକାଠି ହେବା ନିତାନ୍ତ ଜରୁରୀ।


ସଂଯୁକ୍ତା ବସା


ଭାନୁମିତ୍ର ଆଚାର୍ଯ୍ୟ

ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗରୁ ପ୍ରସ୍ତୁତ ସୌଖୀନ ସାମଗ୍ରୀ ବ୍ୟବହାରକୁ ରୋକିବା, ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୋଇ ଜୀବଜନ୍ତୁଙ୍କ ପ୍ରତି ସଦୟଭାବ ଗ୍ରହଣ କରିବା ସହିତ ବ୍ୟାପକ ଜଙ୍ଗଲ ସୃଷ୍ଟି ମାଧ୍ୟମରେ ବିଲୁପ୍ତପ୍ରାୟ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦିଆଯାଇପାରିବ। ସେହିପରି ଖାଦ୍ୟପେୟର ସୁବ୍ୟବସ୍ଥା ଓ ଶିକାରୀଙ୍କ ପାଇଁ କଡ଼ା ଆଇନ ପ୍ରଣୟନ କରାଗଲେ ହାତୀମୃତ୍ୟୁକୁ ରୋକାଯାଇ ପାରିବ। ଅନ୍ୟପକ୍ଷରେ ହାତୀଙ୍କ ପାଇଁ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କରାଗଲେ ଉଭୟ ମଣିଷ ଓ ହାତୀ ସୁରକ୍ଷିତ ରହିପାରିବେ।

ପରିବେଶବିତ୍ ସଂଯୁକ୍ତା ବସା କହନ୍ତି, ଆଜି ବିଶ୍ୱ ହସ୍ତୀ ଦିବସ। ସମସ୍ତଙ୍କ ପାଇଁ ସଙ୍କଳ୍ପର ଦିବସ। ନିର୍ଜୀବ ହାତୀକୁ ଲୋକେ ପୂଜା କରନ୍ତି, ମାତ୍ର ସଜୀବକୁ ମାରିବାକୁ ଗୋଡ଼ାଇଥାନ୍ତି। ମନୁଷ୍ୟର ହିଂସାତ୍ମକ ଆଚରଣ ପାଇଁ ବିଶାଳକାୟ ଜୀବମାନେ ଏବେ ଅସୁରକ୍ଷିତ ହୋଇପଡିଛନ୍ତି। ହାତୀଙ୍କୁ ସୁରକ୍ଷା ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଜନାର ଆବଶ୍ୟକତା ରହିଛି। ମଣିଷମାନଙ୍କ ପାଇଁ ନିର୍ମାଣ ହେଉଥିବା କଳକାରଖାନା, ସହରୀକରଣ, ଖଣିଖନନ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଜଙ୍ଗଲ ଧ୍ୱଂସ ହେଉଛି। ଫଳରେ ହାତୀପଲ ବାସସ୍ଥାନ ହରାଇବା ସହିତ ଜନବସତି ଉପରେ ଆକ୍ରମଣ କରୁଛନ୍ତି। ଜବରଦଖଲ ଉଚ୍ଛେଦ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରିବା ସହିତ ଖାଦ୍ୟପେୟର ସୁବନ୍ଦୋବସ୍ତ କରାଗଲେ ହାତୀଙ୍କୁ ସୁରକ୍ଷା ଦିଆଯାଇପାରିବ।

**-ରିପୋର୍ଟ: ନୀଳାଦ୍ରି ବିହାରୀ , ଦଣ୍ଡପାଟ, ବାରିପଦା**



## ହାତୀ ସୁରକ୍ଷା ...

### ସକ୍ରିୟ ପରିଚାଳନା ଜରୁରୀ



ହାତୀମାନଙ୍କ ପାଇଁ ସବୁଠାରୁ ବଡ଼ ସମସ୍ୟା ହେଉଛି ବାସସ୍ଥାନ ସଙ୍କୋଚନ, ଦୁର୍ବଳ ପରିଚାଳନା, ଗବେଷଣାର ଅଭାବ, ପର୍ଯ୍ୟାପ୍ତ ପାଣି, ଖାଦ୍ୟ ଅଭାବ, ରେଳ ଦୁର୍ଘଟଣା ଏବଂ ସଙ୍କୁଚିତ କରିଡର, ଯାହା ସ୍ୱଟ(swot)ବିଶ୍ଳେଷଣ ମାଧମରେ ଚିହ୍ନଟ କରାଯିବା ଦରକାର। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ରେଳବାଡ଼ ଦେବା, ଟ୍ରେଞ୍ଚ ପୁନରୁଦ୍ଧାର, ପଥର କାନ୍ଥ ନିର୍ମାଣ, ସଂରକ୍ଷଣ ଭିତରେ ବାଉଁଶରୋପଣ, ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା ଏବଂ ଜଙ୍ଗଲ ଆବଦ୍ଧ ସମ୍ପ୍ରଦାୟକୁ ରାତି ଟର୍ଚ୍ଚ ଯୋଗାଣ ଭଳି ସମନ୍ୱିତ ପଦକ୍ଷେପ ଆବଶ୍ୟକ। ବିକଳ୍ପ ଜୀବିକାକୁ ପ୍ରୋତ୍ସାହିତ କରିବା ଦ୍ୱାରା ଜଙ୍ଗଲ ସମ୍ପଦ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ମାଇଗ୍ରେଶନ୍ ସମୟରେ ଡ୍ରୋନ୍ ଦ୍ୱାରା ନଜର ରଖିବା ଏବଂ ରେଳ ଧକ୍କାରେ ମୃତ୍ୟୁକୁ ରୋକିବା ପାଇଁ ସକ୍ରିୟ ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବନ ବିଭାଗ ଓ ସମ୍ପ୍ରଦାୟ ମଧ୍ୟରେ ସମନ୍ୱିତ ପ୍ରୟାସ ସ୍ୱରୂପ ଦୀର୍ଘକାଳୀନ ହାତୀ ସଂରକ୍ଷଣ ଏବଂ ସୁ-ସମ୍ପର୍କିତ ମଣିଷ-ହାତୀ ସହାବସ୍ଥାନ ସୁନିଶ୍ଚିତ କରିପାରିବ।

**-ଡ. ବିଶ୍ୱଜିତ୍ ପଣ୍ଡା,** ଫାଉଣ୍ଡର, ବିକାଶ ସାଥୀ, ବାଲେଶ୍ୱର

### ଚିହ୍ନଟ ୧୪ ହାତୀ କରିଡରକୁ ସ୍ୱୀକୃତି ପ୍ରଦାନ କରାଯାଉ



ଦୈନିକ ୧୮ ଘଣ୍ଟା ଚରାବୁଲା କରି ୨୦୦ କିଲୋଗ୍ରାମ ଖାଦ୍ୟ ଓ ୨୦୦ ଲିଟର ପାଣି ପିଉଥିବା ହାତୀ ଭଳି ଏକ ବିଶାଳକାୟ ଜୀବ ସୀମିତ ଜଙ୍ଗଲରେ ବସବାସ କରିବା ଅସମ୍ଭବ। ତେଣୁ ହାତୀକୁ ସୀମିତ ଜଙ୍ଗଲରେ ରହିବାକୁ ବାଧ କରାଗଲେ ହାତୀ-ମଣିଷ ଲଢ଼େଇ ବଢିବା ଏବଂ ହାତୀ ମୃତ୍ୟୁ ସଂଖ୍ୟା ବଢିବା ସ୍ୱାଭାବିକ। ବ୍ୟାପକ ଖଣିଖାଦନ ଓ ବିଭିନ୍ନ ମାନବବାଦୀ ନିର୍ମାଣାଧୀନ କାର୍ଯ୍ୟକଳାପ ଯୋଗୁ ଓଡିଶାରେ ହାତୀ ଚଲାପଥ (କରିଡର୍) ବର୍ତ୍ତମାନ ଧ୍ୱଂସ ପଥରେ ଅଗ୍ରସର। ଅନୁଗୋଳ ଜିଲାରେ ହାତୀଙ୍କ ପାରମ୍ପାରିକ ଚଲାପଥରେ କୋଇଲା ଖଣି, କେନାଲ, ଷ୍ଟିଲ ପ୍ଲାଣ୍ଟ, ଚଉଡା ଜାତୀୟ ରାଜପଥ ଏବଂ ନୂତନ ରେଳପଥ ନିର୍ମାଣ ହେଉଛି। ଫଳରେ ଏଠାକାର ହାତୀ ବାହାର ଜିଲାର ବଡବଡ ଜଙ୍ଗଲକୁ ଯାଇ ନ ପାରି ଏକ ପ୍ରକାର ବନ୍ଦୀ ହୋଇ ରହୁଛନ୍ତି। ପରିଣାମସ୍ୱରୂପ ହାତୀ-ମଣିଷ ବିବାଦ ଉଗ୍ର ନେଉଛି। ୨୦୧୦ରୁ ରାଜ୍ୟରେ ୧୪ଟି କରିଡର ଚିହ୍ନଟ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ଯାଏ ସରକାର ସ୍ୱୀକୃତି ଦେଇନାହାନ୍ତି। ସେହିଭଳି ସ୍ୱୀକୃତିମିଳିନଥିବା ଅନୁଗୋଳ ଜିଲାର ୨ଟି ହାତୀ କରିଡରରେ ବିଭିନ୍ନ ଶିଳ୍ପ ଓ ନିର୍ମାଣ ବଢ଼ି ଚାଲିଛି। ଫଳରେ ଅନୁଗୋଳ ଜିଲାର ବନ୍ତଳା, ମହୀଧରପୁର ଓ ମନ୍ଦରଗିରି ଅଞ୍ଚଳରେ ବର୍ଷସାରା ହାତୀ-ମଣିଷ ବିବାଦ ଦେଖାଦେଉଛି। ହାତୀଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ତୁରନ୍ତ ଚିହ୍ନଟ ହୋଇଥିବା ହାତୀ କରିଡରକୁ ସ୍ୱିକୃତୀ ପ୍ରଦାନ କରିବା ଆବଶ୍ୟକ।

**-ସିଦ୍ଧାର୍ଥ ପ୍ରଧାନ,** ବନ୍ୟପ୍ରାଣୀ ପ୍ରେମୀ, ଅନୁଗୋଳ

## ସାତକୋଶିଆ ରେଞ୍ଜରେ ମାଈହାତୀ ମୃତ

ଠାକୁରମୁଣ୍ଡା,୧୧।୮ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ସାତକୋଶିଆ ରେଞ୍ଜ ବେଣ୍ଟୁଆଦର ଜଙ୍ଗଲରେ ଏକ ମାଈହାତୀର ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଅସୁସ୍ଥ ଯୋଗୁ ଚିକିତ୍ସା ପୂର୍ବରୁ ତା'ର ମୃତ୍ୟୁ ଘଟିଛି ଓ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ କହିଛି।

ସୂଚନା ଅନୁଯାୟୀ, ରବିବାର କମ୍ପାର୍ଟମେଣ୍ଟ ନଂ.୧୯ ଭାଲିଆଡାଳ ଗ୍ରାମପଞ୍ଚାୟତ ବେଣ୍ଟୁଆଦର ସାହି ଜଙ୍ଗଲ ଭିତରେ ଏକ ହାତୀ ବିଚରଣ କରି ନ ପାରି ଗୋଟିଏ ସ୍ଥାନରେ ଛିଡ଼ା ହୋଇଥିବା ସ୍ଥାନୀୟ ଲୋକେ ଦେଖି ରାତିରେ ବନ ବିଭାଗକୁ ସୂଚନା ଦେଇଥିଲେ। ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ରବୀନ୍ଦ୍ରନାଥ ମହାନ୍ତ ଓ ଅନ୍ୟ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ପାଇଁ ଉଦ୍ୟମ କରୁଥିବା ବେଳେ ହାତୀର ମୃତ୍ୟୁ ଘଟିଥିଲା। ମୃତ ହାତୀର ବୟସ ପ୍ରାୟ ୧୫ରୁ୨୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଥିବା ବନ ବିଭାଗ ସୂଚନା ଦେଇଛି।

DSPL-200



ବାର୍ତ୍ତା

ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ମୁଁ ଓଡ଼ିଶାର ଯୁବପିଢ଼ିଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଆମ ଯୁବପିଢ଼ି ପ୍ରଗତି, ନବସୃଜନ ଏବଂ ସାମାଜିକ ପରିବର୍ତ୍ତନର ପ୍ରମୁଖ ସ୍ତମ୍ଭ । ସୁସ୍ଥ ଯୁବପିଢ଼ି ହେଉଛନ୍ତି ଏକ ସୁନ୍ଦର ଓ ସୁରକ୍ଷିତ ଓଡ଼ିଶାର ଆଧାରଶିଳା ।
ଅନେକ ସମୟରେ ସଚେତନତା ଅଭାବରୁ ଯୁବବର୍ଗଙ୍କ ଭବିଷ୍ୟତ ଅସୁରକ୍ଷିତ ହୋଇଥାଏ । ଏଚ୍.ଆଇ.ଭି/ ଏଡସ୍ ଏବଂ ଅନ୍ୟ ସହ-ସଂକ୍ରମଣ ସମ୍ପର୍କରେ ସଚେତନତା ଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ବର୍ଷ ଆଜି ଆରମ୍ଭ ହୋଇଛି । ଯୁବପିଢ଼ିଙ୍କୁ ସଚେତନ କରିବାର ଲକ୍ଷ୍ୟ ନେଇ ଓଡ଼ିଶା ମଧ ଏଥିରେ ସାମିଲ ହୋଇଛି ।
ଏହି କାର୍ଯ୍ୟକ୍ରମ ଆଜିଠାରୁ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଭିଯାନରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମଧ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଥିବା ଯୁବବର୍ଗଙ୍କ ପାଇଁ କଲେଜ ଏବଂ ସ୍କୁଲରେ ସଚେତନତା ଶିବିରମାନ ଆୟୋଜନ କରାଯାଉଛି । ଏହି ଅଭିଯାନରେ ଏଚ୍.ଆଇ.ଭି ସମ୍ପର୍କିତ ସଚେତନତା ଓ ସୁରକ୍ଷିତ ବ୍ୟବହାର ବିଷୟରେ ସଚେତନ କରାଯିବାର ଲକ୍ଷ୍ୟ ରହିଛି । ସମସ୍ତ ଶିକ୍ଷାନୁଷ୍ଠାନ, ଯୁବ ମଣ୍ଡଳ ଓ ସାମାଜିକ ସଂଗଠନମାନେ ଏଥିରେ ସକ୍ରିୟ ଭାଗ ନେବେ ବୋଲି ମୋର ଆଶା ଓ ବିଶ୍ୱାସ ।
ଏକ ସଚେତନ ଓ ସୁରକ୍ଷିତ ଯୁବପିଢ଼ି-ଏକ ଶକ୍ତିଶାଳୀ ଓଡ଼ିଶାର ଆଧାର ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ବାର୍ତ୍ତା

ଯୁବପିଢ଼ି ଆମ ରାଜ୍ୟର ମେରୁଦଣ୍ଡ ଏବଂ ଏକ ସଶକ୍ତ ତଥା ସୁସ୍ଥ ଓଡ଼ିଶା ଗଠନ ପାଇଁ ସେମାନଙ୍କ ସ୍ୱାସ୍ଥ୍ୟ, ସଚେତନତା ଏବଂ ସଶକ୍ତିକରଣରେ ବିନିଯୋଗ କରିବା ଗୁରୁତ୍ୱପୂର୍ଣ୍ଣ । ଆଜି ଅନ୍ତର୍ଜାତୀୟ ଯୁବ ଦିବସ ୨୦୨୫ ଅବସରରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ବର୍ଷ ଆରମ୍ଭ କରୁଛୁ । ଯାହା ଏଚ୍.ଆଇ.ଭି ନିରାକରଣ ଏବଂ ସୁସ୍ଥ ଆଚରଣ ଉପରେ ଯୁବ ନେତୃତ୍ୱଙ୍କ ସଚେତନତା ଉପରେ ପରିବେଶିତ ।
ଚଳିତ ବର୍ଷ ଅଗଷ୍ଟ ୧୨ରୁ ଅକ୍ଟୋବର ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନର ଲକ୍ଷ୍ୟ ତୃଣମୂଳ ସ୍ତରରେ ସଚେତନତାକୁ ଆହୁରି ତୀବ୍ର କରିବା ଏବଂ ସଠିକ ସୂଚନା, ପରୀକ୍ଷା ଏବଂ ସମର୍ଥନ ପାଇବାକୁ ପ୍ରୋତ୍ସାହିତ କରିବା । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ ସାରା ରାଜ୍ୟରେ ଖୁବ୍ ଆଦୃତ ହୋଇପାରିଥିଲା । ସମସ୍ତଙ୍କ ସହଯୋଗରେ ୪ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ଏବଂ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖରେ ସିଧାସଳଖ ସଚେତନତା ବାର୍ତ୍ତା ପହଞ୍ଚାଯାଇଥିଲା । ପଞ୍ଚାୟତ ସ୍ତରରେ ସମ୍ପୃକ୍ତି ସୁନିଶ୍ଚିତ କରିବା ପାଇଁ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅଭିଯାନର ସଫଳ ରୂପାୟନ ପାଇଁ ଚଳିତ ବର୍ଷ ମଧ ସମସ୍ତଙ୍କ ସହଯୋଗ ଏକାନ୍ତ କାମ୍ୟ ।
ଆସନ୍ତୁ, ଆମେ ଏକାଠି ଏକ ଏଡସ୍ ମୁକ୍ତ, ସୂଚନାପ୍ରଦ ଏବଂ ଦାୟିତ୍ୱବାନ ଓଡ଼ିଶା ଗଠନ କରିବା ।

(ଡ଼. ମୁକେଶ ମହାଲିଙ୍ଗ)
ମାନ୍ୟବର ମନ୍ତ୍ରୀ,
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR-10009/13/0052/2526

DSPL-193


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୧୨ ଅଗଷ୍ଟ ୨୦୨୫
ଜାତୀୟ କୃମି ନାଶକ ଦିବସ

କୃମି ସଂକ୍ରମିତ ହୋଇନଥିବା ପିଲାମାନେ ଅଧିକ ସ୍ୱାସ୍ଥ୍ୟବାନ ହୁଅନ୍ତି

ଜାଣନ୍ତିକି, ଆମ ଦେହରେ କୃମି କେଉଁ କୁପ୍ରଭାବ ପକାଏ ?

- ପୁଷ୍ଟିହୀନତା ଓ ରକ୍ତହୀନତା ଯୋଗୁଁ ସର୍ବଦା ଦୁର୍ବଳ ଅନୁଭବ ହୁଏ ।
- ସେମାନଙ୍କର ମାନସିକ ଓ ଶାରୀରିକ ଅଭିବୃଦ୍ଧିରେ ବାଧାପ୍ରାପ୍ତ ହୁଏ ।

କୃମି ନିୟନ୍ତ୍ରଣର ଉପାୟ ଅତି ସହଜ




୧-୧୯ ବର୍ଷର ସମସ୍ତ ପିଲାମାନଙ୍କୁ ସେମାନଙ୍କ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ିରେ କୃମି ନାଶକ ସିରପ୍/ ବଟିକା ଖାଇବାକୁ ଦିଆଯିବ ।
ଅଣପଞ୍ଜିକୃତ, ବିଦ୍ୟାଳୟ ଯାଉନଥିବା ପିଲା ଓ ପ୍ରଜନନକ୍ଷମ ମହିଳା (୨୦-୨୪ ବର୍ଷ) ମାନେ ଅଙ୍ଗନବାଡ଼ିରେ ଔଷଧ ଖାଇବେ ।

ଯେଉଁ ପିଲାମାନେ ଜାତୀୟ କୃମି ନାଶକ ଦିବସରେ ଔଷଧ ଖାଇନଥିବେ, ସେମାନଙ୍କୁ ୧୯ ଅଗଷ୍ଟ ୨୦୨୫ ଦିନ ଏହି ଔଷଧ ଦିଆଯିବ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0243/2526

ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି– ତେବେ ମୁଁ ଜାଣେ ନା– ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ– ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ହିଁ ଭଲ ଭାବେ ଜଣା। –ଶ୍ରୀଅରବିନ୍ଦ

-ଅଙ୍ଗଭେଟ ତୃତୀୟା, ଶରଣ ଶେଷ



# ଗାଜା ଦଖଲ

ଦେଖାଯାଇଛି ୨୦୦୬ ପରେ ପାଲେଷ୍ଟାଇନ୍‌ର ଉଗ୍ରବାଦୀ ସଙ୍ଗଠନ ହମାସ ଓ ଇସ୍ରାଏଲ ଅନେକ ଥର ମୁହାଁମୁହିଁ ହୋଇଛନ୍ତି। ହେଲେ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସର ଅତର୍କିତ ଆକ୍ରମଣ ବଡ଼ ଧରଣର ହୋଇଥିଲା। ଏଥିରେ ୧,୧୯୫ ଇସ୍ରାଏଲ ନାଗରିକଙ୍କୁ ହମାସ ହତ୍ୟା କରିବା ସହ ୨୫୧ ଜଣଙ୍କୁ ପଣବନ୍ଦୀ କରି ରଖିବା ଯୋଗୁ ଇସ୍ରାଏଲ ଗାଜା ଉପରେ ପ୍ରତି ଆକ୍ରମଣ କରିଥିଲା। ଏହି ଯୁଦ୍ଧକୁ ଆଉ ଦୁଇ ମାସ ପରେ ୨ ବର୍ଷ ପୂରିଯିବ। ୧ ଅଗଷ୍ଟ, ୨୦୨୫ ସୁଦ୍ଧା ପାଖାପାଖି ୬୫ ହଜାର ୬୦୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହେବା ସହ ୧,୫୨,୦୦୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ପ୍ରାୟ ଅଧା ଦେଉଛନ୍ତି ମହିଳା ଓ ଶିଶୁ। ଅପରପଟେ ଏହି ଯୁଦ୍ଧରେ ୨,୦୦୦ରୁ ଅଧିକ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିଛି। ଏହାମଧ୍ୟରେ ନଭେମ୍ବର ୨୦୨୩ ଓ ଜାନୁଆରୀ ୨୦୨୪ରେ ଦୁଇଥର ସାମୟିକ ଭାବେ ଯୁଦ୍ଧବିରତି ହୋଇଥିଲେ ମଧ୍ୟ ଯୁଦ୍ଧାବସାନର ଆଭାସ ମିଳୁନାହିଁ। ଏଭଳି ସ୍ଥିତିରେ ନିକଟରେ ଗାଜାକୁ ସମ୍ପୂର୍ଣ୍ଣ ଦଖଲ କରିବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଯୋଜନା କରିଛନ୍ତି। ତାଙ୍କର ଏପରି ନିଷ୍ପତ୍ତିକୁ ଇସ୍ରାଏଲର ସୁରକ୍ଷା କ୍ୟାବିନେଟ ମଞ୍ଜୁରୀ ଦେଇସାରିଥିବାବେଳେ ପୂର୍ଣ୍ଣ କ୍ୟାବିନେଟ ଏହାକୁ ସ୍ୱୀକୃତି ପ୍ରଦାନ କରିପାରେ ବୋଲି କୁହାଯାଉଛି। ଦେଖାଗଲାଣି ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ(ଆଇଡିଏଫ୍) ଏବେ ସୁଦ୍ଧା ଗାଜାର ୭୫ ପ୍ରତିଶତ ଦଖଲ କରିଥିବାବେଳେ ଆଉ ବାକି ୨୫% ଅକ୍ତିଆର କରିବା ପାଇଁ ନେତାନ୍ୟାହୁ ଯୋଜନା କରିଛନ୍ତି। ଇତିମଧ୍ୟରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଇସ୍ରାଏଲ ନାଗରିକ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରି ପଣବନ୍ଦୀଙ୍କୁ ମୁକ୍ତ କରିବା ସକାଶେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ହେଲେ ନେତାନ୍ୟାହୁଙ୍କ ଯୁକ୍ତି ହେଲା ଆକ୍ରମଣ ଜୋରଦାର ହେଲେ ପଣବନ୍ଦୀଙ୍କୁ ଶୀଘ୍ର ମୁକ୍ତ କରିବା ସମ୍ଭବ ହେବ। ଅନ୍ୟପକ୍ଷରେ ଆକ୍ରମଣ ଜୋରଦାର କରାଗଲେ ତାହା ପଣବନ୍ଦୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସହ ମାନବୀୟ ସଙ୍କଟ ଓ ବିସ୍ଥାପନ ବଢ଼ିବ ବୋଲି ଜର୍ମାନୀ, ଫ୍ରାନ୍ସ ଓ ଇଂଲଣ୍ଡ ମିଳିତ ବିବୃତିରେ କହିଲେଣି। ଗାଜାକୁ ସମ୍ପୂର୍ଣ୍ଣ ଦଖଲ କରି ଇସ୍ରାଏଲ ସହ ମିଶାଇବା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି ଏଥିରେ ସ୍ପଷ୍ଟ କରାଯାଇଛି।

**ଉଗ୍ରବାଦକୁ ଦମନ କରିବାକୁ ହେଲେ ସାଧାରଣ ଲୋକ କ୍ଷତିଗ୍ରସ୍ତ ହେବା ସ୍ୱାଭାବିକ। ପୃଥିବୀର ସଭ୍ୟ ସମାଜକୁ ଏହି ବିଷୟରେ ଚିନ୍ତା କରି ନିଷ୍ପତ୍ତି ନେବାକୁ ହେବ। କୌଣସି ସଭ୍ୟ ସମାଜ ଉଗ୍ରବାଦକୁ କଦାପି ସମର୍ଥନ ଦେବା ଅନୁଚିତ।**

ଖବର ମିଳୁଛି ଏବେସୁଦ୍ଧା ଗାଜାରେ ୧୯ ଲକ୍ଷ ଲୋକ ବିସ୍ଥାପିତ ହୋଇସାରିଲେଣି। ଏହି ଯୁଦ୍ଧ ଏବେ ଗଣହତ୍ୟାର ରୂପ ନେଇଛି ବୋଲି ଇସ୍ରାଏଲ ମାନବ ଅଧିକାର ସଙ୍ଗଠନଠାରୁ ଆରମ୍ଭ କରି ବହୁ ଅନ୍ତର୍ଜାତୀୟ ମାନବ ଅଧିକାର ସଙ୍ଗଠନ ଓ ଗଣହତ୍ୟା ଉପରେ ଅନୁଧ୍ୟାନ କରୁଥିବା ବିଶେଷଜ୍ଞ ମତ ଦେଉଛନ୍ତି। ଏହା ଉପରେ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ) ଉଦ୍‌ବେଗ ପ୍ରକାଶ କରିବା ପରେ ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ(ଆଇସିସି) ନେତାନ୍ୟାହୁ ଓ ପୂର୍ବତନ ସେନାଧିକାରୀ ତଥା ପ୍ରତିରକ୍ଷା ମନ୍ତ୍ରୀ ୟୋଭ ଗାଲାଣ୍ଟଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛି। ଏହା ବାସ୍ତବରେ ଗାଜାର ଗଣହତ୍ୟା ସ୍ଥିତିକୁ ଉଜାଗର କରୁଛି। ଏତଦ୍‌ବ୍ୟତୀତ ଯୁଦ୍ଧ ଆରମ୍ଭରୁ ସ୍କୁଲ, ହସ୍ପିଟାଲ ଓ ଆଶ୍ରୟସ୍ଥଳୀଗୁଡ଼ିକୁ ଇସ୍ରାଏଲ ଛାଡ଼ିନାହିଁ। ଏବେ କିଛି ମାସ ହେଲା ସହାୟତା କେନ୍ଦ୍ରଗୁଡ଼ିକରେ ଇସ୍ରାଏଲ ଆକ୍ରମଣ କରି ଗାଜାର ଲୋକଙ୍କୁ ମାରିଦେଉଛି। ପାଲେଷ୍ଟାଇନ ଶରଣାର୍ଥୀଙ୍କ ପାଇଁ ଥିବା ଜାତିସଂଘର ସଂସ୍ଥା ତଥ୍ୟ ଅନୁଯାୟୀ ଚଳିତ ବର୍ଷ ମେ'ଠାରୁ ଏହିଭଳି ଭାବେ ଏଯାବତ ପାଖାପାଖି ୮୦୦ ଲୋଙ୍କ ମୃତ୍ୟୁ ଘଟିଲାଣି। ଲୋକମାନେ ଭୋକିଲା ରହିବା ସହ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଶିଶୁମାନଙ୍କୁ ଶିକ୍ଷା ମିଳିପାରୁନାହିଁ ଓ ଅଧିକ ସଂଖ୍ୟାରେ ସେମାନଙ୍କ ମୃତ୍ୟୁ ହେଉଛି। ଏଭଳି ଏକ ମାନବୀୟ ସଙ୍କଟ ଓ ମାନବ ଅଧିକାରର ଉଲ୍ଲଂଘନରୁ କ୍ଷାନ୍ତ ହେବା ପାଇଁ ଦାବି କରିବା ସହ ଇସ୍ରାଏଲ ଆକ୍ରମଣ ବିରୋଧରେ ଜାତିସଂଘ ସାଧାରଣ ସଭାରେ ୧୪୯ ଦେଶ ଭୋଟ ଦେଇଛନ୍ତି। ହେଲେ ଭାରତ ସେଥିରୁ ବିରତ ରହିଛି। ଦେଖିବାକୁ ଗଲେ ଇସ୍ରାଏଲକୁ ଆମେରିକା ସମ୍ପୂର୍ଣ୍ଣ ସହଯୋଗ କରି ଏକବିଂଶ ଶତାବ୍ଦୀର ଏଭଳି ଗଣହତ୍ୟାକୁ ଉତ୍ସାହିତ କରିଚାଲିଛି। ଏବକାର ବୈଶ୍ୱିକ ଦୃଶ୍ୟପଟରେ ହମାସ, ହେଜବୋଲ୍ଲା, ହୁତି, ଆଇଏସ୍ ଭଳି ଉଗ୍ରବାଦୀ ଗୋଷ୍ଠୀ ମାନବତା ପ୍ରତି ବିପଦ। ସେମାନଙ୍କୁ ନିୟନ୍ତ୍ରଣ କିମ୍ବା ଶକ୍ତିହୀନ କରିବା ସକାଶେ ହେଉଥିବା ପ୍ରୟାସକୁ ଦୃଷ୍ଟିରେ ରଖି ଆଲୋଚନା କଲେ ଇସ୍ରାଏଲର ସାମରିକ ପଦକ୍ଷେପକୁ ଠିକ୍ ବୋଲି କୁହାଯାଇପାରେ। କିନ୍ତୁ ଯୁଦ୍ଧ ବେଳେ କେବଳ ଉଗ୍ରବାଦୀ କିମ୍ବା ସାମରିକ ବ୍ୟକ୍ତିଙ୍କ ମୃତ୍ୟୁ ଘଟି ନ ଥାଏ। ସିଧାସଳଖ ଯୁଦ୍ଧ ସହ ସମ୍ପୃକ୍ତ ନ ଥିଲେ ମଧ୍ୟ ବେସାମରିକ ଲୋକମାନେ ଏହାର ଶିକାର ହୋଇଥାଆନ୍ତି। ଏଭଳି ସ୍ଥଳେ ଅନ୍ତର୍ଜାତୀୟ ମଞ୍ଚରେ ପ୍ରଥମେ ଚିନ୍ତା କରାଯିବା ଦରକାର ଉଗ୍ରବାଦକୁ ସମର୍ଥନ ଦିଆଯିବା ନା ତାକୁ ଦମନ କରାଯିବ। ଯଦି ସମର୍ଥନ ଦିଆଯିବ ସେହିସବୁ ସଙ୍ଗଠନ ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦେଉଥିବା ବେସାମରିକ ସାଧାରଣ ନାଗରିକର ସୁରକ୍ଷା ପ୍ରତି ସଚେତନ ରହିବା ଦରକାର। ଉଗ୍ରବାଦ ଭିଆଉଥିବା ଗୋଷ୍ଠୀକୁ ନିଜର କାର୍ଯ୍ୟ କରିବାକୁ ହେଲେ ସ୍ଥାନୀୟ ସାଧାରଣ ନାଗରିକଙ୍କ ସମର୍ଥନ ନିଶ୍ଚିତ ଭାବେ ଲୋଡ଼ା। ସେଥିପାଇଁ ଉଗ୍ରବାଦକୁ ଦମନ କରିବାକୁ ହେଲେ ସାଧାରଣ ଲୋକ କ୍ଷତିଗ୍ରସ୍ତ ହେବା ସ୍ୱାଭାବିକ। ପୃଥିବୀର ସଭ୍ୟ ସମାଜକୁ ଏହି ବିଷୟରେ ଚିନ୍ତା କରି ନିଷ୍ପତ୍ତି ନେବାକୁ ହେବ। କୌଣସି ସଭ୍ୟ ସମାଜ ଉଗ୍ରବାଦକୁ କଦାପି ସମର୍ଥନ ଦେବା ଅନୁଚିତ।

# କ୍ଷମତାର ଲଢ଼େଇ



ଅକ୍ଷୟ କୁମାର ମିଶ୍ର

ଶୀର୍ଷକଟି ସାର୍ବଜନୀନ ସତ୍ୟ କହିଲେ ଭୁଲ୍ ହେବ ନାହିଁ। ଏହି ଲଢ଼େଇଠାରୁ ବୋଧହୁଏ କେହି ମୁକ୍ତ ନୁହନ୍ତି। ପ୍ରାୟ ଊଣାଧିକେ ସମସ୍ତେ ଲଢ଼େଇର ମଇଦାନରେ ଅବତୀର୍ଣ୍ଣ। ସବୁଠି ଲଢ଼େଇ ଚାଲିଛି। ପୁଣି ସୀମାହୀନ। ପାହାଚ ପରେ ପାହାଚ ଚଢ଼ିବା ନିମନ୍ତେ ପଛକୁ ଠେଲିଦେଇ ଆଗକୁ ଆଗେଇ ଯିବାର ପ୍ରବଣତା ମଣିଷର ପ୍ରବୃତ୍ତି ପାଲଟି ଗଲାଣି। କ୍ଷମତାର ଲଢ଼େଇ ବେଳେ ଚିହ୍ନାମୁହଁ ସବୁ ଅଚିହ୍ନା ପାଲଟି ଯାଉଛନ୍ତି। ଆପଣାର ମଣିଷ ପର ପାଲଟି ଯାଉଛନ୍ତି। ସ୍କୁଲ, କଲେଜ, ଅଫିସ ସବୁଠି କ୍ଷମତାର ଲଢ଼େଇ। ସଂଘ, ସଂଗଠନ, ରାଜନୈତିକ ଦଳଗୁଡ଼ିକର ତ ଏହା ଅଣାୟତ୍ତ ହେବାକୁ ବସିଲାଣି।

କ୍ଷମତା ପାଇଁ ଲଢ଼େଇ ସାଧାରଣତଃ ଦୁଇ ପ୍ରକାର ହୋଇଥାଏ। ଏକ ପ୍ରକାର ଲଢ଼େଇ ଦୃଶ୍ୟମାନ। ଯେଉଁଥିରେ ସାଧାରଣ ଲୋକ ପକ୍ଷଭୁକ୍ତ ହୁଅନ୍ତି। ସେମାନେ କ୍ଷମତା ଲଢ଼େଇରେ ଜଣେ ଜଣେ ଅସଲି ସୈନିକ ସାଜନ୍ତି ଏବଂ ମତଦାନ ଜରିଆରେ କ୍ଷମତା ପ୍ରଦାନ କରନ୍ତି। ଯାହାକୁ ଆମେ ଗଣତନ୍ତ୍ରର ମହୋତ୍ସବ ବୋଲି ଧରିନେଉ। ଏହା ସରକାରୀ ବ୍ୟବସ୍ଥାର ଅଂଶବିଶେଷ। ସେଥିପାଇଁ ଦେଶର ଏକ ସ୍ୱାଧୀନ ସଂସ୍ଥା ମଧ୍ୟ ଅଛି ଯାହାକୁ ନିର୍ବାଚନ ଆୟୋଗ ବୋଲି କୁହାଯାଏ। ପଞ୍ଚାୟତଠାରୁ ପାର୍ଲାମେଣ୍ଟ ସମସ୍ତ ଦରବାର ପାଇଁ ଯେଉଁ ଚେୟାରସବୁ ଅଛି ସେଥିରେ ଉପବେଶନ ପାଇଁ ଯୋଗ୍ୟତମ ବ୍ୟକ୍ତି ଚୟନ ନିମନ୍ତେ ପ୍ରତି ପାଞ୍ଚବର୍ଷରେ ନିର୍ବାଚନ ହୁଏ। ଏହି ନିର୍ବାଚନ ରଣାଙ୍ଗନରେ ଲଢ଼େଇ ପାଇଁ ଯେଉଁମାନେ ଅବତୀର୍ଣ୍ଣ ହୁଅନ୍ତି ସେମାନେ ଯେଉଁ କଳ, କୌଶଳ, କୂଟନୀତି ପ୍ରୟୋଗ କରନ୍ତି ସେଗୁଡ଼ିକ ଏମିତି ମାରଣାସ୍ତ୍ର ଯାହା ମଣିଷ ମଣିଷ ଭିତରେ ଘୃଣା, ବିଦ୍ୱେଷ, ହିଂସା, ଶତ୍ରୁତା ଜନ୍ମ ଦିଏ। ସଂପ୍ରୀତି, ସଂହତି, ସମ୍ପର୍କ, ଧ୍ୱଂସ କରିଦିଏ। ଭାବ, ଭ୍ରାତୃତ୍ୱ, ଭାଇଚାରା ନଷ୍ଟ କରିଦିଏ। ଏହାର ପ୍ରମୁଖ କାରଣ ହେଉଛି କ୍ଷମତା ପ୍ରତି ମାତ୍ରାଧିକ ଆସକ୍ତି ଓ ଆକର୍ଷଣ। ଯେମିତି ହେଉ କଳେ ବଳେ କୌଶଳେ ଲଢ଼େଇରେ ବିଜୟୀ ହେବାର ପ୍ରବଣତା ମଣିଷକୁ ବିଚାରବୋଧ ଠାରୁ ଦୂରେଇ ଦେଉଛି।

ମାତ୍ର ଏହି ରଣ କୌଶଳରେ ଯେଉଁସବୁ ପନ୍ଥା ଅବଲମ୍ବନ ହେଉଛି ତାହା ଗଣତନ୍ତ୍ରର ପରିପନ୍ଥୀ, ଗଣତନ୍ତ୍ରକୁ ଦୁର୍ବଳ କରୁଛି। ପ୍ରଥମତଃ ଲଢ଼େଇ ଜିତିବା ନିମନ୍ତେ ଅପର୍ଯ୍ୟାପ୍ତ ଅର୍ଥ ବିନିଯୋଗ ହେଉଛି ବ୍ୟବସାୟରେ ପୁଞ୍ଜି ନିବେଶ କଲାଭଳି। ଜାତି, ଧର୍ମକୁ ନେଇ ଭାବପ୍ରବଣତାର ଅସ୍ତ୍ର ପ୍ରୟୋଗ ହେଉଛି ଯେଉଁଠି ଯେମିତି ଆବଶ୍ୟକ। ଏହା ପରେ 'ହାତୀ ଦେବି, ଘୋଡ଼ା ଦେବି'ର ମନଲୋଭା ପ୍ରତିଶ୍ରୁତି ଦେଇ ପ୍ରଲୁବ୍ଧ କରାଯାଉଛି ଜନତାଙ୍କୁ। କ୍ଷମତାରେ ଥିବା ବ୍ୟକ୍ତିମାନେ କ୍ଷମତାର ଅପବ୍ୟବହାର କରୁଛନ୍ତି ନିଜ କୁର୍ସିକୁ ବଜାୟ ରଖିବା ପାଇଁ। ଦେଖାଯାଉଛି ଲଢ଼େଇ ସମୟ ଯେତେ ପାଖେଇ ଆସୁଛି ସେତେ ସେତେ ମନଲୋଭା ଯୋଜନା ପ୍ରଣୟନ ହେଉଛି। ସରକାରୀ କଳ, ବଳ, ଧନର ଦୁରୁପଯୋଗ ହେଉଛି କେବଳ କ୍ଷମତାରେ ତିଷ୍ଠି ରହିବା ନିମନ୍ତେ। ଏହି ଅନୈତିକ ଲଢ଼େଇକୁ ରୋକିବା ପାଇଁ ନା ନିର୍ବାଚନ ଆୟୋଗ ପାଖରେ ଆନ୍ତରିକତା ଅଛି ନା ଜନସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି ହେଉଛି ? ସଭିଏ ସମୟ, ସମାଜ ଓ ବ୍ୟବସ୍ଥା ଉପରେ ଦୋଷ ଦେଉଛନ୍ତି।



ଆଉ ଏକ ପ୍ରକାର କ୍ଷମତାର ଲଢ଼େଇ ଆମେ ଦେଖିବାକୁ ପାଉଛୁ ଯାହା ପୂର୍ବୋକ୍ତ ଲଢ଼େଇଠାରୁ ଆହୁରି କ୍ଷତିକାରକ ଓ ମାରାତ୍ମକ। ଅଣ୍ଟି ଛୁରି ତଣ୍ଟି କାଟିଲା ଭଳି ଏହା ଭିତରେ ଭିତରେ ଚାଲିଥାଏ। ଏହି ଲଢ଼େଇ ସହିତ ସାଧାରଣ ଲୋକଙ୍କର କୌଣସି ସମ୍ପର୍କ ନ ଥାଏ। କିନ୍ତୁ ଏହା ସେମାନଙ୍କୁ ସଂକ୍ରମିତ କରେ। ସେମାନଙ୍କ ମଧ୍ୟରେ ବିଭାଜନର ବିଷ ମଞ୍ଜି ବୁଣେ। ଉଚ୍ଚ ପଦବୀରେ ଅଧିଷ୍ଠିତ ହେବା ପାଇଁ ଏହି ଲଢ଼େଇ ଚାଲେ ନିଜ ନିଜ ଭିତରେ। ପଦ ପଦବୀର ମୋହ, କ୍ଷମତାର ଲାଳସା ନିକଟରେ ବନ୍ଧୁତା ଶତ୍ରୁତାରେ ରୂପାନ୍ତରିତ ହୋଇଯାଏ। ପ୍ରଥମେ ଏହା ମତାନ୍ତର ବୋଲି କୁହାଯାଏ। କିନ୍ତୁ ପରବର୍ତ୍ତୀ ସମୟରେ ଏହା ମନାନ୍ତରରେ ପରିଣତ ହୁଏ। ଏହି ଲଢ଼େଇ ଦେଖିବାକୁ ମିଳେ ବିଭିନ୍ନ ସଂଘ, ସଂଗଠନ, ରାଜନୈତିକ ଦଳ ଭିତରେ। ଏହି ଆଭ୍ୟନ୍ତରୀଣ କନ୍ଦଳ ସଂଗଠନର ସଂହତିକୁ ନଷ୍ଟ କରିଦିଏ, କ୍ଷୁଣ୍ଣ କରିଦିଏ ରାଜନୈତିକ ଦଳର ପତିଆରା।

ଆମେ ଯଦି ରାଜନୈତିକ ଦଳଗୁଡ଼ିକୁ ବିଚାରକୁ ନେବା ତେବେ ସେଥିରେ ଏହି ପ୍ରକାର ଲଢ଼େଇ ବେଳେ ବେଳେ ଉତ୍କଟ ରୂପ ଧାରଣ କରେ। କେବଳ ବାମପନ୍ଥୀ ଦଳଗୁଡ଼ିକରେ ନେତୃତ୍ୱ ଚୟନ ବେଳେ ସେମିତି କିଛି ବଡ଼ ଧରଣର ସମସ୍ୟା ଉପୁଜୁ ନ ଥିଲେ ମଧ୍ୟ ସାମୟିକ ଦ୍ୱନ୍ଦ୍ୱ ଥାଏ। କିନ୍ତୁ ଏକ ନିର୍ଦ୍ଧାରିତ ସମୟରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ମାଧ୍ୟମରେ ନେତୃତ୍ୱ ଚୟନ ହୁଏ। କନ୍ଦଳ ପାଇଁ କେଉଁଠି ନେତୃତ୍ୱ ଚୟନ ପ୍ରକ୍ରିୟା ସ୍ଥଗିତ ରହିବା କଥା ଶୁଣିବାକୁ ମିଳେ ନାହିଁ। ଏହିସବୁ ଦଳଗୁଡ଼ିକରେ କ୍ଷମତାକୁ ନେଇ ଆଦୌ ଲଢ଼େଇ ହୁଏ ନାହିଁ କହିଲେ ଭୁଲ୍ ହେବ ମାତ୍ର କ୍ୱଚିତ୍। ଦକ୍ଷିଣପନ୍ଥୀ ଦଳଗୁଡ଼ିକରେ କ୍ଷମତାକୁ ନେଇ ଗୋଷ୍ଠୀ କନ୍ଦଳ ଉଗ୍ରରୂପ ଧାରଣ କରୁଛି। ବ୍ଲକ୍‌ଠାରୁ ରାଜ୍ୟରେ, ସର୍ବଭାରତୀୟ ସ୍ତରରେ ଯେତେସବୁ କମିଟି ଅଛି ସବୁଥିରେ କନ୍ଦଳ, ଗୋଷ୍ଠୀ କନ୍ଦଳ। ତାହା ପୁଣି ନେତୃତ୍ୱ ଚୟନକୁ ନେଇ। ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ କଥା କଟାକଟି, ଆକ୍ଷେପ, ପ୍ରତିଆକ୍ଷେପ, ବେଳେ ବେଳେ ସଭା ସମିତିରେ ଚେୟାର ଫିଙ୍ଗାଫିଙ୍ଗି ପର୍ଯ୍ୟନ୍ତ ଯାଏ। ଭୁଲିଯାଆନ୍ତି ସେମାନେ ସମସ୍ତେ ଗୋଟିଏ ପକ୍ଷୀର ପର ବୋଲି। ଲଢ଼େଇ ଏମିତି ସ୍ତରରେ ଯାଇ ପହଞ୍ଚେ ଟଣାଓଟରା ଯୋଗୁ ନେତୃତ୍ୱ ଚୟନ ହୋଇପାରେ ନାହିଁ। ଏହି ସବୁ ଦଳଗୁଡ଼ିକରେ ଗଣତନ୍ତ୍ର ଏକ ଢାଲ ଭାବରେ ବ୍ୟବହାର ହୁଏ। କିନ୍ତୁ ହାଇକମାଣ୍ଡଙ୍କ ଇସାରାରେ ନେତୃତ୍ୱ ଚୟନ ହୁଏ। ଫଳରେ ଅସନ୍ତୋଷର ନିଆଁ ଲିଭିବାର ନାଁ ଧରେ ନାହିଁ। ଶାସକ ଦଳ ହୋଇଥିଲେ ମନ୍ତ୍ରିମଣ୍ଡଳ ଗଠନଠାରୁ ଆରମ୍ଭ କରି ଏହି ଲଢ଼େଇର ପ୍ରଭାବ ସରକାର ପରିଚାଳନା ଉପରେ ମଧ୍ୟ ପଡ଼େ। ତା'ପରେ ଏହା ଜନସାଧାରଣଙ୍କ ପାଖକୁ ସଂକ୍ରମିତ ହୋଇଯାଏ। ଗୋଟିଏ ଦଳ ଭିତରେ ଇଏ ତା' ଗୋଷ୍ଠୀର ସିଏ ଇଆର କହି ଶତ୍ରୁତା ଚରମ ସୀମା ଛୁଏଁ।

କେବଳ ରାଜନୈତିକ ଦଳଗୁଡ଼ିକରେ କ୍ଷମତା ଲଢ଼େଇର ଅନ୍ତଃସ୍ରୋତ ପ୍ରବାହିତ ହେଉ ନାହିଁ, ହେଉଛି ଊଣାଧିକେ ସବୁ ଗଣ ସଂଗଠନରେ। ବିଭିନ୍ନ ପଦ ପଦବୀରେ କୁର୍ସି ଆରୋହଣ କରିବା ପାଇଁ ଚାଲୁଛି ଅଘୋଷିତ ଲଢ଼େଇ। ବିଶ୍ୱାସ ଅବିଶ୍ୱାସର ଲୁଚକାଳି ଖେଳ ଭିତରେ ସଂଗଠନର ସଂହତି, ଏକତା ପଶାପାଲିରେ ନିର୍ଜୀବ ଗୋଟି ପାଲଟି ଯାଉଛି। କିଛି କିଛି ଗଣ ସଂଗଠନରେ ଏହି ଲଢ଼େଇ ନିର୍ବାଚନର କୁରୁକ୍ଷେତ୍ର ସୃଷ୍ଟି କରୁଛି। ଦେଶରେ ସମ୍ପ୍ରତି ଅନୁଷ୍ଠିତ ନିର୍ବାଚନ ସବୁ ଯେମିତି କଳୁଷିତ ହେଲାଣି ସେମିତି ସମାନ ରାସ୍ତାରେ ଏବେ ଗଣ ସଂଗଠନଗୁଡ଼ିକର ନିର୍ବାଚନ ପ୍ରକ୍ରିୟା। ଏହି ଲଢ଼େଇ ଯେ ସଂଗଠନଗୁଡ଼ିକୁ ଦୁର୍ବଳ କରୁଛି ଏବଂ ସଂଗଠନ ତା'ର ନୀତି, ଆଦର୍ଶ, ଆଭିମୁଖ୍ୟଠାରୁ ଅପସରିଯାଉଛି ଏଥିରେ ସନ୍ଦେହ ନାହିଁ। କେବଳ ଗଣ ସଂଗଠନ ନୁହଁ ବହୁ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟ ସଂଗଠନଗୁଡ଼ିକ ଏହି ବ୍ୟାଧିରୁ ମୁକ୍ତ ନୁହନ୍ତି।

ସତ କହିବାକୁ ଗଲେ କ୍ଷମତା ଥିଲେ ସମ୍ମାନ ମିଳୁଛି। କ୍ଷମତା ଥିଲେ ପ୍ରତିଷ୍ଠା, ପ୍ରତିପତ୍ତି ଅଛି। କ୍ଷମତା ଅର୍ଥ ଉପାର୍ଜନର ମାଧ୍ୟମ ପାଲଟି ଯାଇଛି। ସେଇଥିପାଇଁ କ୍ଷମତା ପ୍ରାପ୍ତିର ଲଢ଼େଇ ନିକଟରେ ସତ୍ୟ, ନ୍ୟାୟ, ସମ୍ପର୍କ, ସହାନୁଭୂତି ସବୁକିଛି ତୁଚ୍ଛ। ଏ ଲଢ଼େଇ ଥିଲା, ଅଛି, ରହିବ। କେବେ ବନ୍ଦ ହୋଇଯିବ ନାହିଁ। କିନ୍ତୁ ଏ ଲଢ଼େଇ ଯେତେ ସ୍ୱଚ୍ଛ ଓ ସୁସ୍ଥ ହେବ, ସହଜ ଓ ସରଳ ହେବ, ଅନ୍ୟାୟ ଅନୀତିଠାରୁ ଦୂରେଇ ରହିବ ଆମ ସମସ୍ତଙ୍କ ପାଇଁ ସେତେ ଭଲ ହେବ। ସମାଜରେ ସୃଷ୍ଟି ହେବ ଏକ ସକାରାତ୍ମକ ବାତାବରଣ। ନଚେତ୍ ଲଢ଼େଇ ଜନ୍ମ ଦେବ ଅବିଶ୍ୱାସ। ଅବିଶ୍ୱାସରୁ ସନ୍ଦେହ, ସନ୍ଦେହରୁ ଶତ୍ରୁତା, ଶତ୍ରୁତାରୁ ହିଂସା ଓ ରକ୍ତପାତ।

**ସଭାପତି, ଓସ୍ଥା**
**ମୋ: ୯୯୩୮୭୬୩୨୩୭**

# ସ୍ନେହରଙ୍କୁଣା ମଣିଷ



ଡ. ମନୋରଞ୍ଜନ ପ୍ରଧାନ

ଦୁଇଦିନିଆ ଜାତୀୟ ପତ୍ରବାଚନ ସଫଳତାର ସହ ସମାପ୍ତ ହୋଇଯାଇଥାଏ। ଅତିଥି, ଅଧିକାରୀ ଓ ଆଗନ୍ତୁକ ସଦସ୍ୟା ସଦସ୍ୟମାନେ ଫେରିଗଲେଣି ନିଜ ଗନ୍ତବ୍ୟ ସ୍ଥାନକୁ। ସମସ୍ତଙ୍କୁ ଆନୁଷ୍ଠାନିକ ବିଦାୟ ଦେବା ପରେ ଦୁଇ ଦିନ ଧରି ଜଳପାନ, ମଧ୍ୟାହ୍ନ ଓ ରାତ୍ରି ଭୋଜନ ପ୍ରସ୍ତୁତ କରିଥିବା ରୋଷେୟା ଏବଂ ତାଙ୍କ ସହଯୋଗୀଙ୍କ ପାଖରେ ପହଁଚି, ସେମାନଙ୍କ ପାରିଶ୍ରମିକ ଦେଇ କହିଲି– ଆପଣମାନଙ୍କର କଠିନ ପରିଶ୍ରମ ହେତୁ ଅତିଥିମାନେ ଖୁସିରେ ଖାଇଲେ। ତା'ପରେ ସେମାନଙ୍କ ସହ ଏକ ସ୍ଥିର ଚିତ୍ର (ଫଟୋ) ଉତ୍ତୋଳନ ପାଇଁ ମୋର ଜଣେ ସହକର୍ମୀଙ୍କୁ କହିଲି। ଫଟୋ ଉଠିବା ପରେ ରୋଷେୟା ଓ ତାଙ୍କ ସହଯୋଗୀ (ଦୁଇଜଣ ବୃଦ୍ଧା ଶ୍ରମଜୀବୀ ଏବଂ ଜଣେ ପୁରୁଷ ସହକାରୀ) ମୋତେ କୋଳାଗ୍ରତ କହିଲେ– ବାବୁ ବିଭିନ୍ନ ଜାଗାରେ ଭୋଜି ରାନ୍ଧୁଛୁ। ରୋଜଗାର କରୁଛୁ। ସମସ୍ତେ ରୋଷେଇ ପରେ କିଛି କିଛି ପାରିଶ୍ରମିକ ବିଭିନ୍ନ ବାହାନା କରି କାଟି ଦିଅନ୍ତି ଏବଂ ଆମକୁ ମଲିମୁଣ୍ଡିଆ ଭଳି ବ୍ୟବହାର କରନ୍ତି। ହେଲେ ତୁମେ ଭିନ୍ନ ।

ଉପରୋକ୍ତ ବ୍ୟକ୍ତିଗତ ଅନୁଭବଟି ଉପସ୍ଥାପନ କରିବାର ଆଭିମୁଖ୍ୟ ହେଉଛି ପ୍ରତ୍ୟେକ ମଣିଷ ସ୍ନେହରଙ୍କୁଣା। କେବଳ ଟିକିଏ ଭଲ ବ୍ୟବହାର, କଥାବାର୍ତ୍ତା, ଭାବର ଆଦାନ ପ୍ରଦାନରେ ଅତି ଆପଣାର ହୋଇଯାଆନ୍ତି। କିନ୍ତୁ ଆଜିକାଲି ମଣିଷପଣିଆ ହଜିଯାଇଛି। ମଣିଷ ଆଉ ମଣିଷ ହୋଇ ରହିନାହିଁ। ମଣିଷ ସବୁ କଥାରେ ଲାଭ କ୍ଷତିର ହିସାବ କରୁଛି। ସମସ୍ତଙ୍କୁ ସମାନ ଭାବରେ ଦେଖିବା ପରିବର୍ତ୍ତେ ପଦ, ପଦବୀ, ଅର୍ଥ ତଥା କ୍ଷମତାର ନିକିତିରେ ତଉଲିବାକୁ ଚେଷ୍ଟା କରି ତା'ଠାରୁ ସାମାନ୍ୟ ତଥାକଥିତ ତଳ ସ୍ତରର ଲୋକଙ୍କୁ ଇତର ପ୍ରାଣୀଙ୍କ ଭଳି ବ୍ୟବହାର କରୁଛି। ତା' ପାଇଁ ଭାଗବତ ବାଣୀ– 'ସକଳ ଘଟେ ନାରାୟଣ, ଅନାଦି ପରମ କାରଣ' ଆପ୍ତ ବାକ୍ୟଟି ଗୋଟିଏ ପୁରୁଣାକାଳିଆ ଲୋକୋକ୍ତି। ସେଥିପାଇଁ ସମାଜରେ ଭେଦଭାବର ହାର ବଢ଼ିଚାଲିଛି। ମଣିଷ ଚିନ୍ତା କରିପାରୁ ନାହିଁ ଯେ ସମସ୍ତ ମଣିଷ ଏକ କିନ୍ତୁ ସୁବିଧା ସୁଯୋଗ ଦୃଷ୍ଟିରୁ ଆମର ବୃତ୍ତି ବା ପେଟ ପୋଷିବାର ପନ୍ଥା ଭିନ୍ନ। କିନ୍ତୁ ଏକଥା ବି ମନେରଖିବା ଉଚିତ ଯେ ଯେଉଁ ବ୍ୟକ୍ତିବିଶେଷ ନିଜ ପଦ,ପଦବୀ ଓ କ୍ଷମତା ପାଇଁ ଅନ୍ୟମାନଙ୍କୁ ଘୃଣା କରନ୍ତି, ସେମାନେ ଅବସର ନେବା ପରେ ତାଙ୍କ ସାଥିରେ କେବଳ ବୁଲିବ ପୋଷାକୁକୁର, ସେ ପୁଣି ଲାଞ୍ଚ (ପ୍ରସ୍ତାବିତ ଭଲ ଖାଦ୍ୟ, ସୁବିଧା ସୁଯୋଗ ଇତ୍ୟାଦି)ପାଉଥିଲେ। ନିର୍ଦ୍ଧାରିତ ବୟସ ପରେ ପଦ, ପଦବୀ ଓ କ୍ଷମତା ଚାଲିଯିବ। ସମାଜର କୌଣସି ବ୍ୟକ୍ତି ସେଭଳି ଅହଂକାରୀ ଓ ସ୍ୱଘୋଷିତ ପଦାଧିକାରୀଙ୍କୁ ସମ୍ମାନ ଦେବେ ନାହିଁ। ଶେଷରେ ନିଃସଙ୍ଗ ଜୀବନ କଟେଇବାକୁ ପଡ଼ିବ।



କୋଡ଼ିଏ ବର୍ଷ ତଳର କଥା। ମୋର ସ୍ୱଭାବ ହେଉଛି ସବୁ ବର୍ଗର ଲୋକଙ୍କ ସହ ବିନା ବାଛବିଚାରରେ କଥାବାର୍ତ୍ତା କରିବା। ମୁଁ ଯେଉଁ ଅନୁଷ୍ଠାନରେ କାମ କରୁଥିଲି ସେଠାରେ ଦଶ ବାର ଜଣ ସଫେଇ କର୍ମଚାରୀ କାମ କରୁଥିଲେ। ମୁଁ ସେମାନଙ୍କ ଭଲମନ୍ଦ ପଚାରି ବୁଝେ। ଛୁଟି ଦରଖାସ୍ତ ଲେଖିଦିଏ। ପିଲାମାନଙ୍କ ପାଠପଢ଼ା ବିଷୟରେ ପଚାରେ। ସେମାନେ ସବୁଦିନ ଗୋଟିଏ କୋଣ ଜାଗାରେ ମଧ୍ୟାହ୍ନ ଖାଆନ୍ତି। ଦିନେ ମୁଁ ସେମାନଙ୍କ ପାଖକୁ ଗଲି ଏବଂ ମିଶିକରି ଖାଇବି ବୋଲି କହିଲି। ସେମାନେ ଆଦୌ ରାଜି ହେଲେ ନାହିଁ। କିନ୍ତୁ ଜବରଦସ୍ତ ଜଣକ ଖାଇବା ଡବାରୁ (ଟିଫିନ ବକ୍ସ) ତରକାରି ଆଣି ଖାଇଲି। ସମସ୍ତେ ଅସ୍ତବ୍ୟସ୍ତ ହୋଇ ସେଠାରୁ ଉଠିଯିବାକୁ ଚେଷ୍ଟା କଲେ। ବୁଝେଇଲି ଏବଂ ସମସ୍ତେ ମିଳିମିଶି ଖାଇଲୁ। ସେଥିରୁ ଜଣେ ଯାହାଙ୍କ ଅକାଳରେ ସ୍ୱର୍ଗବାସ ହୋଇଗଲାଣି କହିଲେ– ଆଜ୍ଞା, ଅଧିକାଂଶ ଲୋକ ଆମକୁ ସୁଇପର କହି ଘୃଣା କରୁଛନ୍ତି। ହେଲେ ତୁମେ ଆମକୁ ଏତେ ସ୍ନେହ କାହିଁକି କରୁଛ ? ମୁଁ କହିଲି– ଦେଖ ! ମୋତେ ସୁଯୋଗ ମିଳିଲା ବୋଲି ଭଲ ପାଠପଢ଼ି ଚାକିରିଟିଏ କରିଦେଲି। ତୁମକୁ ମଧ୍ୟ ଯଦି ଭଲ ସୁବିଧା ସୁଯୋଗ ମିଳିଥାନ୍ତା, ମୋ ଭଳି ଭଲ ଚାକିରିଟି କରିପାରିଥାନ୍ତ! ଆମେ ପଦପଦବୀ ଦୃଷ୍ଟିରୁ ଟିକିଏ ଭିନ୍ନ, କିନ୍ତୁ ମଣିଷ ଭାବରେ ସମଜାତି ଓ ସମାନ। ସମସ୍ତେ ଖୁସି ହୋଇଗଲେ। ମୁଁ ଯେତେବେଳେ ସେ ଚାକିରି ଛାଡ଼ିଲି ପ୍ରଥମ ଥର ସେମାନଙ୍କ ଦ୍ୱାରା ସ୍ୱତନ୍ତ୍ର ବିଦାୟୀ ସମ୍ବର୍ଦ୍ଧନା ଦେଇ ବହୁତ କାନ୍ଦିଥିଲେ ଏବଂ ଆଜିଯାଏ ମନେ ରଖିଛନ୍ତି ତଥା ଭଲମନ୍ଦରେ କଥାବାର୍ତ୍ତା ହେଉଛନ୍ତି। କହିବାର ଅର୍ଥ ହେଉଛି ଆମର ଶାଳୀନ ତଥା ଶ୍ଳୀଳ ବ୍ୟବହାର ଆମକୁ ସମସ୍ତଙ୍କ ସହ ଅନ୍ତରଙ୍ଗ କରିଥାଏ। ତେଣୁ ମଣିଷ ତା'ର ଅହଂକାରକୁ ପରିହାର କରି ମଣିଷପଣିଆର ସମ୍ପର୍କ ଡୋରିରେ ବାନ୍ଧି ହୋଇଗଲେ ପଦପଦବୀ ତା' ପାଇଁ ଗୌଣ ହୋଇଯିବ, ଭେଦଭାବ ରୂପକ କାମଳ ରୋଗ ଦୂର ହୋଇଯିବ ଏବଂ ସବୁ ମଣିଷ ଆପଣାର ବୋଲି ଅନୁଭବ ହେବେ। କିନ୍ତୁ ଏତିକି ସାଧାରଣ ଜ୍ଞାନ ଓ ସାମାଜିକ ମୂଲ୍ୟବୋଧର ଅଭାବ ହିଁ ସମାଜରେ ବଡ଼ ସାନ, ଧନୀ ନିର୍ଦ୍ଧନ ଆଦି ଭେଦଭାବର ପାଚେରି ସୃଷ୍ଟି କରି ସମାଜରେ ଅରାଜକତା ସୃଷ୍ଟି କରୁଛି।

ଆଉ ଗୋଟିଏ ଛୋଟ ଉଦାହରଣ। ଘର ପାଖକୁ ଅନେକ ବନବାସୀ ମହିଳା ତାଙ୍କ କୃଷି ଓ ଜଙ୍ଗଲଜାତ ସାମଗ୍ରୀ ବିକ୍ରିକରିବାକୁ ଆସନ୍ତି। ସେମାନେ ଆମ ପରିବାରର ସଦସ୍ୟ ଭଳି ମନ ଖୋଲି କଥା ହୁଅନ୍ତି। ସୁବିଧା ଅସୁବିଧା କହନ୍ତି। ସେମାନେ ଭାରି ସ୍ୱାଭିମାନୀ ଏବଂ ସଚ୍ଚୋଟ। କାହାକୁ ଠକିବା, କାହାର କ୍ଷତି କରିଦେବା ସେମାନଙ୍କ ଆଦୌ ପ୍ରକୃତି କି ପ୍ରବୃତ୍ତି ନୁହେଁ। ସେମାନେ ସରଳ, ସଚ୍ଚୋଟ ଓ ବିଶ୍ୱାସୀ ମଣିଷ। ଯେତେବେଳେ ଆମେ ସେମାନଙ୍କ ସହ ଭଲ ବ୍ୟବହାର କରୁ ସେମାନେ ଆମକୁ ନିଜରକରି ସବୁ ସୁଖଦୁଃଖ କହି ଦିଅନ୍ତି। ତେଣୁ ମଣିଷ ମଣିଷପଣିଆ ନେଇ ବଞ୍ଚୁ। ପଦ, ପଦବୀ, କ୍ଷମତା ଆଦି ଭୌତିକ ସମ୍ପତ୍ତି କ୍ଷଣସ୍ଥାୟୀ ଏବଂ କ୍ଷଣଭଙ୍ଗୁର। କିନ୍ତୁ ସମାଜର ସବୁବର୍ଗର ଲୋକଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର, ସହଭାଗିତା ଓ ସହଯୋଗିତା ମଣିଷକୁ ଅମର କରିଦିଏ। ଶରୀର ତ୍ୟାଗ ପରେ ମଧ୍ୟ ମଣିଷ ବହୁବର୍ଷ ବଞ୍ଚିଯାଏ। ସ୍ନେହରଙ୍କୁଣା ମଣିଷମାନଙ୍କୁ କେବଳ ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ଶୃଙ୍ଖଳରେ ବାନ୍ଧିବା ସହଜ, ଦିଆନିଆ ବା ନାଲିଆଖି ଦେଖେଇ ନୁହେଁ। ହେଲେ ଘୁଷୁରି ପ୍ରକୃତି ପଙ୍କେ ଲୋଟେ ଆଉ ମଣିଷ...।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୯୪୩୭୯୧୪୮୧୮**

## ଏଇ ଭାରତରେ

ପୁଣେର ଭୋଲେଶ୍ୱର ପାଲାଙ୍ଗେ ୨୫ ବର୍ଷ ଭିତରେ ୧ ଲକ୍ଷ ଚାରା ଉତ୍ତାରି ବାଣ୍ଟିବା ସହ ୧ ଲକ୍ଷ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିପାରିଛନ୍ତି। ଏହି କାର୍ଯ୍ୟରେ ଭୋଲେଶ୍ୱରଙ୍କୁ ତାଙ୍କ ପରିବାର ସହଯୋଗ କରୁଛି। ଭୋଲେଶ୍ୱରଙ୍କୁ ବୟସ ଏବେ ୫୦। ସେ ଟାଟା କମ୍ପାନୀରେ କାମ କରନ୍ତି। ଦାୟିତ୍ୱ ଭିତରୁ ସମୟ ବାହାର କରି ଚାରା ପ୍ରସ୍ତୁତିରେ ଲାଗିଥାନ୍ତି। ଛୁଟିଦିନ କିମ୍ବା ମଧ୍ୟାହ୍ନଭୋଜନ ସମୟରେ ମଧ୍ୟ ସେ ଚାରାର ଯତ୍ନ ନେବାକୁ ଭୁଲନ୍ତି ନାହିଁ। ଭୋଲେଶ୍ୱର ପିଲାଦିନୁ ଗଛକୁ ଭଲ ପାଉଥିଲେ। ତାଙ୍କ ଘର ପାଖରେ ରହୁଥିବା ଜଣେ ଶିକ୍ଷକଙ୍କ ପରବେଶ ପ୍ରତି ଭଲ ପାଇବାକୁ ଲକ୍ଷ୍ୟକରି ସେ ଚାରା ପ୍ରସ୍ତୁତି ଓ ରୋପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ସେ ଓ ତାଙ୍କ ପରିବାର ପକ୍ଷରୁ ଲଗାଯାଇଥିବା ଗଛଗୁଡ଼ିକର ଉଚ୍ଚତା ୧୫ ଫୁଟରୁ ଅଧିକ ଉଚ୍ଚ ହୋଇଗଲାଣି। ବଡ଼କଥା ହେଉଛି, ଭୋଲେଶ୍ୱର ବ୍ୟବହୃତ କ୍ଷୀର ପ୍ୟାକେଟ, ଅନ୍ୟାନ୍ୟ ଜରି ଓ ଛୋଟ ବାକ୍ସ ସଂଗ୍ରହକରି ସେଥିରେ ଚାରା ଉତ୍ତାରୁଛନ୍ତି। ଏହାବ୍ୟତୀତ ପ୍ରତିଦିନ ପାଖ ଜଙ୍ଗଲରୁ ଛୋଟ ଛୋଟ ଚାରା ସଂଗ୍ରହ କରି ଲଗାନ୍ତି ଏବଂ ଉର୍ବର ମାଟି ଆଣି ତା' ମୂଳେ ଦେଇଥାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୨ ଅଗଷ୍ଟ ୧୯୭୬

- ଭାରତୀୟ ଜାତୀୟ କଂଗ୍ରେସରେ ନିଜକୁ ସାମିଲ କରିବା ପାଇଁ ୟୁନାଇଟେଡ୍ ଗୋଆନ୍ସ ପାର୍ଟି ନିଷ୍ପତ୍ତି ଘୋଷଣା କରିଛି।
- ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଯୋଗୁ ଲୋକସଭାର ବାଚସ୍ପତି ବଳିରାମ ଭଗତଙ୍କୁ ତାମ୍ରପତ୍ର ପ୍ରଦାନ।
- ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ଜାହାଜ ଚଳାଚଳ ପାଇଁ ଏକ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ବିବାହର ଦିନ ଯାଇ ନାହିଁ ମୋର ସରିନାହିଁ ଯଉବନ
ଚିକ୍କଣ ଅଳକା ରଖିଛି ସାଇତି ନୀଳ ନଦୀ ଦରପଣ
ସିନ୍ଦୂର ଟୋପା ରହିଛି ଗୋଲାପେ
ନୟନର ପତା କଳାପୀ କଳାପେ
କଜ୍ଜଳ ରେଖା ଦିଗ୍‌ବଳୟେ ତ ଲିଭିନାହିଁ ଏତେକ୍ଷଣ
ବିବାହର ତିଥି ବାକି ନାହିଁ ମୋର ସରିନାହିଁ ଯଉବନ ।
–(ମଧୁ–ବିବାହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 8 | 4 | |
| | 5 | | 8 | 7 | | | | |
| | 6 | 3 | | 4 | | | | |
| | | 1 | | | 2 | 5 | | |
| | | 7 | | | | | | |
| | 3 | | | 6 | 1 | 7 | | 2 |
| | 1 | | | | 6 | | | |
| | | | | 9 | | 2 | | |
| | | | | 1 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 6 | 5 | 9 | 2 | 8 | 1 |
| 5 | 6 | 1 | 8 | 7 | 2 | 3 | 9 | 4 |
| 9 | 2 | 8 | 4 | 3 | 1 | 7 | 5 | 6 |
| 2 | 1 | 5 | 3 | 4 | 6 | 9 | 7 | 8 |
| 3 | 7 | 6 | 9 | 2 | 8 | 4 | 1 | 5 |
| 8 | 4 | 9 | 7 | 1 | 5 | 6 | 2 | 3 |
| 1 | 5 | 4 | 2 | 9 | 3 | 8 | 6 | 7 |
| 6 | 9 | 3 | 1 | 8 | 7 | 5 | 4 | 2 |
| 7 | 8 | 2 | 5 | 6 | 4 | 1 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବର୍ଣ୍ଣବୋଧରେ ତ୍ରୁଟି ଅକ୍ଷମଣୀୟ

ମହାଶୟ,
ଭକ୍ତକବିଙ୍କ ମୂଳ ବର୍ଣ୍ଣବୋଧକୁ ଜଣେ ବ୍ୟକ୍ତିଙ୍କ ଦ୍ୱାରା ସଂପାଦିତ ଓ ସଂକଳିତ କରାଯାଇ ରଙ୍ଗିନ ପରିପାଟୀ ସହ ବଡ଼ ଆକାରରେ ପ୍ରକାଶ କରାଯାଇଛି। ଏହି ବର୍ଣ୍ଣବୋଧରେ କିଛି ତ୍ରୁଟି ରହିଛି। ଯେମିତି ପୃଷ୍ଠା ୮ରେ ସ୍ଥାନିତ ଶବ୍ଦ– (ଲୁ ହୁ), ଯାହାର ଅର୍ଥ କୌଣସି ଭାଷାକୋଷରେ ନାହିଁ। ଏହା ଏକ ସଂପୂର୍ଣ୍ଣ ଅର୍ଥହୀନ ଶବ୍ଦ। ପୃଷ୍ଠା ୧୯ ଓ ୨୦ ବିବିଧ ପାଠ ସ୍ତମ୍ଭରେ କଜ୍ରଳପାତୀ ଓ ପୁସି ଶବ୍ଦ ସ୍ଥାନିତ, ଯାହାକି ପ୍ରକୃତରେ କଜଳପାତି ଓ ପୁଷି ହେବ। ସେହିପରି ପୃଷ୍ଠା ୩୧ରେ ସ୍ଥାନିତ ପଞ୍ଝାଏ ମୂଳ ବର୍ଣ୍ଣବୋଧରେ ଏହି ଶବ୍ଦଗୁଡ଼ିକର ରୂପ କ'ଣ ଅଛି। ଅସ୍ପଷ୍ଟତା ଯୋଗୁ ତାହା ଆଦୌ ଜାଣିବା ସମ୍ଭବ ହେଉନାହିଁ। ଆମର ଯାହା ହୃଦ୍‌ବୋଧ ହେଉଛି, ଭକ୍ତକବିଙ୍କ ଭଳି ପଣ୍ଡିତ ବ୍ୟକ୍ତି ଏଭଳି ତ୍ରୁଟି କେବେ କରି ନ ଥିବେ। ବର୍ଣ୍ଣବୋଧ ଭଳି ସର୍ବପ୍ରଥମ ଶିଶୁ ଅଭିଧାନରେ ଏଭଳି ଶବ୍ଦତ୍ରୁଟି ଆଦୌ ସ୍ପୃହଣୀୟ ନୁହେଁ । ଏକଥା ସଂକଳକ ତଥା ସଂପାଦକଙ୍କ ନଜରକୁ ଆସି ନାହିଁ କିପରି ?

–ଚିନ୍ମୟ କୁମାର ମଲ୍ଲିକ, ଧଳସାହି ଛକ, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମା' ରାମଚଣ୍ଡୀଙ୍କ ପ୍ରସିଦ୍ଧ ଯାତ୍ରା ଆରମ୍ଭ



ଛେଣ୍ଡିପଦା,୧୧।୮(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ରାମଚଣ୍ଡୀଙ୍କ ୭ଦିନ ବ୍ୟାପୀ ପ୍ରସିଦ୍ଧ ବାର୍ଷିକ ଯାତ୍ରା, ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ପାଗ ଅନୁକୂଳ ହେତୁ ଲକ୍ଷାଧିକ ଭକ୍ତଙ୍କ ସମାଗମରେ ମା'ଙ୍କ ପୂଜାର୍ଚ୍ଚନା ସମ୍ପନ୍ନ କରାଯାଇଥିଲା। କୋଶଳା ଗ୍ରାମ୍ୟ କମିଟି ସଭାପତି କୃତାର୍ଥ ଦେହୁରୀ, ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ସଭାପତି ଉଦିତ ପ୍ରଧାନ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ, ଗ୍ରାମର ବେହେରା ଓ ସ୍ୱେଚ୍ଛାସେବୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଲୋକନାଥ ପ୍ରଧାନଙ୍କ ସ୍ତ୍ରୀ ଗୌରୀ ପ୍ରଧାନ ସକାଳ ୮ଟାରେ ଯାତ୍ରାର ପରମ୍ପରା ଅନୁଯାୟୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅପରାହ୍ନ ୪ ଟାରେ ମନ୍ଦିରର ମୁଖ୍ୟ ପୂଜକ ପଟାୟତ ଦେହୁରୀ ପୂଜା ସମାପ୍ତ କରି ମାନସିକଧାରୀଙ୍କୁ ଭୋଗ ଦେଇଥିଲେ। ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ଭକ୍ତଙ୍କ ନିମନ୍ତେ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସେହିପରି ଯୁବଗୋଷ୍ଠୀଙ୍କ ପକ୍ଷରୁ ମୃଦୁ ପାନୀୟ ଜଳ ଓ କୋଶଳା ଡ୍ରାଇଭର ସଂଘ ପକ୍ଷରୁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଟ୍ରଷ୍ଟ ବୋର୍ଡ ଓ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନୁଗୋଳ ଉପଆରକ୍ଷୀ ଅଧୀକ୍ଷକ ରାଜୀବଲୋଚନ ପଣ୍ଡା ଓ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଳିକଙ୍କ ନେତୃତ୍ୱରେ ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟଙ୍କ ସହ ୨୫ ଜଣ ଅଧିକାରୀ, ୩ ପ୍ଲାଟୁନ ପୋଲିସ ଫୋର୍ସ ଓ ହୋମଗାର୍ଡଙ୍କୁ ମୁତୟନ କରାଯାଇଛି। ଦମକଳ ବାହିନୀ ପକ୍ଷରୁ ମଧ କର୍ମଚାରୀ ନିୟୋଜିତ ହୋଇଛନ୍ତି।

# ମା' ସହ କଥା ହେଉଥିବା ସମୟରେ ଯବାନଙ୍କ ଆତ୍ମହତ୍ୟା

କାମାକ୍ଷାନଗର,୧୧।୮(ପ୍ରଧାନ ପରିଡ଼ା)

ମା'ଙ୍କ ମୋବାଇଲକୁ ପ୍ରଥମେ ମେସେଜ୍ ପଠାଇଥିଲେ। ପରେ ଫୋନରେ କଥା ହେଉଥିଲେ। ଏହି ସମୟରେ ସର୍ଭିସ ବନ୍ଧୁକରୁ ନିଜକୁ ଗୁଳିମାରି ଆତ୍ମହତ୍ୟା କରିଛନ୍ତି ବିଏସ୍‌ଏଫ୍ ଯବାନ। ମୃତ ଯବାନ ଜଣକ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମାଳପୁରା ଗ୍ରାମର ସୁରେଶ ବିଶ୍ୱାଳ। ସେ କାମାକ୍ଷାନଗର ସହର ଅନନ୍ତପୁର ସାହିରେ ରହୁଥିଲେ। ସୁରେଶ ୧୫ ବର୍ଷ ହେବ ବିଏସ୍‌ଏଫ୍‌ରେ ଯବାନ ଭାବେ କାର୍ଯ୍ୟ କରି ଆସୁଥିବାବେଳେ ଏବେ ଜମ୍ମୁ କଶ୍ମୀରଠାରେ କାର୍ଯ୍ୟ କରୁଥିଲେ। ୯ ଦିନତଳେ ସେ ଘରକୁ ଆସି ଛୁଟି କଟାଇ ଜମ୍ମୁ କଶ୍ମୀର ଯାଇଥିଲେ। ହେଲେ ସୋମବାର ସନ୍ଧ୍ୟାରେ ଡ୍ୟୁଟିରେ ଥିବାବେଳେ ନିଜ ବନ୍ଧୁକରୁ ଗୁଳିମାରି ଆତ୍ମହତ୍ୟା କରିଥିବା ତାଙ୍କ ମା' ପ୍ରକାଶ କରିଛନ୍ତି।

# ସମିତିସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ

ପାଲଲହଡ଼ା,୧୧।୮ (ବିଦ୍ୟୁତ୍‌କାନ୍ତି ଦାଶ)/ ଖମାର (ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ଖମାର ଥାନା ଶଙ୍ଖପୁର ପଞ୍ଚାୟତର ବିଜେଡି ସମର୍ଥିତ ସମିତିସଭ୍ୟ ନୀଳମାଧବ ପ୍ରଧାନଙ୍କୁ ୧୫ ରୁ ଊର୍ଦ୍ଧ୍ୱ ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଗୁରୁତର ସମିତି ସଭ୍ୟଙ୍କୁ ଖମାର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନୀଳମାଧବଙ୍କ ଘର ଶଙ୍ଖପୁରରେ ହୋଇଥିବା ବେଳେ ଗତ ରବିବାର ସନ୍ଧ୍ୟାରେ ହାଇସ୍କୁଲ ଛକ ନିକଟରେ ସେ ନିଜ କାର୍ ଭିତରେ ବସିଥିବା ବେଳେ ଶଙ୍ଖପୁର ଗାଁର ପ୍ରଭାତ ପ୍ରଧାନ, ସୌମ୍ୟ ରଞ୍ଜନ ପ୍ରଧାନ ଏବଂ ବେସାଲିଆ ଗାଁର ବିଭୂତି ପ୍ରଧାନଙ୍କ ସମେତ ୧୫ ରୁ ୨୦ ଜଣ ଯୁବକ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଅଭିଯୋଗ ନେଇ ଖମାର ଥାନାରେ ନଂ. ୩୮୨/୨୫ରେ ଏକ ରେ ଏକ ମାମଲା ରୁଜୁ କରାଯାଇଛି। ପାଲଲହଡ଼ା ବିଜେଡି ଏହି ଘଟଣାକୁ ଦୃଢ ନିନ୍ଦା କରିବା ସହିତ ଦୋଷୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ଖମାର ଥାନା ଘେରାଉ କରାଯିବ ବୋଲି ବ୍ଲକ ବିଜେଡି ସଭାପତି ରଞ୍ଜିତ କୁମାର ବିଶାଳ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ସୌମ୍ୟ ରଞ୍ଜନ ପ୍ରଧାନ, ପ୍ରଭାତ କୁମାର ପ୍ରଧାନ ଓ ବିଭୂତି ପ୍ରଧାନଙ୍କ ନୀଳମାଧବଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ବିଜେଡି ସମିତି ସଭ୍ୟ ସେମାନଙ୍କୁ କିଛି ଦିନ ହେବ ଗାଳିଗୁଲଜ, ଗାଡ଼ି ତଡ଼ାଇ ମାରିଦେବା ଧମକ ସହିତ ଘର ଉପରେ ବୋମା ପକାଇବା ଓ ଗୁଳିକରି ମାରିଦେବାକୁ ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ପକ୍ଷ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

**ଦୋଷୀଙ୍କୁ ଗିରଫ କରା ନ ଗଲେ ଥାନା ଘେରାଉ ଚେତାବନୀ**

# ବିଭିନ୍ନ ପଞ୍ଚାୟତରେ ତ୍ରିରଙ୍ଗା ରାଲି

ସନ୍ତ୍ରିଛକ,୧୧।୮(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣ୍ଡାରପାଳ ବ୍ଲକ ମହାଧରପୁର ମଣ୍ଡଳରେ ସୋମବାର ତ୍ରିରଙ୍ଗାରାଲି ବଉଳିଗଡ଼ ପଞ୍ଚାୟତରେ ପାଳିତ ହୋଇଯାଇଛି। ଏଥିରେ ଭାଜପା ଜିଲା ସଭାପତି ଯଯାତି ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ପରିଷଦ ସଦସ୍ୟା ମାଲା ଗଡ଼ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ପ୍ରମିଳା ମିଶ୍ର, ମଣ୍ଡଳ ସଭାପତି ରାଧାକାନ୍ତ ପଟ୍ଟନାୟକ, କାଙ୍ଗୁପଣ୍ଡା ଡଲମ୍ବ ଶାସନ ସଭାପତି ସୁଧୀର ତ୍ରିପାଠୀ, ଗୁଲପଡା ସଭାପତି ଯୁଗେଶ୍ୱର ଗଡ଼ନାୟକ, ତୁଳସୀପାଳ ସଭାପତିବସନ୍ତ ବିଶ୍ୱାଳ, ଗିରାଙ୍ଗ ସଭାପତି ଦୟାନିଧି ସାମଲ ଓ ମାଧବୀ ମହାପାତ୍ର, ସାଗର ମହାପାତ୍ର, ଜିତେନ୍ ତ୍ରିପାଠୀ, ଶିଶୁନ ଦାଶ, ପ୍ରଦୀପ ସାମଲ, ବିକାଶ ସାହୁ, ଅରବିନ୍ଦ ଜେନା, ପୀତବାସ ସାହୁ, ସନ୍ତୋଷ ସାହୁ, ଶତ୍ରୁଘ୍ନ ବେହେରା, ସନତ୍ ଦାସ, ଦୁଃଖବନ୍ଧୁ ଗଡ଼ନାୟକ, ଉମାପ୍ରଭା ଗଡ଼ନାୟକ, ପ୍ରଭାକର ଦେହୁରୀ, ସଲମାନ ଗଡ଼ନାୟକ, ଶ୍ରୀକାନ୍ତ ତ୍ରିପାଠୀ, ରଘୁ ବେହେରା, ରବିର ବେହେରା, ପ୍ରଶାନ୍ତ ତ୍ରିପାଠୀ, ସୁଧାର ବେହେରା, କିରିଆ ବାଗ୍ଧିଆ ଓ ମଣ୍ଡଳର ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତାବୃନ୍ଦ ଉପସ୍ଥିତ ଥିଲେ।

# ମା' ପୀତାବଳୀଙ୍କ ବାର୍ଷିକ ପୂଜା

ବନ୍ତଲା,୧୧।୮(ସୁଶିତ ସାହୁ)

ଅନୁଗୋଳ ବ୍ଲକ ବନ୍ତଲା ପଞ୍ଚାୟତ ସାହାରାଗୋଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ପୀତାବଳୀଙ୍କ ବାର୍ଷିକ ପୂଜା ସୋମବାର ପାଳିତ ହୋଇଯାଇଛି। ପୂର୍ବଦିନ ସନ୍ଧ୍ୟାରେ ମା'ଙ୍କ ଆରାଧନା କରାଇ ନିମନ୍ତ୍ରଣ କରାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ମୁଖ୍ୟ ପୂଜକ ବୃନ୍ଦାବନ ଦଳବେହେରା ମା'ଙ୍କ ଆଲମ ବାଜା, ବାଣ, ନାମ ସଙ୍କୀର୍ତ୍ତନ, ହରିବୋଲ ହୁଳହୁଳି ସହ ଗ୍ରାମ ପରିକ୍ରମା କରି ପୀଠରେ ପହଞ୍ଚି ବେଢ଼ା ପରିକ୍ରମା ସହ ମନ୍ଦିରରେ ପ୍ରବେଶ କରାଇଥିଲେ। ପରେ ଜନ୍ତାଳ ପୂଜା ଓ ବଡ଼ପୂଜା ଅନୁଷ୍ଠିତ ହୋଇଥିଲା। ମାନସିକଧାରୀ ମହିଳା ପୁରୁଷ ଅଧିଆ ପଡ଼ିଥିଲେ। ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲାବେଳେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଗ୍ରାମସଭାପତି ଦିବାକର ସାହୁଙ୍କ ସମେତ ବୁଲୁ ପଲେଇ, ଦିଲେଶ୍ୱର ପରିଡ଼ା, ବସନ୍ତ ନାୟକ, ଶଙ୍କର ବେହେରା, ସାନନ୍ଦ ଦେହୁରୀ, ସୁରେଶ ନାୟକ, ମନୋଜ ଦାସ, ମଧୁ ନାୟକ, ଅନିଲ ଦଳବେହେରା, ରଞ୍ଜନ ଦେହୁରୀ, ଗୋବିନ୍ଦ ବେହେରା, ରଞ୍ଜନ ନାୟକ, ଶତ୍ରୁଘ୍ନ ଅମାତ, ଦେବାନନ୍ଦ ପଲେଇ, ପ୍ରଦ୍ୟୁମ୍ନ ପରିଡ଼ା, ଜୈଲାସ ପରିଡ଼ା, ପ୍ରଦୀପ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନକଲି ଟ୍ରାଫିକ ଡିଏସ୍‌ପି ଅଟକ

ଢେଙ୍କାନାଳ,୧୧।୮(ରତନ ନାୟକ)

ଢେଙ୍କାନାଳ ସହର ଗଣେଶ ବଜାର ଅଞ୍ଚଳରେ ରବିବାର ନିଜକୁ ଟ୍ରାଫିକ ଡିଏସ୍‌ପି କହି ଜଣେ ମହିଳା ଡାକ୍ତରଙ୍କ ଠାରୁ ଠକେଇ ଉଦ୍ୟମ କରୁଥିବା ଅଶୋକ ମହାନ୍ତିଙ୍କୁ ଟାଉନଥାନା ପୋଲିସ ଅଟକ ରଖି ପଚରାଉଚରା କରୁଛି। ମହିଳା ଡାକ୍ତର ରଶ୍ମିରେଖା ମହାନ୍ତି ତାଙ୍କ ସ୍ୱାମୀଙ୍କ ସହ ଗାଡ଼ିରେ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କୁ ଅଟକାଇ ଗାଡ଼ିର ଫଟୋ ଉଠାଇଛିଛି କହି ୨ ହଜାର ଟଙ୍କା ମାଗିଥିଲେ। ଏ ସମ୍ପର୍କରେ ନିକଟରେ ଥିବା ଟ୍ରାଫିକ ହାବିଲଦାର ଖବରପାଇ ଥାନାକୁ ଜଣାଇବା ପରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ନକଲି ଡିଏସ୍‌ପିଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ଥାନା ଅଧିକାରୀ ପ୍ରଭାତ ସାହୁ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ନଗର ୫୪୨/୨୫ରେ ଟାଉନଥାନାରେ ଏକ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଏହାପୂର୍ବରୁ ଅଭିଯୁକ୍ତ ନିଜକୁ ପାସପୋର୍ଟ ଅଫିସର କହି ଠକେଇ କରୁଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ।

# ଖଣି ସମ୍ପର୍କିତ ଅଭିଯୋଗ ଶୁଣାଣି

ଛେଣ୍ଡିପଦା,୧୧।୮(ଅଜିତ୍ ଧଳ)

ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟରେ ଜିଲା ପ୍ରଶାସନ ପକ୍ଷରୁ କୋଇଲା ଖଣି ସମ୍ବନ୍ଧୀୟ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜସ୍ୱ ଉଦୟ କୁମାର ମହାପାତ୍ର ଯୋଗଦେଇ ଅଭିଯୋଗର ଶୁଣାଣିକରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ଜମି ଅଧିଗ୍ରହଣ ଅଧିକାରୀ କେ.ଜେ. ପଣ୍ଡା, ଛେଣ୍ଡିପଦା ବିଡିଓ ଅରବିନ୍ଦ ବେହେରା ଓ ତହସିଲଦାର ମାନସ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ନୟନୀ କୋଇଲା ଖଣିରେ ହେଉଥିବା ବ୍ଲାଷ୍ଟିଂକୁ ନେଇ ଜ୍ଞାନ କୌଶଳ କରାଇବା ପାଇଁ ଛେଣ୍ଡିପଦା ଯୁବମଞ୍ଚ ସଭାପତି ଦୀପକ କୁମାର ପ୍ରଧାନ ଲିଖିତ ଅଭିଯୋଗ କରିଥିଲେ। ସେପଟେ ଜିଏମ୍‌ପିଭି କମ୍ପାନୀ ଜମି ଅଧିଗ୍ରହଣ ନେଇ ଆଇନଜୀବୀ ନଗେନ୍ ନନ୍ଦ ଓ ଅଜୟ କୁମାର ବେହେରା ଲିଖିତ ଅଭିଯୋଗ କରିଥିଲେ। ଶିବିରରେ ଛେଣ୍ଡିପଦା ବ୍ଲକରେ କାର୍ଯ୍ୟକରୁଥିବା କୋଇଲା ଖଣି ଅଧିକାରୀ ଯୋଗଦେଇଥିଲେ।

## ପୂର୍ବ ତଟ ରେଳପଥ

ଇ-କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ. Ref. SDMM/KUR/EP/2025-26/E-procurement Tender Notice/06, ତା.07.08.2025ରିଖ

(1) ଟେଣ୍ଡର ସଂ. 81256043

କ୍ରମ ସଂ.1: ସାମଗ୍ରୀଗୁଡ଼ିକର ବିବରଣୀ : ମେସର୍ସ ସଙ୍କ କାର୍ବନ ଟେକ୍ନୋଲୋଜି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ଼ (M/s. Schunk Carbon Technology India Pvt. Ltd.) ... ଟେଣ୍ଡର-WBL 22.03 ... 3-ଫେଜ୍ MEMU ... ପରିମାଣ-10 ଗୋଟି।

(2) ଟେଣ୍ଡର ସଂ. 81256009

କ୍ରମ ସଂ.2: ସାମଗ୍ରୀଗୁଡ଼ିକର ବିବରଣୀ : 5 ବର୍ଷର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (AMC) ... ପରିମାଣ-01 ଗୋଟି।

ବନ୍ଦ ହେବା ତାରିଖ ଓ ସମୟ : ତା.01.09.2025ରିଖ 1500 ଘଣ୍ଟାରେ (ଉଭୟ କ୍ରମ ସଂ. ନିମନ୍ତେ)।

ନିମ୍ନୋକ୍ତ ୱେବସାଇଟ୍‌ରୁ www.ireps.gov.in ରେ ଉପଲବ୍ଧ କରାଯାଇଛି।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼

PR-457/Q/25-26

## ଜିଲ୍ଲା ପରିଷଦ, ବୌଦ୍ଧ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

ସଂଖ୍ୟା. ୨୧୫୭ ତାରିଖ. ୦୬.୦୮.୨୦୨୫

**ବିଜ୍ଞାପନ**

No.CAD-1419 : ଏତଦ୍ୱାରା ବୌଦ୍ଧ ଜିଲାର ସମସ୍ତ ଜନସାଧାରଣ, ... ଜଣାଯାଉଅଛି ଯେ ... ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଆର୍ଥିକ ବର୍ଷ ୨୦୨୫-୨୬ (ପ୍ରଥମ ଚକ୍ର) ... ସାମାଜିକ ଅଡିଟ ... ଜନଶୁଣାଣି ନିମ୍ନଲିଖିତ ସୂଚୀ ଅନୁଯାୟୀ କରାଯିବ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ (ପୂର୍ବାହ୍ନ ୧୦.୩୦ ଟାରୁ) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ ଅଧିକାରୀ |
|---|---|---|---|
| ବୌଦ୍ଧ | ୧୯.୦୮.୨୦୨୫ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ | ଅତିରିକ୍ତ ଜିଲାପାଳ, ବୌଦ୍ଧ |
| ହରଭଙ୍ଗା | ୨୦.୦୮.୨୦୨୫ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରଭଙ୍ଗା | ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବୌଦ୍ଧ |
| କଣ୍ଟାମାଳ | ୨୧.୦୮.୨୦୨୫ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ | ଉପଜିଲ୍ଲାପାଳ, ବୌଦ୍ଧ |

ଏହି ଜନଶୁଣାଣିରେ ... ଉପସ୍ଥିତ ରହିବାକୁ ଅନୁରୋଧ।

ସ୍ୱା./- ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବୌଦ୍ଧ

OIPR-19234/11/0004/2526

## କାନାରା ବ୍ୟାଙ୍କ Canara Bank

ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ, ଶ୍ରୀଜୀ କମ୍ପ୍ଲେକ୍ସ, କଳ୍ପନା ଚାଉକ, ୟୁନିଟ୍ ନଂ.: ୧୭, ମାଳ୍ୟା ବଜାର, ପାଣ୍ଡୁକୁଣ୍ଡ ପଜ୍ଞାଶାୟୀ, କଟକ-୭୫୩୦୦୧

**ବନ୍ଧକ ସୁନା ଅଳଙ୍କାରଗୁଡିକର ଇ-ନିଲାମ ବିଜ୍ଞପ୍ତି**

କାନାରା ବ୍ୟାଙ୍କର ନିମ୍ନୋକ୍ତ ଶାଖା ମୁଖ୍ୟମାନଙ୍କ ଦ୍ୱାରା ସୁନା ଋଣ ବାବଦ ... ଈ-ନିଲାମ ... https://egold.auctiontiger.net ମାଧ୍ୟମରେ ଅନୁଷ୍ଠିତ ହେବ।

ଇ-ନିଲାମ ତାରିଖ ଏବଂ ସମୟ: ତା.୨୭.୦୮.୨୦୨୫ ମଧ୍ୟାହ୍ନ ୧୨.୦୦ ଘଣ୍ଟିକାରୁ ଅପରାହ୍ନ ୩.୦୦ ଘଣ୍ଟିକା ପର୍ଯ୍ୟନ୍ତ
ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୬.୦୮.୨୦୨୫ ରାତ୍ର ୧୧.୦୦ ଘଣ୍ଟିକା ପର୍ଯ୍ୟନ୍ତ
ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୨୬.୦୮.୨୦୨୫ ଅପରାହ୍ନ ୫.୦୦ ଘଣ୍ଟିକା ପର୍ଯ୍ୟନ୍ତ

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ସଂରକ୍ଷିତ ମୂଲ୍ୟ | ମୋଟ ଓଜନ ଏବଂ ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| **ଅଡସପୁର ଶାଖା (୦୭୮୩), ମୋ.: ୭୭୦୫୦୦୯୦୪୭, IFSC CODE-CNRB0000283** | | | | |
| ୧. | ଶ୍ରଦ୍ଧା ଭୋଇ, ... ଜଗତସିଂହପୁର ... / ୮୦୦୮୭୯୯୯୦୦୭ | ଟ.୬୧,୩୩୭/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୫୦,୦୦୦/- | ୬.୨ ଏବଂ ୫ |
| **ପାରାଦୀପ ଶାଖା (୧୫୩୪), ମୋ.: ୭୭୦୫୦୦୯୦୯୯, IFSC CODE-CNRB0001435** | | | | |
| ୧. | ବିଶ୍ୱଜିତ ଦାସ, ... ପାରାଦୀପ, ଓଡ଼ିଶା, ପିନ୍-୭୫୪୧୪୨ / ୮୦୦୮୭୭୫୭୬୬୨୫୦ | ଟ.୭୯,୫୪୩/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୫,୪୯,୦୦୦/- | ୭୬.୧ ଏବଂ ୬୧ |
| **ଉଦୟଗିରି ଶାଖା (୪୪୨୪), ମୋ.: ୭୭୦୫୦୦୯୦୯୯, IFSC CODE-CNRB0004424** | | | | |
| ୧. | ସୁଚିତ୍ରା ବେହେରା, ... କଟକ, ଓଡ଼ିଶା, ପିନ୍-୭୫୪୨୦୫ / ୧୧୦୩୫୬୧୮୮୭୬୬ | ଟ.୫୪,୨୨୬/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୬୦,୦୦୦/- | ୧୦.୧ ଏବଂ ୮ |
| **ଖରାପଡା ଶାଖା (୪୭୨୨), ମୋ.: ୭୭୦୫୦୦୯୦୯୯, IFSC CODE-CNRB0004972** | | | | |
| ୧. | ଗୁରୁଚରଣ ପାତ୍ର, ... ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୧ / ୧୬୫୪୫୦୨୦୭୯ | ଟ.୧୭,୦୦୦/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୩୭,୬୫୯/- | ୪.୪ ଏବଂ ୩.୭ |
| ୨. | ଗୁରୁଚରଣ ପାତ୍ର, ... ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୧ / ୧୮୦୩୭୦୦୨୫୬୧୧ | ଟ.୨,୨୯,୫୪୫/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୨,୮୨,୦୧୯/- | ୩୨.୯ ଏବଂ ୨୯.୬ |
| ୩. | ଗୁରୁଚରଣ ପାତ୍ର, ... ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୧ / ୧୮୦୩୭୦୦୨୫୬୧୮ | ଟ.୧,୫୨,୮୫୫/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୨,୫୮,୫୩୮/- | ୩୦.୨ ଏବଂ ୨୭.୨ |
| **ଗୋପିନାଥପୁର ଶାଖା (୯୨୪୧), ମୋ.: ୭୭୦୫୦୦୯୦୯୯, IFSC CODE-CNRB0009241** | | | | |
| ୧. | ସାବିତ୍ରୀ ପାତ୍ର, ... ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୨ / ୧୨୫୦୩୧୫୫୫୫୮୭୭ | ଟ.୫୯,୪୧୬/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୯୨,୦୦୦/- | ୧୩.୭ ଏବଂ ୧୦ |
| ୨. | ସାବିତ୍ରୀ ପାତ୍ର, ... ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୨ / ୧୨୫୦୩୧୫୫୫୫୮୭୭ | ଟ.୫୯,୪୧୬/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୭୫,୪୦୦/- | ୧୧ ଏବଂ ୮.୨ |
| **ସିଡିଏ ଶାଖା (୧୮୦୯୪), ମୋ.: ୯୪୩୭୫୪୭୦୨୦, IFSC CODE-CNRB0018094** | | | | |
| ୧. | ପ୍ରଭାତ କୁମାର ପାତ୍ର, ... ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୦୧୦ / ୧୮୦୦୮୭୧୪୩୫୦ | ଟ.୧,୦୨,୫୪,୬୮/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୩୩,୨୮,୪୪୦/- | ୩୯.୯୫ ଏବଂ ୩୫.୭ |

ଅମାନତ ଜମା ବିବରଣୀ: ଆକାଉଣ୍ଟ ନଂ.: ୨୦୯୭୭୫୫୪୩୫, ଆକାଉଣ୍ଟର ନାମ: CANARA BANK, IFSC Code, ସମ୍ପୃକ୍ତ ଶାଖା IFSC Code, ଅମାନତ ଜମା ରାଶି: ଟ.୨୫,୦୦୦/-

ଯାଞ୍ଚ ଓ ଅନ୍ୟ କୌଣସି ଅନୁସନ୍ଧାନ ପାଇଁ ଦୟାକରି ସମ୍ପୃକ୍ତ ଶାଖାର ଶାଖା ମୁଖ୍ୟଙ୍କ ସହ ଯୋଗାଯୋଗ କରନ୍ତୁ। ... e-Procurement Technologies Limited (Auction Tiger), ମୋ. 9023724780 ... 6359575981 ... https://egold.auctiontiger.net ଦେଖନ୍ତୁ।

ସ୍ଥାନ : କଟକ, ତାରିଖ : ୧୧.୦୮.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## DISTRICT PROJECT OFFICE

SAMAGRA SHIKSHA, SUNDARGARH, ODISHA

In front of B.S. High School, At/Po/Dist - Sundargarh, Pin - 770001

Email - dpcsndgssa.opepa@nic.in Phone No. - 06622-273718

No.2676/GE/Date : 11.08.2025

**EXPRESSION OF INTEREST (EOI) IS INVITED FOR PROCUREMENT AND SUPPLY OF SCHOOL UNIFORM FOR SECONDARY SCHOOLS FOR CLASS IX & X FROM MSE (MANUFACTURING UNITS)/WSHG UNITS OF SUNDARGARH DISTRICT**

Interested MSE Manufacturing units/WSHGs units having Willingness and aptitude for providing school uniforms to schools are invited to submit their proposals before the concerned Block Education Officer in the prescribed format within 10 (Ten) days of this advertisement i.e. on or before 22.08.2025 from the MSE Manufacturing units/WSHGs units for supply of uniform for secondary schools for Class IX & X. The detailed terms and conditions for supply of uniform can be downloaded from the district official website http://www.sundargarh.odisha.gov.in

By the order of Collector & DM, Sundargarh
Sd./-DEO-cum-DRC, SS Sundargarh

## Government of Jharkhand
## Department of School Education and Literacy
## (Jharkhand Education Project Council, Ranchi)

J.S.C.A. Stadium Road, Sector.-III, Dhurwa, Ranchi-834004
Phone:0651-2444501, E-Mail: jepcranchi1@gmail.com

**Tender Notice**

JEPC invites Separate Technical & Financial Bids from eligible and interested contractors for Constructions of Physics/Chemistry/Biology Lab in Secondary and Higher Secondary Schools in different blocks/district of Jharkhand. Interested and eligible bidders are requested to submit their proposal latest by 26.08.2025 at 2.00 PM.

The details of tender document can be seen and applied through website http://jepc.jharkhand.gov.in only.

Sd/-
State Project Director
Jharkhand Education Project Council

Ref. No.: JEPC/CIV/03/1604/2025/3063 Ranchi, Date :- 08.08.2025
PR.NO.359327 Jharkhand Education Project Council(25-26):D

## କାନାରା ବ୍ୟାଙ୍କ Canara Bank

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ, ଶ୍ରୀଜୀ କମ୍ପ୍ଲେକ୍ସ, ୟୁନିଟ୍ ନଂ.: ୮୪୦/୮୪୧ ଏବଂ ୮୪୦/୮୫୯, କଟକ ଚାଉକ, ୟୁନିଟ୍ ନଂ.-୧୭, ମାଳ୍ୟା ବଜାର, କଟକ-୭୫୩୦୦୧, ମୋ.: ୭୬୦୮୫୪୮୪୩୩

**ଯନ୍ତ୍ରପାତି ବିକ୍ରୟ ନୋଟିସ**

ଏତଦ୍ୱାରା ଜଣାଇଆଯାଉଛି ଯେ ନିମ୍ନଲିଖିତ ବଡ଼ି ମେସିନ୍ କାନାରା ବ୍ୟାଙ୍କ ନିମ୍ନୋକ୍ତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ବିକ୍ରୟ କରାଯିବ ...

| ଶାଖାର ନାମ / ଫୋନ୍ ନଂ. | ଋଣଗ୍ରହୀତାଙ୍କ ନାମ / ଆକାଉଣ୍ଟ ନଂ. / ଋଣଗ୍ରହଣ ତାରିଖ / ଏନ୍‌ପିଏ ତାରିଖ | ଯନ୍ତ୍ରପାତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି |
|---|---|---|---|
| ନଖରା ଶାଖା (୩୭୫୨) / ଫୋନ୍: ୭୬୦୫୦୦୯୦୮୯ | ରାନା ଭୋଇ / ୧୮୦୦୭୫୫୧୯୦୭୭ / ୧୦.୦୩.୨୦୨୩ / ୧୮.୦୫.୨୦୨୪ | (1) GRINDING MACHINE-5KG, (2) BADI DROPING MACHINE, (3) DRYER, (4) WEIGH MACHINE, (5) PACKING MACHINE | ଟ.୪୮,୮୦୦/- / ଟ.୪,୮୮୦/- |

ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବମାନ ଦାଖଲ କରିପାରିବେ:
୧. ... ତା.୨୬.୦୮.୨୦୨୫ ... ତା.୨୭.୦୮.୨୦୨୫ ...
୨. ...
୩. ...
୪. ...
୫. ...
୬. ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ: ୨୬.୦୮.୨୦୨୫

ସ୍ଥାନ: କଟକ, ତାରିଖ: ୧୧.୦୮.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## WORKS DEPARTMENT
## OFFICE OF THE SUPERINTENDING ENGINEER
## BHADRAK (R&B) DIVISION

No.B-388
e-mail : bhadrakrnbdivision@gmail.com

**Government of Odisha "e" Procurement Notice**
**Bid Identification No. SE (R&B) BDK-10/2025-26**
**No.6257/dt.-05.08.2025**

| | |
|---|---|
| Nature of work | Civil & EI Works |
| Number of works | 3 (Three) Nos |
| Amount put to Tender | Rs.9.54 to 50.89 |
| Class of Contractor | B Class, B&C, HT or MV with Authorised Dealer of OEM |
| Date & Time of availability of bid document in the portal | 16.08.2025 |
| Last Date / Time of receipt of bid in the portal | 25.08.2025 up to 05.00 PM |
| Date of opening of bid | Dt.26.08.2025 at 11.30 AM |
| Name & address of the Office inviting bid | Superintending Engineer, Bhadrak (R&B) Division |

The bidders have to participate in ONLINE bidding only
Further details can be seen from the e-procurement portal : "http//tendersodisha.gov.in."
All future corrigendum will be available on ONLINE mode only

Sd./- Superintending Engineer
Bhadrak (R&B) Division

OIPR-34079/11/0026/2526

## NCC GROUP HEADQUARTERS, CUTTACK

1. Applications are invited from retd. offrs. of the Armed Forces for the post of Manager for CSD of NCC Gp. HQs, Cuttack.
2. **Qualifications & Terms of Employment.**
(a) Rk - Retd. Lt. Col. / Col.
(b) Age - Max 60 yrs.
(c) Min. 5 yrs experience in handling Type 'F' Cat | CSD.
(d) Knowledge of IT & Accts.
(e) Experience in HR mgt.
(f) Residing within 30 kms around Cuttack.
(g) Well versed with labour laws and policies/guidelines on CSD & QD Fund.
(h) Consolidated monthly pay of Rupees Sixty Thousand only (Rs 60,000/-) (Negotiable)
(j) Not emp in any Govt/ Semi Govt/Pvt Org.
(k) 11 months on contractual basis (Max four tenures can be given)
3. Interested retd offrs to send their resume alongwith copy of PPO, Discharge Book & self certificate (No recordable discp award in career) to the address below:-
OIC CSD
NCC Gp HQs, Cuttack
SO-15, Cantonment Road
Near Senior Police Officers' Mess
Cuttack-753001
**e mail : gphqcuttack@nccorissa.org**
**Mob :7893123452**
4. Last date for submission of applications is **25 Aug. 2025**.

## ଭାରତୀୟ ରିଜର୍ଭ ବ୍ୟାଙ୍କ

ମାନବ ସମ୍ବଳ ପରିଚାଳନା ବିଭାଗ
ଭୁବନେଶ୍ୱର

**ଟେଣ୍ଡର ବିଜ୍ଞପ୍ତି**


ଭାରତୀୟ ରିଜର୍ଭ ବ୍ୟାଙ୍କ (ଏହା ପରେ "ବ୍ୟାଙ୍କ" ରୂପେ ଉଲ୍ଲେଖିତ), ଭୁବନେଶ୍ୱର ଏହାର ଔଷଧାଳୟ ଗୁଡ଼ିକରେ ଔଷଧ ଯୋଗାଣ ପାଇଁ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରତିଷ୍ଠିତ ଏବଂ ଅଭିଜ୍ଞ କେମିଷ୍ଟ / ଷ୍ଟକିଷ୍ଟମାନଙ୍କଠାରୁ ଦୁଇ ଭାଗରେ (ବୈଷୟିକ ଏବଂ ଆର୍ଥିକ ବିଡ୍) ଇ-ଟେଣ୍ଡର ପାଇଁ ଆବେଦନ ଆହ୍ୱାନ କରୁଅଛି।

ଟେଣ୍ଡରର ବିବରଣୀ ପାଇଁ ଦୟାକରି ଆରବିଆଇ ୱେବସାଇଟ୍ (https://www.rbi.org.in) ର "ଟେଣ୍ଡର୍ସ" ବିଭାଗକୁ ଯାଆନ୍ତୁ କିମ୍ବା ଅଧିକ ବିବରଣୀ ପାଇଁ ମାନବ ସମ୍ବଳ ପରିଚାଳନା ବିଭାଗ, ଆରବିଆଇ ଭୁବନେଶ୍ୱର ସହ ଯୋଗାଯୋଗ କରନ୍ତୁ। MSTC ପୋର୍ଟାଲ (https://www.mstcecommerce.com/eprocn) ରେ ଟେଣ୍ଡର ଦାଖଲ କରିବାର ଶେଷ ତାରିଖ ୨୯ ଅଗଷ୍ଟ, ୨୦୨୫ ଅପରାହ୍ନ ୦୨:୦୦ ଟା ପର୍ଯ୍ୟନ୍ତ ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭାରତୀୟ ରିଜର୍ଭ ବ୍ୟାଙ୍କ
ଭୁବନେଶ୍ୱର

## वरीय पुलिस अधीक्षक का कार्यालय, राँची

**सर्वसाधारण के लिए सूचना**



नाम परीना खातून, उम्र करीब-19 वर्ष, रंग-सांवला, ऊँचाई-05 फीट पहनावा-पीला रंग का सलवार सूट पहनी हुई है।

उपरोक्त लापता महिला परीना खातून, उम्र-19 वर्ष, लुकमान अंसारी, ग्राम-चोड़ा, थाना-चान्हो, जिला-राँची जो दिनांक-09.07.2025 को अपने घर से सिलाई सेन्टर को कहकर निकली जो आजतक अपने घर वापस नहीं आई है। जिसके संबंध में चान्हो थाना कांड संख्या-10/2025, दिनांक-23.07.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
Email ID (rnc-dcb@jhpolice.gov.in)
पुलिस उपाधीक्षक, खलारी, राँची। - 9431742777
थाना प्रभारी चान्हो, राँची। - 9431706184

PR 359361 Police (25-26)_D

पुलिस उप-महानिरीक्षक-सह-वरीय पुलिस अधीक्षक, राँची

## GOVERNMENT OF ODISHA
## OFFICE OF SUPERINTENDING ENGINEER
## MINOR IRRIGATION DIVISION, JEYPORE

E-mail ID : mijeypore@yahoo.co.in

**NOTICE INVITING TENDER**
**E-Procurement Notice**
**Bid Identification No. MIDJEY - 04/2025-26**

Letter No.1195 Dt.08.08.2025

No.A-481 : The Superintending Engineer, Minor Irrigation Division, Jeypore on behalf of Governor of Odisha invites Percentage rate bids in Single Cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1. | Name of the work | Improvement to MIPS under DPIW and Critical Grant 2025-26 |
| 2. | Total Number of work | 15 (Fifteen) Nos. |
| 3. | Estimated cost | Approximately Rs.8.20 to 42.05 lakhs. |
| 4. | Period of completion | 02 (Two), 03 (Three) and 04 (Four) Calendar Months |
| 5. | Class of Contractor | "D", "C" and "B" Class Contractor |
| 6. | Date and time of availability of bid documents in the portal | From 10.00 A.M. of 16.08.2025 to 5.00 P.M. of 29.08.2025 |
| 7. | Last date/time for receipt of bids in the portal | 5.00 pm on 29.08.2025 |
| 8. | Date of opening of bid | At 11.00 A.M. on 30.08.2025 in website (www.tendersorissa.gov.in) |
| 9. | Submission of Bids | Online mode |
| 10. | Name of the Officer inviting Bid | Superintending Engineer, Minor Irrigation Division, Jeypore |
| 11. | Further details can be seen from the Government of Odisha Website : www.tendersorissa.gov.in | |

Sd./- Superintending Engineer
M.I. Division, Jeypore

OIPR-32374/11/0013/2526

# ୧୦ ଦଫା ଦାବି ନେଇ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ

ଅନୁଗୋଳ,୧୧।୮(ମାନସ ବିଶ୍ୱାଳ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ପାଲଲହଡ଼ା (ଦିବ୍ୟଜ୍ୟୋତି ଦାଶ)/ ଛେଣ୍ଡିପଦା (ଅଜିତ ଧଳ)/ ବଣ୍ଣରପାଳ (ସୁବାସ ସାହୁ)


ଅନୁଗୋଳ ତହସିଲ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯାଉଛି।

ଓଡ଼ିଶା ରାଜସ୍ୱ ଅମଲା ସଂଘ ଅନୁଗୋଳ ଶାଖା ତରଫରୁ ସୋମବାରଠାରୁ ୧୦ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଜିଲା ଅମଲା ସଂଘ ମୁଖ୍ୟ ଉପଦେଷ୍ଟା ଲଳିତ ମୋହନ ବେହେରାଙ୍କ ତତ୍ତ୍ୱାବଧାନରେ ସଭାପତି ରଜନୀକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଜିଲାପାଳ, ଉପଜିଲାପାଳ, ତହସିଲ, ବ୍ଲକ, ଜିଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ମୋଟ ୮୬ ଜଣ ତହସିଲ ଅଫିସ ସମ୍ମୁଖରେ ଏହି ଆନ୍ଦୋଳନରେ ଯୋଗ ଦେଇଛନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ସମ୍ପାଦକ ଦେବେଶ ମିଶ୍ର ଜଣାଇଛନ୍ତି।

ଦାବିଗୁଡ଼ିକ ମଧ୍ୟରେ ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ଓଆର୍‌ଏସ୍‌ପି ୨୦୧୭ ମସିହା ନିୟମ ଅନୁଯାୟୀ ଲେଭେଲ ୯କୁ ବୃଦ୍ଧି, ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁନର୍ଗଠନ, ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏଏସ୍‌ଓ ପଦବୀକୁ ଏକତ୍ରିକରଣ କରାଯାଇ କେବଳ ଏଏସ୍‌ଓ ରଖାଯାଉ, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ କରାଯାଉ, ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀକୁ ପୁନଃ ପ୍ରଚଳନ କରାଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେ କୌଣସି ସଦସ୍ୟାସଦସ୍ୟାଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଆଦି ରହିଛି। ଏହି ଆନ୍ଦୋଳନ ଯୋଗୁ ସମସ୍ତ ଅଫିସ ଖାଁ ଖାଁ ରହିଛି। ସରକାରୀ କାର୍ଯ୍ୟକ୍ରମ ଠପ୍ ହୋଇଯାଇଛି। ସହ ସମ୍ପାଦକ ସମୟ ରଞ୍ଜନ ନାହକ, କୋଷାଧ୍ୟକ୍ଷ ସୁମନ୍ତ ସାହୁ, ମିଡିଆ ସଂଯୋଜକ ପୂର୍ଣ୍ଣପ୍ରଭା ସାହୁ, ପୁନମ ସ୍ୱାଇଁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିପରି ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ଅମଲା ସଂଘ ସଭାପତି ସୋମ୍ୟବ୍ରତ ରଥଙ୍କ ନେତୃତ୍ୱରେ ଅମଲା ସଂଘର ସଦସ୍ୟମାନେ ୧୦ ଦଫା ଦାବି ପୂରଣ ନିମନ୍ତେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ରହିବା ସହିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଫଳରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଓ ଆଇସିଡିଏସ୍ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି। ଧାରଣା ସ୍ଥଳରେ ଅଭିରାମ ସାଏ, ନଗେନ ରାଉତ, ନରେନ୍ଦ୍ର ବାଘ, ପ୍ରଶାନ୍ତ ନନ୍ଦ, ପ୍ରବୀଣା ନାଏକ, ଲକ୍ଷ୍ମୀପ୍ରିୟା ପ୍ରଧାନ, କାଦମ୍ବିନୀ ନାୟକଙ୍କ ସମେତ ବହୁ ସଦସ୍ୟ ଧାରଣାରେ ବସିଥିଲେ। ସେହିପରି ପାଲଲହଡ଼ା ଉପଖଣ୍ଡରେ କାର୍ଯ୍ୟରତ ଅମଲା ସଂଘ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଯାଇଛି। ଜିଲା ଅମଲା ସଂଘ ଉପସଭାପତି ତରୁଣକାନ୍ତି ପ୍ରଧାନଙ୍କ ନେତୃତ୍ୱରେ ପାଲଲହଡ଼ା ଶାଖାର ଗୁଲସନ ପ୍ରଧାନ, ଅନିଲ କୁମାର ବେହେରା, ବିପିନି ବେହେରା ଏବଂ ସୁନୀତି ସେଠୀଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ସେହିପରି ଛେଣ୍ଡିପଦାରେ ଶାଖା ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ବ୍ଲକର ବରିଷ୍ଠ କିରାଣି ବିରଞ୍ଚି ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ଛେଣ୍ଡିପଦା ବ୍ଲକ, ତହସିଲ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯାଳୟର କାର୍ଯ୍ୟରତ ଅମଲାମାନେ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ। ଅନିତା ସାହୁ, ଶ୍ରୀକାନ୍ତ ପଟ୍ଟନାୟକ, ଘନଶ୍ୟାମ ନାୟକ, ରଞ୍ଜିତ କୁମାର ପ୍ରଧାନ, ଗୁରୁ ଚରଣ ବେହେରା, ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବଣ୍ଣରପାଳ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ତରଫରୁ ଆନ୍ଦୋଳନ ଜାରି ରହିଛି।

# ଡାକଘରେ ଆଧାର ସଂଶୋଧନ ହେଉନି

## ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ବଇଣ୍ଡା,୧୧।୮(ପରିକ୍ଷିତ ସାହୁ)

ନୂତନ ଆଧାର କାର୍ଡ ପ୍ରସ୍ତୁତ ସହ ତ୍ରୁଟି ସଂଶୋଧନ ପାଇଁ ଡାକଘରକୁ ଅନୁମତି ଦିଆଯାଇଛି। ଅନେକ ଡାକଘରେ ଏହି କାର୍ଯ୍ୟ ଜାରିରହିଥିବା ବେଳେ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଛକର କିଶୋରଗଞ୍ଜଠାରେ ଥିବା ଡାକଘରେ ଏହି ସୁବିଧା ଯୋଗାଇ ଦିଆଯାଉ ନାହିଁ। ଫଳରେ ବଇଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, କିଶୋରଗଞ୍ଜ ପୋଷ୍ଟ ଅଫିସ ଉପରେ କିଶୋରନଗର ବ୍ଲକର ୧୫ ଓ ଆଠମଲ୍ଲିକ ବ୍ଲକର ୧୧ଟି ପଞ୍ଚାୟତବାସୀ ନିର୍ଭରଶୀଳ। ଏହି ପୋଷ୍ଟ ଅଫିସରେ ନୂତନ ଆଧାର କାର୍ଡ ପ୍ରସ୍ତୁତ ସହ ସଂଶୋଧନ ପାଇଁ ବ୍ୟବସ୍ଥା ରହିଛି। ହେଲେ କର୍ମଚାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାମାଞ୍ଚଳର ବହୁ ଲୋକ ଏଥିପାଇଁ ପୋଷ୍ଟ ଅଫିସକୁ ଆସୁଥିଲେ ମଧ୍ୟ ସେମାନଙ୍କୁ ଅନ୍ୟତ୍ର ପଠାଇ ଦିଆଯାଉଛି। କର୍ମଚାରୀ ଅଭାବ ସହ ଆଧାର ପ୍ରସ୍ତୁତ ଯନ୍ତ୍ରାଂଶ ଅଚଳ ଥିବା ଦର୍ଶାଇ ପୋଷ୍ଟ ଅଫିସ କର୍ମଚାରୀମାନେ ଲୋକଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ସେହିପରି ଆଧାରରେ ମୋବାଇଲ ଲିଙ୍କ୍ ପାଇଁ ମଧ୍ୟ ବହୁ ଲୋକ ଯାଉଥିବା ବେଳେ ଲିଙ୍କ୍ କରି ନ ପାରି ଫେରିଆସୁଛନ୍ତି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ବଇଣ୍ଡା ପୋଷ୍ଟ ମାଷ୍ଟର ଧରଣୀଧର ସାମଲ କହିଛନ୍ତି, ଆଧାର କରାଯାଉଥିବା ମେଶିନ ଖରାପ ଥିବାବେଳେ କର୍ମଚାରୀଙ୍କର ମଧ୍ୟ ଅଭାବ ରହିଛି। ଏହି କାରଣରୁ ନୂଆ ଆଧାର କାର୍ଡ କିମ୍ବା ସଂଶୋଧନ କରାଯାଇ ପାରୁନାହିଁ।

# ପଛୁଆ ବର୍ଗ ମହାସଂଘର ବୈଠକ



ଅନୁଗୋଳ,୧୧।୮(ମାନସ ବିଶ୍ୱାଳ)

ଅନୁଗୋଳ ପଛୁଆ ବର୍ଗ ମହାସଂଘ ପକ୍ଷରୁ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ ସଭାପତି ଯୋଗଦେଇ ପଛୁଆବର୍ଗଙ୍କ ସ୍ୱର ଓଡ଼ିଶା ବାସୀଙ୍କ ସ୍ୱରରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଅନୁଗୋଳ ବ୍ଲକସ୍ତରୀୟ ସଙ୍ଗଠନ ପକ୍ଷରୁ ଉକ୍ତ ବୈଠକରେ ରାଜ୍ୟ ସଭାପତି ଜୟନ୍ତ କୁମାର ସାହୁ, ରାଜ୍ୟ ସଙ୍ଗଠନ ସାଧାରଣ ସମ୍ପାଦକ ପ୍ରବୋଧ କୁମାର ସ୍ୱାଇଁଙ୍କ ସମେତ ବ୍ଲକର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଶତାଧିକ ପଛୁଆ ଜାତିର ସଦସ୍ୟ ସଦସ୍ୟା ଯୋଗ ଦେବା ସହ ଆଗାମୀ ସମାବେଶ ପାଇଁ ଅନୁଗୋଳ ଜିଲାରୁ ୫୦୦୦ରୁ ଅଧିକ ଲୋକ ଯୋଗଦେବା ନେଇ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ସ୍ୱତନ୍ତ୍ର ଓବିସି ସଂରକ୍ଷଣ ପାଇଁ ଦାବିପତ୍ର

ଅନୁଗୋଳ,୧୧।୮(ମାନସ ବିଶ୍ୱାଳ)


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

ଓବିସିଙ୍କୁ ସ୍ୱତନ୍ତ୍ର ଭାବେ ୨୭% ସଂରକ୍ଷଣ ଦେବା ଦାବିରେ ସୋମବାର ଅନୁଗୋଳ ଜିଲା ଓବିସି ମୋର୍ଚ୍ଚା ପକ୍ଷରୁ ରାଜ୍ୟ ଓବିସି ମୋର୍ଚ୍ଚା କାର୍ଯ୍ୟକାରୀ ସଭାପତିଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କୁ ପ୍ରଦାନ କରାଯାଇଛି। ଯଥାଶୀଘ୍ର ଜାତି ଜନଗଣନା କରାଇ ଓବିସିଙ୍କୁ ସ୍ୱତନ୍ତ୍ର ରୂପେ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା (ସରକାରୀ ଓ ବେସରକାରୀ ଅନୁଷ୍ଠାନରେ), ଚାକିରି ( ସରକାରୀ ଓ ବେସରକାରୀ କ୍ଷେତ୍ରରେ) ତଥା ରାଜନୀତିରେ ସମାନୁପାତିକ ପ୍ରତିନିଧିତ୍ୱ ଦେବାକୁ ଦାବି କରାଯାଇଛି। ଏଥିସହ ଦୀର୍ଘଦିନ ଧରି ଅବହେଳିତ ହୋଇ ଆସିଥିବା ଓଡ଼ିଶାର ଓବିସି ଛାତ୍ର ଓ ଯୁବକଙ୍କୁ ଏସ୍‌ଇବିସିଠାରୁ ଅଲଗା କରି ଅନ୍ୟୁନ ୨୭% ଆରକ୍ଷଣ ଦିଆଯାଉ। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ମୋର୍ଚ୍ଚାର ଜିଲା ସଭାପତି ସତ୍ୟଭାମା ପ୍ରଧାନ, କଣିହାଁ ବ୍ଲକ ସଭାପତି ଦୁଖବନ୍ଧୁ ବିଶ୍ୱାଳ, ଛେଣ୍ଡିପଦା ବ୍ଲକ ସଭାପତି ରାମଚନ୍ଦ୍ର ସାହୁ, ଲିପ୍ସାରାଣି ବିଶ୍ୱାଳ, ଖଗେଶ୍ୱର ପ୍ରଧାନ, ସତ୍ୟଭାମା ପ୍ରଧାନ, ବନମାଳୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ତାଳଚେରରେ ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା

ତାଳଚେର,୧୧।୮ (ମନୋଜ ନନ୍ଦ)

ରାଜ୍ୟ ଭାଜପାର ନିଷ୍ପତ୍ତି କ୍ରମେ ରାଜ୍ୟରେ ସ୍ୱାଧୀନତା ଦିବସ ପୂର୍ବରୁ ତ୍ରିରଙ୍ଗା ଶୋଭାଯାତ୍ରା, ହର୍ ଘର୍ ତ୍ରିରଙ୍ଗା, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ପାଳନ କରାଯାଉଛି। ସୋମବାର ତାଳଚେରରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ହାଟତୋଟା ହନୁମାନ ମନ୍ଦିରଠାରୁ ଭାଜପା କର୍ମୀମାନେ ହାତରେ ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରିବା ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଶହୀଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ଜୋନାଲ ମିଡିଆସେଲ୍ ସଂଯୋଜକ ପର୍ଶୁରାମ ବାରିକ, ମଣ୍ଡଳ ସଭାପତି ଅଜୟ ସାହୁ, ମାନସ ସାହୁ, ସୁଶାନ୍ତ ସାମଲ, ରାଜେଶ ଦଳେଇ, ସନ୍ତୋଷ ମହାନ୍ତି ଓ ଦୀପକ କୁମାର ଦାସ, ବରିଷ୍ଠ ନେତା ରାଜେନ୍ଦ୍ର ସିଂହ, ଲୋକନାଥ ସାହୁ, ବିଭୂତି ସାହୁ, ମନୋଜ ପ୍ରଧାନ, ପେସ୍କାର ଗଡ଼ନାୟକ, ଅଖିଳ ସାମଲ, ଗୋପାଳ ସାହୁ, ଶୋଭାଗିନୀ ପ୍ରଧାନ, ଜସ୍ମିନ ପ୍ରଧାନ, ଉର୍ମିଳା ଦେହୁରୀଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଅନନ୍ତ ଡିଏଭି ସ୍କୁଲରେ କ୍ୟାବିନେଟ ଶପଥ ପାଠୋତ୍ସବ

ତାଳଚେର,୧୧।୮(ମନୋଜ ନନ୍ଦ)

ତାଳଚେରସ୍ଥିତ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଅନନ୍ତ ବିହାର କଲୋନୀରେ ଥିବା ଡିଏଭି ପବ୍ଲିକ ସ୍କୁଲ ପରିସରରେ ସ୍କୁଲ କ୍ୟାବିନେଟ ଶପଥ ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଜଗନ୍ନାଥ କ୍ଷେତ୍ରର ଆସିଷ୍ଟାଣ୍ଟ ମ୍ୟାନେଜର (ମାନବ ସମ୍ବଳ) ଦୀପ୍ତି ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ୟାବିନେଟ ସଦସ୍ୟମାନଙ୍କୁ ଶପଥ ପାଠ କରାଇଥିଲେ। ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଯୋଜିକା ଜ୍ୟୋତି ଜିନ୍ଦଲ ପ୍ରତ୍ୟେକ ସଦନର ନାମକରଣ ଓ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ପୂର୍ବତନ କ୍ୟାପଟେନ ନବ ମନୋନୀତ କ୍ୟାପଟେନଙ୍କୁ ବଧେଇ ଜଣାଇଥିଲେ। ଶିକ୍ଷକ ଅଞ୍ଜନ ମୁଦୁଲି, ଅନ୍ତର୍ଯ୍ୟାମୀ ସାହୁ, ମାନସ ରଞ୍ଜନ ମିଶ୍ର, କରୁଣାକର ସାହୁ, ଧୀରେନ ପ୍ରଧାନ, ରବି ନାରାୟଣ ପଣ୍ଡା, ସମ୍ପଦ କୁମାର ଜେନା, ସୁଧାଂଶୁ କୁମାର ସ୍ୱାଇଁ, ସୁବ୍ରତ ପାଣି, ପ୍ରମୋଦ ଦେହୁରୀ, ଶିକ୍ଷୟିତ୍ରୀ ସାଗରିକା ନାୟକ, କ୍ରିଷ୍ଟା ଦାଶଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଛାତ୍ରୀ ସାଇନା ସୋନାଲିକା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା ଓ ରୀତିକା ରତ୍ନପର୍ଣ୍ଣା ଦାୟିତ୍ୱ ନିର୍ବାହ କରିଥିବା ବେଳେ ଶିକ୍ଷକ ମହେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କୃତୀ ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା



ବଇଣ୍ଡା,୧୧।୮(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ସଭାଗୃହ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସୁଶ୍ରୀ କଲ୍ୟାଣୀ ମାଝୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କୁ ସୋମବାର ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା କରାଯାଇଛି। ଶିକ୍ଷୟିତ୍ରୀ ପ୍ରଣତି ବେହେରା, ବିଶିକେସନ ସେଠୀ, ବିଶ୍ୱନାଥ ଦେହୁରୀ, ଗୋପାଳଚନ୍ଦ୍ର ପାଣିଗ୍ରାହୀ, ଭବାନୀ ଶଙ୍କର ପ୍ରଧାନ, କଳ୍ପନା ସାହୁ, ରଶ୍ମି ବେହେରା, ଜ୍ୟୋସ୍ନାରାଣୀ ସାହୁ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କହିଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ମଧ୍ୟ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ଭାଜପା ମଣ୍ଡଳସ୍ତରୀୟ ବୈଠକ

ପବିତ୍ରନଗର,୧୧।୮(ନିରୋଜ ପ୍ରଧାନ)



ଅନୁଗୋଳ ଜିଲା କଣିହାଁ ବ୍ଲକ ପରାବିଲ ପଞ୍ଚାୟତରେ ସୋମବାର ପବିତ୍ରନଗର ମଣ୍ଡଳ ଭାଜପା ସଭାପତି ମନୋଜ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାଜପା ପାଲଲହଡ଼ା ବିଧାନସଭାମଣ୍ଡଳୀ ସଂଯୋଜକ ପ୍ରହ୍ଲାଦ ସାମଲ, ବରିଷ୍ଠ ନେତା ରମେଶ ଚନ୍ଦ୍ର ପ୍ରଧାନ, ବିରୁ ସରପଞ୍ଚ ଧରଣୀଧର ବେହେରା, ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରାଙ୍କ ସହିତ ମଣ୍ଡଳର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ପବିତ୍ରନଗର ମଣ୍ଡଳର ନୂତନ ପଦାଧିକାରୀଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯାଇଥିଲା। ଏଥିରେ ୬ଜଣ ଉପସଭାପତି, ୨ଜଣ ସାଧାରଣ ସମ୍ପାଦକ, ୬ଜଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ଯୁବ ମୋର୍ଚ୍ଚା, ମହିଳା ମୋର୍ଚ୍ଚା, କୃଷକ ମୋର୍ଚ୍ଚା, ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗର ପ୍ରତିନିଧିଙ୍କ ନାମ ଘୋଷଣା କରାଯାଇଥିଲା।

# ଶ୍ରମିକ ନେତାଙ୍କ ବିୟୋଗରେ ଶୋକସଭା

ତାଳଚେର,୧୧।୮(ମନୋଜ ନନ୍ଦ)

ତାଳଚେରର ବିଶିଷ୍ଟ ଗବେଷକ ତଥା ଆଇଏନ୍‌ଟିୟୁସି ଜଗନ୍ନାଥ ଓସିପିର ପ୍ରାକ୍ତନ ସଭାପତି ବିଭୂତି ଭୂଷଣ ସାହୁ ଓ ନନ୍ଦିରା କଲୀୟରୀର ଆଇଏନ୍‌ଟିୟୁସିର ପ୍ରାକ୍ତନ ସମ୍ପାଦକ ଅରକ୍ଷିତ ପ୍ରଧାନଙ୍କ ବିୟୋଗରେ ଏକ ଶୋକସଭା ସାଉଥ୍‌ବଲଣ୍ଡାସ୍ଥିତ ଆଇଏନ୍‌ଟିୟୁସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କଲୀୟରୀ ମଜଦୁର୍ ସଂଘ ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଗବେଷକ ବିଭୂତି ଶ୍ରମିକ ମହଲରେ ବେଶ୍ ଲୋକପ୍ରିୟ ଥିଲେ। ସେ ଗବେଷଣା କ୍ଷେତ୍ରରେ ମନୋନିବେଶ କରିଥିଲେ। ସେହିପରି ଆଇଏନ୍‌ଟିୟୁସି ନନ୍ଦିରା କଲୀୟରୀର ପ୍ରାକ୍ତନ ସମ୍ପାଦକ ଅରକ୍ଷିତ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ବହୁ କାର୍ଯ୍ୟ କରିଥିଲେ ବୋଲି ଶୋକ ସଭାରେ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ସୁବ୍ରତ କୁମାର ମାଝି ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ ଜୀବନ ରାୟ ଧନ୍ୟବାଦ ଦେଇଥିଲେ। ବିନୟ କୁମାର ସାହୁ, ଇଲାରାଣୀ ପ୍ରଧାନ, ପୀତାମ୍ବର ସାହୁ, କିଶୋର ଚନ୍ଦ୍ର ମହାନ୍ତି, ବିନୋଦ ଚନ୍ଦ୍ର ସାହୁ, ବୈକୁଣ୍ଠ କୁମାର ସାହୁ, ବ୍ରହ୍ମା ନାଏକ, ଇନ୍ଦ୍ର ଗୋବିନ୍ଦ ପାଢ଼ୀ, ନିରୋଦ କୁମାର ପୃଷ୍ଟି, ଛବିନ୍ଦ୍ର ଖିଲାର, ଲଲାଟେନ୍ଦୁ ଗଡ଼ନାୟକ, ରଞ୍ଜିତ ପ୍ରଧାନ, ସୁଧାକର ସାମଲ, ମନୋଜ କୁମାର ପ୍ରଧାନ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଭ୍ୟାନ୍ ସହ ବାଇକ୍ ଜବତ, ୨ ଗିରଫ

ବଇଣ୍ଡା, ୧୧।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ରବିବାର ଗାଡିମୋଟର ଯାଞ୍ଚ କରିବା ଅବସରରେ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ମନ୍ଦରବାହାଳ ଅଞ୍ଚଳର ବିଭୂତି ନାୟକଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ୍‌କୁ ଜବତ କରିଛି। ଏ ନେଇ ନମ୍ବର ୨୨୭/୨୫ରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି ମଦ୍ୟପାନ କରି ଭ୍ୟାନ୍ ଚଳାଉଥିବା ଅଭିଯୋଗରେ ଅନୁଗୋଳ ସଦର ଥାନାର ସନ୍ତୋଷ ପ୍ରଧାନଙ୍କୁ ଗିରଫ କରାଯାଇଛି। ତାଙ୍କ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରାଯାଇଛି। ଏ ନେଇ ନମ୍ବର ୨୨୮/୨୫ ରେ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ ସୂଚନା ଦେଇଛି।

# କବି ରଞ୍ଜିତା 'ଗୀତିକାର ସମ୍ମାନ'ରେ ସମ୍ବର୍ଦ୍ଧିତ

ବଇଣ୍ଡା,୧୧।୮(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର କବି ରଞ୍ଜିତା ମିଶ୍ରଙ୍କୁ ରବିବାର ଭୁବନେଶ୍ୱର ଖଣ୍ଡଗିରିଠାରେ ଅନୁଷ୍ଠିତ ସମ୍ପୂର୍ଣ୍ଣା ଫାଉଣ୍ଡେଶନର ୨ୟ ବାର୍ଷିକ ଉତ୍ସବରେ 'ଗୀତିକାର ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦୁର୍ଗାଶିଷ ଯୋଗଦେଇ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳା, ସଂସ୍କୃତି ଓ ଶିକ୍ଷା କ୍ଷେତ୍ରର ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।

# ଅଭିଯୋଗର ଶୁଣାଣି,ସହାୟତା ପ୍ରଦାନ


ବଣ୍ଣରପାଳ ବ୍ଲକ କାର୍ଯ୍ୟାଳୟଠାରେ ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

ଅନୁଗୋଳ,୧୧।୮(ମାନସ ବିଶ୍ୱାଳ)/ ବଣ୍ଣରପାଳ (ସୁବାସ ସାହୁ)/ବଇଣ୍ଡା (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୨୨ଟି ଅଭିଯୋଗ ଦାଖଲ କରାଯାଇଥିଲା। ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୭ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିବାବେଳେ କୁଇଓ ଗ୍ରାମର ଶ୍ରୀକାନ୍ତ ଗଡ଼ନାୟକଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସେହିପରି ବଣ୍ଣରପାଳ ବ୍ଲକ୍ କାର୍ଯ୍ୟାଳୟଠାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଯୋଗଦେଇଥିଲେ। ଏହି ଶିବିରରେ ସମୁଦାୟ ୪୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଏଏସ୍ ପ୍ରୋବେଶନର କସ୍ତୁରୀ ସା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନମୋହନ ପ୍ରଧାନ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ବଣ୍ଣରପାଳ ତହସିଲଦାର ସୁଶାନ୍ତ କୁମାର ମିଶ୍ର, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି ପ୍ରମୁଖ ଯୋଗଦେଇଥିଲେ। ସେହିପରି କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ସଭାଗୃହ ପରିସରରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ସମସ୍ତ ଅଭିଯୋଗର ବିଚାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାକିଚି ସରପଞ୍ଚ ମନୋଜ ବାଘ, ସିଡିପିଓ ଆରତୀ ସିଂ, କବିତା ସେଠୀ, ସରୋଜ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ମା' ଯତ୍ନବାନ ହେଲେ ଶିଶୁଙ୍କ ବୌଦ୍ଧିକ ବିକାଶ ସମ୍ଭବ

ଆଠମଲ୍ଲିକ, ୧୧।୮(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ଅଏଡ଼ା ସମାଧାନ ଶିକ୍ଷା ନିକେତନ ପରିସରରେ ରବିବାର ମାତୃମଞ୍ଚ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରମେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନ ନିର୍ଦ୍ଦେଶକ ବିନୟ କୁମାର ପଟ୍ଟନାୟକ ଉପସ୍ଥିତ ରହି ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପ୍ରତି ମା'ଙ୍କ ଭୂମିକା ଉପରେ ଆଲୋଚନା କରିବା ସହ ମା'ମାନେ ଅଧିକ ଯତ୍ନବାନ ହେଲେ ଶିଶୁର ମାନସିକ, ଶାରୀରିକ, ବୌଦ୍ଧିକ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭଞ୍ଜନ କ୍ଷେତ୍ରୀ, ମାତୃମଞ୍ଚ କମିଟି ସଭାନେତ୍ରୀ ମାନସୀ ରାଜ, ବିଦ୍ୟାଳୟ ପରିଚାଳନା କମିଟି ଉପଦେଷ୍ଟା ଅରବିନ୍ଦ କ୍ଷେତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁମା' ନଳିନୀ ପ୍ରଭାତ ନଳିନୀ କ୍ଷେତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀ ନରହରି ପ୍ରଧାନ, ଗୁରୁମା ଭୂମିସୁତା ସାହୁ, ଗୁରୁମା ମାମାଲି ତରିଆ ସହଯୋଗ କରିଥିଲେ।

# ରୋଗୀଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଗଣଧାରଣା




ତାଳଚେର,୧୧।୮ (ମନୋଜ ନନ୍ଦ)

ଅନୁଗୋଳ ଜିଲା ଏମ୍‌ସିଏଲ୍‌ର ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ରୋଗୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ଭାରତୀୟ ମଜଦୁର ସଂଘ ପକ୍ଷରୁ ୩ଦିନ ଧରି ଜଗନ୍ନାଥ ଜିଏମ୍ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ସଂଘର ଅଭିଯୋଗ କରିଛି, ସେଣ୍ଟ୍ରାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ବିଭିନ୍ନ ସମୟରେ ରୋଗୀମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ ସହ ଗାଳିଗୁଲଜ କରୁଛନ୍ତି। ସଂଘର ଜନୈକ ବରିଷ୍ଠ ନେତା ସମ୍ପର୍କୀୟଙ୍କୁ ନେଇ ଡାକ୍ତରଙ୍କ ପାଖକୁ ଯାଇ ଥିବା ବେଳେ ତାଙ୍କୁ ମଧ୍ୟ ଦୁର୍ବ୍ୟବହାର କରାଯାଇଥିଲା। ଏହାର ପ୍ରତିବାଦରେ ଏହି ଗଣଧାରଣା ଦିଆଯାଇଛି। ପ୍ରଦେଶ ମଜଦୁର ସଂଘର ସିନିବାଶ ଖୁଣ୍ଟିଆ, ତାଳଚେର କୋଇଲାଖଣି ମଜଦୁର ସଂଘ ସାଧାରଣ ସମ୍ପାଦକ ବୀରେନ ଖିଲାର, ସଭାପତି କିଶୋରୀ ପ୍ରଧାନ, କୋଷାଧ୍ୟକ୍ଷ ଅଜୟ ପାଢ଼ୀ, ଜଗନ୍ନାଥ ଖଣି ସମ୍ପାଦକ ପ୍ରତ୍ୟୁଷ ସାମନ୍ତ, ରତ୍ନ ବେହେରା, ସଞ୍ଜୟ ମଲିକ ଓ ସମସ୍ତ ଶାଖା ସମ୍ପାଦକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହି ଗଣଧାରଣାକୁ ଏଆଇଟିୟୁସିର ବରିଷ୍ଠ ଶ୍ରମିକ ନେତା ଏସ୍. କେ. ଶର୍ମା ସମର୍ଥନ କରିଥିଲେ। ଏ ସମ୍ପର୍କରେ ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ମନ୍ତବ୍ୟ ଦେବାକୁ ସେ ମନା କରିଥିଲେ।

# ମନ୍ସୁନ୍ ଫ୍ୟାଶନ

**ବର୍ଷାଦିନେ ଷ୍ଟାଇଲିଶ୍ ଦେଖାଯିବା ପାଇଁ ହେଲେ କିଭଳି ଫ୍ୟାଶନକୁ ଆପଣାଇବେ ଜାଣନ୍ତୁ...**



- ବର୍ଷାଦିନେ ଗାଢ଼ ରଙ୍ଗର ପୋଷାକ ପିନ୍ଧନ୍ତୁ। ହଳଦିଆ, ଗୋଲାପୀ, ସବୁଜ, ନାରଙ୍ଗୀ ଆଦି ଯେକୌଣସି ରଙ୍ଗର ପୋଷାକ ଆପଣ ଚୟନ କରିପାରିବେ। କିନ୍ତୁ ଗାଢ଼ ରଙ୍ଗର ପୋଷାକ ଏହି ଦିନେ ଅଧିକ ସୁନ୍ଦର ଲାଗେ। ଅଧିକ ଫ୍ରେଶ୍ ଅନୁଭବ ସହ ଏଭଳି ଗାଢ଼ ରଙ୍ଗ ଏକ ଫ୍ୟାଶନେବୁଲ ଲୁକ୍ ଦେବ।
- ଅଧିକ ମୋଟା କପଡ଼ା ପିନ୍ଧିଲେ ଏହିଦିନେ ଶୁଖିବା ଅସୁବିଧା ହୋଇଥାଏ। ତେଣୁ ହାଲ୍କା ଫାବ୍ରିକ୍‌ର ଯେକୌଣସି ଡ୍ରେସ୍ ପିନ୍ଧନ୍ତୁ। କର୍ଟନ, ଲେୟନ, ଲିନେନ୍ ଆଦି ଫାବ୍ରିକ୍ ଏହିଦିନ ପାଇଁ ସୁନ୍ଦର ବିକଳ୍ପ ହୋଇପାରିବ। ଏସବୁ ପୋଷାକ ଓଦା ହେଲେ ଶୀଘ୍ର ଶୁଖିପାରିବ।
- ଏହି ଋତୁରେ ଅଧିକ ଲମ୍ବା ଡିଜାଇନ ପୋଷାକ ପିନ୍ଧନ୍ତୁ ନାହିଁ। ଅର୍ଥାତ୍ ପ୍ଲାଜୋ, ମ୍ୟାକ୍ସି ଡ୍ରେସ୍ କିମ୍ବା ଜିନ୍ସ ଆଦି ପିନ୍ଧିଲେ ଅଧିକ ଓଦା ହେବା ଆଶଙ୍କା ରହିବ। ତେଣୁ ସର୍ଟ କୁର୍ତ୍ତା, କ୍ରେପ୍ ପ୍ୟାଣ୍ଟ ଭଳି ଛୋଟ ଡିଜାଇନ ପୋଷାକ ବାଛନ୍ତୁ।
- ବର୍ଷାଋତୁରେ ସାଣ୍ଡାଲ, ଚପଲ ଓ ସ୍ଲିପର ପିନ୍ଧନ୍ତୁ। ତେବେ ଏସବୁ ସେଭଳି ମ୍ୟାଟେରିଆଲର ହେବା ଦରକାର ଯାହା ଶୀଘ୍ର ଶୁଖିପାରିବ। ହିଲ୍ସ ପିନ୍ଧିଲେ ଏହିଦିନେ ପାଣିକାଦୁଅରେ ବାଲାନ୍ସକରି ଚାଲିବା ବହୁତ କଷ୍ଟ।
- ଏହିଦିନେ ମେକ୍‌ଅପ୍ ମଧ୍ୟ ସେଇଭଳି ହେବା ଦରକାର ଯାହା ବର୍ଷାପାଣି ସଂସ୍ପର୍ଶରେ ଆସିଲେ ବି ଖରାପ ହେବ ନାହିଁ। ତେଣୁ ୱାଟରପ୍ରୁଫ୍ ମେକ୍‌ଅପ୍ ନିଅନ୍ତୁ। କାଜଲ, ମସ୍କରା, ଲିପ୍‌ଷ୍ଟିକ୍ ଆଦି ସବୁ ଏବେ ୱାଟରପ୍ରୁଫ୍‌ର ମିଳୁଛି। ଫାଉଣ୍ଡେଶନ ବଦଳରେ ବିବି କିମ୍ବା ସିସି କ୍ରିମ୍ ଲଗାନ୍ତୁ। ବ୍ଲଶ୍ କିମ୍ବା ହେଭି ଆଇସାଡୋ କରନ୍ତୁ ନାହିଁ। ଏହିଦିନେ ହାଲ୍କା ମେକ୍‌ଅପ୍ ଫ୍ରେଶ୍ ଲୁକ୍ ଦେଇଥାଏ।
- କେଶ ଖୋଲା ନ ରଖି ବାନ୍ଧି ରଖନ୍ତୁ।
- ବର୍ଷାରେ ବାହାରକୁ ଗଲେ ଷ୍ଟାଇଲିଶ୍ ରେନ୍‌କୋର୍ଟ ପିନ୍ଧନ୍ତୁ। ପାଖରେ ସବୁବେଳେ ପରଫ୍ୟୁମ୍ ରଖନ୍ତୁ। ଆବଶ୍ୟକ ହେଲେ ବ୍ୟବହାର କରି ଫ୍ରେଶ୍ ହୋଇପାରିବେ।

# ପ୍ରଥମେ ନିଜକୁ ସଜାଡ଼ନ୍ତୁ


**ପିଲାମାନେ ପ୍ରାୟତଃ ମା'ମାନଙ୍କ ବ୍ୟବହାର ଓ ଚାଲିଚଳଣିକୁ ଅନୁକରଣ କରିଥାନ୍ତି। ତେଣୁ ପିଲାଙ୍କୁ ଯେଉଁଭଳି ଶିକ୍ଷା ଦେବାକୁ ଚାହୁଁଛନ୍ତି ପ୍ରଥମେ ନିଜେ ସେହିଭଳି ବ୍ୟବହାରକୁ ଆପଣାଇ ନିଅନ୍ତୁ...**



- ପିଲାମାନେ ସବୁବେଳେ ମା'ମାନଙ୍କ କଥାବାର୍ତ୍ତାକୁ ଅନୁକରଣ କରିଥାନ୍ତି। ତେଣୁ ମା'ମାନେ ନିଜ କଥାବାର୍ତ୍ତା ସମୟରେ କେଉଁ ଭଳି ଶବ୍ଦ ବ୍ୟବହାର କରିବେ ଓ କେଉଁ ଢଙ୍ଗରେ କହିବେ ସେସବୁ ବିଷୟରେ ନିଜକୁ ତର୍ଜମା କରନ୍ତୁ।
- ପିଲାମାନେ ଭାବନାତ୍ମକ ରୂପେ ମା'ମାନଙ୍କ ଭଳି ପ୍ରତିକ୍ରିୟା ବି ଦିଅନ୍ତି। ତେଣୁ ରାଗ ହେଉ କି ଖୁସି ପ୍ରତ୍ୟେକ ସମୟରେ ସେଇ ବ୍ୟବହାରକୁ ଅନୁକରଣ କରନ୍ତି।
- ପିଲା ନିଜ ମା'ଠାରୁ ଟାଇମ୍ ମ୍ୟାନେଜମେଣ୍ଟ ବି ଶିଖନ୍ତି। କେତେବେଳେ ଉଠିବେ, କେଉଁ କାମକୁ କିଭଳି କରିବେ ସେସବୁ ଶିଖନ୍ତି।
- ପିଲାଙ୍କୁ ଠିକ୍ ଢଙ୍ଗରେ ଖାଇବା, ପିଇବା ଶିଖାଇବାକୁ ଚାହୁଁଥିଲେ ନିଜେ ସେହିଭଳି କରନ୍ତୁ। ଆପଣ ଯଦି ଠିକ୍ ଢଙ୍ଗରେ ଖାଉଥିବେ ତା'ହେଲେ ପିଲା ମଧ୍ୟ ସେହିଭଳି ଖାଇବେ।
- ସଫାସୁତୁରା ବ୍ୟବହାର ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆପଣ ଏ ଦୃଷ୍ଟିରୁ ନିଜକୁ ସଜାଡ଼ି ନିଅନ୍ତୁ, ନଚେତ୍ ପିଲା ମଧ୍ୟ ସେହିଭଳି ଆଚରଣ କରିବେ।

# ଅଫିସ୍ ଯଦି ଗୋଟିଏ..

**ଅନେକ ସମୟରେ ଅଫିସର ସହକର୍ମୀଙ୍କ ମଧ୍ୟରେ ଭଲପାଇବା ଆରମ୍ଭ ହୋଇ ବିବାହର ରୂପ ନିଏ। ହେଲେ ଅଧିକାଂଶ କ୍ଷେତ୍ରରେ ବିବାହ ପରର ପ୍ରଫେସନାଲ ଲାଇଫ୍ କିଛିଟା ପ୍ରଭାବିତ ହୁଏ। ତେଣୁ କ୍ୟାରିୟର ଯେମିତି ଖରାପ ନ ହେବ ସେଥିପାଇଁ ପର୍ସନାଲ ଓ ପ୍ରଫେସନାଲ ଲାଇଫ୍ ମଧ୍ୟରେ ଏକ ସନ୍ତୁଳନ ରକ୍ଷାକରିବାକୁ ହେବ...**







ଗୋଟିଏ ଅଫିସ୍‌ରେ କାମ କରୁଥିବା କପଲ ନିଜ ବ୍ୟବହାର ଓ କଥାବାର୍ତ୍ତାକୁ ନେଇ ସଚେତନ ରହିବା ଜରୁରୀ। ସେମାନେ ଘର ଓ ଅଫିସ୍ ମଧ୍ୟରେ ଥିବା ପାର୍ଥକ୍ୟକୁ ସବୁବେଳେ ମନେରଖିବା ଦରକାର। ଏସବୁ ଦିଗକୁ ଧ୍ୟାନ ନ ଦେଲେ ବହୁ ସମସ୍ୟା ଆସିଥାଏ। ବେଳେବେଳେ କପଲମାନଙ୍କ ମଧ୍ୟରୁ କାହାକୁ ହୁଏତ ଅଫିସ୍ ବଦଳାଇବାକୁ ପଡ଼ିଥାଏ, ଯାହା କ୍ୟାରିୟର ଗ୍ରୋଥ୍‌କୁ କମାଇଦିଏ। କିନ୍ତୁ ଏସବୁ ସମସ୍ୟାକୁ ଏଡ଼ାଇବା ନିମନ୍ତେ ଅଫିସ୍‌ରେ କିଭଳି ବ୍ୟବହାର କରିବେ ଜାଣନ୍ତୁ।

**ପ୍ରଫେସନାଲ:** ବିବାହ କରିଥିଲେ ବି ଅଫିସ୍‌ରେ ଆପଣ ସହକର୍ମୀ ଏକଥା ଭୁଲନ୍ତୁ ନାହିଁ। ତେଣୁ ଅନ୍ୟ ସହକର୍ମୀଙ୍କ ସହ ଆପଣ ଯେଉଁଭଳି ମିଶୁଛନ୍ତି ନିଜ ପାର୍ଟନରଙ୍କ ସହିତ ଠିକ୍ ସେହିଭଳି ମିଶନ୍ତୁ। ପରସ୍ପର ସହ ପ୍ରଫେସନ ଦୃଷ୍ଟିରୁ ଯେତିକି ଆବଶ୍ୟକ ସେହି ଅନୁସାରେ କଥାବାର୍ତ୍ତା କରନ୍ତୁ। ଅଫିସ୍ ସମୟ ମଧ୍ୟରେ କୌଣସି ବ୍ୟକ୍ତିଗତ ପ୍ରସଙ୍ଗରେ ଆଲୋଚନା କରନ୍ତୁ ନାହିଁ। ଏହା ହୁଏତ ଭବିଷ୍ୟତରେ ବିଭିନ୍ନ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଏନେଇ ସଚେତନ ରୁହନ୍ତୁ।

**କାହାକୁ କୁହନ୍ତୁ ନାହିଁ:** ଅଫିସ୍‌ରେ ଅନ୍ୟ ସହକର୍ମୀଙ୍କ ସହ ନିଜର ବୈବାହିକ ଜୀବନ ନେଇ କୌଣସି ଆଲୋଚନା କରନ୍ତୁ ନାହିଁ। କେହି ହୁଏତ ଆପଣଙ୍କର ଅନ୍ତରଙ୍ଗ ବନ୍ଧୁ ହୋଇପାରନ୍ତି, ମାତ୍ର ବ୍ୟକ୍ତିଗତ କଥା ଯଦି କୌଣସି କାରଣରୁ ତୁଣ୍ଡବାଇଦ ସହସ୍ରକୋଶ ଭଳି ବ୍ୟାପିଯାଏ ତା'ହେଲେ ବହୁ ସମସ୍ୟା ଆସିପାରେ। ଏଥିପାଇଁ ହୁଏତ ଆପଣଙ୍କ ମଧ୍ୟରେ ଝଗଡ଼ା ସୃଷ୍ଟିହେବା ସହ ସମ୍ପର୍କ ଖରାପ ହୋଇପାରେ। ତେଣୁ ବ୍ୟକ୍ତିଗତ କୌଣସି କଥା ଅନ୍ୟ କାହାକୁ କହିବା ସମୟରେ ସତର୍କ ରୁହନ୍ତୁ।

**ଖାଇବା ସମୟରେ:** ଅଫିସ୍‌ରେ ଖାଇବା ସମୟରେ କପଲ ବୋଲି ଆପଣ ଯେ ଏକାଠି ଖାଇବେ ତାହା ବି ଠିକ୍ ନୁହେଁ। ହୁଏତ ଆପଣଙ୍କ ପାର୍ଟନର ଅଫିସ୍‌ର ଅନ୍ୟ ପୁରୁଷ ବନ୍ଧୁଙ୍କ ସହ ଏକାଠି ଖାଇବାକୁ ଚାହୁଁଥିବେ। ତେଣୁ ଏ କ୍ଷେତ୍ରରେ ତାଙ୍କୁ ସ୍ୱାଧୀନତା ଦେବା ଉଚିତ ହେବ। ଅନୁରୂପଭାବେ ଆପଣ ମଧ୍ୟ ଅଫିସ୍ ପରିବେଶରେ ନିଜ ସମୟସୁବିଧା ଅନୁସାରେ ଖାଆନ୍ତୁ। ଏନେଇ ଆଗୁଆ କଥାବାର୍ତ୍ତା ହୋଇ ନିଜର ଟିଫିନ୍ ଅଲଗା ପ୍ୟାକ୍ କରି ଆଣନ୍ତୁ।

**ଅଫିସ୍‌ରେ ପ୍ରିଭେସି:** ଅଫିସ୍‌ରେ ପରସ୍ପରଠାରୁ ଆବଶ୍ୟକ ଦୂରତା ବଜାୟ ରଖନ୍ତୁ। କାରଣ କୌଣସି ପ୍ରକାର ଅନ୍ତରଙ୍ଗତା ଆପଣଙ୍କୁ ଅଫିସ୍‌ରେ ହ୍ୟାସାସ୍ପଦ କରାଇପାରେ ଓ ଭାବମୂର୍ତ୍ତି ଖରାପ କରିଥାଏ। ତେଣୁ ଅଫିସ୍‌ରେ ନିଜ ପ୍ରିଭେସିକୁ ନିଶ୍ଚୟ ଜଗନ୍ତୁ। ଅଫିସ୍‌ରେ ଆପଣ କେବଳ ସହକର୍ମୀ ବୋଲି ଭାବନ୍ତୁ। ସେଭଳି ନିହାତି ଜରୁରୀ ନ ହେଲେ ପରସ୍ପର ସହ ଏକାଠି ହୋଇ କଥାବାର୍ତ୍ତା କରନ୍ତୁ ନାହିଁ। ଏସବୁ ପାଇଁ ଆପଣ ଘରେ ସମୟ ବାହାର କରନ୍ତୁ। ଆଉ ଘରର କୌଣସି ସମସ୍ୟା ମଧ୍ୟ ଅଫିସ୍‌ରେ ଆଲୋଚନା କରନ୍ତୁ ନାହିଁ। ଏପରି ହୋଇପାରେ, ଯଦି ଘରେ କଥାବାର୍ତ୍ତା ନିମନ୍ତେ ସମୟ ମିଳୁନାହିଁ ତା'ହେଲେ ଅଫିସ୍‌ରୁ ବାହାରି କିଛି ସମୟ ପାଇଁ ଅନ୍ୟ କୌଣସି ସ୍ଥାନକୁ ଯାଇ ଆଲୋଚନା କରନ୍ତୁ, କିନ୍ତୁ ଅଫିସ୍ ପରିସରରେ ଏଭଳି କିଛି କାମ କରନ୍ତୁ ନାହିଁ ଯେଉଁଥିପାଇଁ ଆପଣଙ୍କୁ ଖରାପ ଲାଗିପାରେ।

## ଏମାନେ କ'ଣ କରନ୍ତି



**ମ୍ୟାନେଜ୍ କରୁଛି:** ବିବାହ ପୂର୍ବରୁ ଅଲଗା ୟୁନିଭର୍ସିଟିରେ ଉଭୟେ କାମ କରୁଥିଲୁ। କିନ୍ତୁ ପରେ ଆମେ ବହୁ ଚେଷ୍ଟା କରି ଏବେ କିଛି ବର୍ଷ ହେଲା ଗୋଟିଏ ୟୁନିଭର୍ସିଟିରେ ଜଏନ୍ କରିଛୁ। ଏଥିପାଇଁ ପର୍ସନାଲ ଲାଇଫ୍‌ରେ ବହୁ ସୁବିଧା ହେଉଛି। ପରସ୍ପରକୁ ତଥା ପିଲାମାନଙ୍କୁ ଅଧିକ ଟାଇମ୍ ଦେଇହେଉଛି। ହେଲେ ପ୍ରଫେସନାଲ ଲାଇଫ୍‌ରେ ବିଭିନ୍ନ ସମସ୍ୟା ଦେଖାଦେଉଛି। କପଲ୍ ହୋଇଥିବାରୁ ପ୍ରାୟ ସବୁବେଳେ ଅନ୍ୟମାନଙ୍କ ଟାର୍ଗେଟରେ ରହୁଛୁ। ଯେହେତୁ ସମସ୍ତେ କଲିଗ୍, ତେଣୁ ଈର୍ଷାଭାବ ସହ ସମସ୍ତେ ବର୍ତ୍ତନ ଦେବାକୁ ଚାହାନ୍ତି। ତେଣୁ ଆମକୁ ସଚେତନ ହେବାକୁ ପଡ଼େ। ଆଉ କ୍ୟାରିୟର ଉପରେ ଅଧିକ ଫୋକସ୍ ଦେଉଛୁ। ବାକି ଯାହା ସମସ୍ୟା ଆସେ ଉଭୟେ ମିଶି ମ୍ୟାନେଜ୍ କରୁ, ମାତ୍ର ପ୍ରଫେସନାଲ ଲାଇଫ୍ ଯେମିତି ପ୍ରଭାବିତ ନ ହେବ ସେଥିପାଇଁ ସବୁବେଳେ ସଚେତନ ରହୁଛି।

*–ଡ. ଝାନ୍ସୀ ମିଶ୍ର, ଅଧ୍ୟାପିକା, ପୂର୍ବାଞ୍ଚଳ ୟୁନିଭର୍ସିଟି, ଉତ୍ତରପ୍ରଦେଶ*



**ଅଫିସ୍‌ରେ ଆମେ କଲିଗ୍:** ବିବାହ ପରଠାରୁ ଆମେ ଏକ ପ୍ରାଇଭେଟ୍ ନ୍ୟୁଟ୍ରିସନ୍ କମ୍ପାନୀରେ କାମ କରୁଛୁ, ହେଲେ ଏପର୍ଯ୍ୟନ୍ତ ଅଲଗା ଅଫିସ୍‌ରେ କାମ କରିବା କଥା ଚିନ୍ତା କରିନୁ। କାରଣ ଘରକୁ ଯିବା ଆସିବା ଓ ଅନ୍ୟ ସିକ୍ୟୁରିଟି ଦୃଷ୍ଟିରୁ ଏକାଠି କାମ କରିବା ଦ୍ୱାରା ସୁବିଧା ହେଉଛି। ଅବଶ୍ୟ ଅଫିସିଆଲି ଟିକେ ସତର୍କ ହେଇ କାମ କରିବାକୁ ପଡୁଛି। ଅଫିସ୍‌ରେ ଆମେ ପରସ୍ପର କଲିଗ୍ ଭଳି ବ୍ୟବହାର କରୁ। ଅଫିସ୍ ପରିବେଶରେ ଆମେ କେବେ ବି ଏକାଠି ଅଧିକ ସମୟ ବିତାଇବାକୁ ଚେଷ୍ଟା କରିନୁ। ନିହାତି ଦରକାର ହେଲେ ପର୍ସନାଲ କଥା ହେଉ ନଚେତ୍ ଅଲଗା ସ୍ଥାନରେ ବସି ନିଜ ନିଜ କାମ କରୁ। ଏମିତିକି ତାଙ୍କ ପାଇଁ ଟିଫିନ୍ ମଧ୍ୟ ଅଲଗା ପ୍ୟାକ୍ କରିଥାଏ। କାହିଁକିନା ଲଞ୍ଚ ପାଇଁ ମୁଁ ଫ୍ରି ଥିବା ସମୟରେ ସେ ସବୁବେଳେ ଫ୍ରି ହୋଇ ପାରନ୍ତି ନାହିଁ। ସେଥିପାଇଁ ଆମେ ଆମ ସୁବିଧା ଅନୁସାରେ ଖାଉ। ତେଣୁ ପ୍ରଫେସନାଲ୍ ଦୃଷ୍ଟିରୁ ଆମକୁ କେହି କିଛି କହିପାରନ୍ତି ନାହିଁ। ତେଣୁ ସଚେତନ ହୋଇ କାମ କଲେ ଗୋଟିଏ ଅଫିସ୍‌ରେ ବି କିଛି ଅସୁବିଧା ହେବ ନାହିଁ।

*–ପ୍ରିୟଦର୍ଶିନୀ ଜେନା, କର୍ମଜୀବୀ, ଭୁବନେଶ୍ୱର*





**ସୌନ୍ଦର୍ଯ୍ୟ**

# ଗୁଜୁରାତିରୁ ଗ୍ଲୋଇଂ ସ୍କିନ୍



**ତ୍ୱଚାକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ଘରୋଇ ଉପଚାର ରହିଛି। ତେବେ ଆସନ୍ତୁ ଜାଣିବା ଗୁଜୁରାତି ବ୍ୟବହାରକରି କିପରି ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରାଯାଇପାରିବ...**



ଗୁଜୁରାତିରେ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି। ତେଣୁ ଏହା ତ୍ୱଚା ପାଇଁ ଅତ୍ୟନ୍ତ ଉପକାରୀ। ନିୟମିତ ଏହାର ବ୍ୟବହାର କଲେ ତ୍ୱଚାକୁ ପୋଷଣ ମିଳିବା ସହ ବ୍ରଣ ଓ ଟାନିଂ ସମସ୍ୟା ଦୂର ହୋଇଥାଏ।

**ଗୁଜୁରାତି ଓ ଗୋଲାପ ଜଳ:** ଗୋଲାପ ଜଳ ସହ ଗୁଜୁରାତିର ଫେସ୍‌ପ୍ୟାକ୍ ତିଆରିକରି ମୁହଁରେ ଲଗାନ୍ତୁ। ଏଥିପାଇଁ ପ୍ରଥମେ ଗୁଜୁରାତି ମଞ୍ଜି ବାହାରକରି ଗୁଣ୍ଡ କରିନିଅନ୍ତୁ। ଏହାକୁ ଗୋଲାପ ଜଳରେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟକୁ ଆଦୌ ମସାଜ୍ କରନ୍ତୁ ନାହିଁ ଏବଂ ୧୦ ମିନିଟ୍ ପରେ ମୁହଁକୁ ଧୋଇଦିଅନ୍ତୁ କିମ୍ବା ଓଦା କପଡ଼ାରେ ପୋଛିଦିଅନ୍ତୁ।

**ଗୁଜୁରାତି ଓ ମହୁ:** ତ୍ୱଚାରେ ବ୍ରଣ ସମସ୍ୟା କିମ୍ବା ଦାଗ ଥିଲେ ମହୁ ସହ ଗୁଜୁରାତି ଲଗାନ୍ତୁ। ଗୁଜୁରାତି ଗୁଣ୍ଡକୁ ମହୁ ସହିତ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ମୁହଁକୁ ଧୋଇଦିଅନ୍ତୁ। ନିୟମିତ ଏହି ଉପାୟ ଆପଣାଇଲେ ତ୍ୱଚାର ଅନେକ ସମସ୍ୟା ଦୂର ହୋଇଥାଏ।

**ଗୁଜୁରାତି ଓ କ୍ଷୀର:** ଗୁଜୁରାତି ଗୁଣ୍ଡକୁ କ୍ଷୀର ସହ ମିଶାଇ ମୁହଁରେ ଲଗାନ୍ତୁ। ୧୫–୨୦ ମିନିଟ୍ ରଖିବା ପରେ ଧୀରେ ମାଲିସ୍‌କରି ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ। ପ୍ରଥମେ ସପ୍ତାହକୁ ଥରେ ଓ ପରେ ୨ କିମ୍ବା ୩ ଥର ଏହି ପ୍ୟାକ୍ ଲଗାଇପାରିବେ।



**ଖାଦ୍ୟରୁଚି**

# ଆଳୁ ବରା

**ଆବଶ୍ୟକ ସାମଗ୍ରୀ–** ସୁଜି ୨୦୦ଗ୍ରାମ୍, ଆଳୁ ୨ଟି (ବଡ଼) ଜିରା ୧ ଚାମଚ, ପିଆଜ ୧ (ବଡ଼), ଧଳା ରାଶି ୨ ଚାମଚ, କଞ୍ଚାଲଙ୍କା ୪/୫ଟି, ଚିଲି ଫ୍ଲେକ୍ସ ଅଧାଚାମଚ, ଭୃସଙ୍ଗପତ୍ର ଓ ଧନିଆପତ୍ର ଅଳ୍ପ, ଆବଶ୍ୟକ ଅନୁସାରେ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଆଳୁର ଚୋପା ଛଡ଼ାଇ ତାକୁ ଗ୍ରେଟରରେ କୋରି ଦିଅନ୍ତୁ। ଏବେ ଏହି କୋରା କଞ୍ଚାଲଙ୍କାକୁ ଛୋଟ ଛୋଟ କାଟି ପକାନ୍ତୁ। ଅଳ୍ପ ଚିଲି ଫ୍ଲେକ୍ସ ମଧ୍ୟ ପକାନ୍ତୁ। ଏବେ ଏଥିରେ ପ୍ରାୟ ଅଧା ଲିଟର ପାଣି ଦିଅନ୍ତୁ। ପାଣି ଫୁଟିବା ପରେ ସେଥିରେ କୋରା ଆଳୁକୁ ପକାନ୍ତୁ। ଏବେ ପାଣି ଫୁଟିଲେ ସେଥିରେ ସୁଜି ପକାଇ ଗୋଳାନ୍ତୁ। କିଛି ସମୟ ପରେ ସୁଜି ଭଲଭାବେ ଯନ୍ତି ହୋଇଯିବ। ଯନ୍ତଣି ପ୍ରସ୍ତୁତ ହୋଇଯିବା ପରେ କଡ଼େଇକୁ ଗ୍ୟାସ୍‌ରୁ ଓହ୍ଲାଇ ଆଣି କିଛି ସମୟ ଘୋଡ଼ାଇ ରଖିଦିଅନ୍ତୁ।



ଆଳୁକୁ ପାଣିରେ ଭଲଭାବେ ଧୋଇ ଏକ ଜାଲିରେ ଛାଣିଦିଅନ୍ତୁ। ଏବେ କଡ଼େଇରେ ୧ ଚାମଚ ତେଲ ଗରମକରି ସେଥିରେ କିଛି ଜିରା ଫୁଟାନ୍ତୁ। ଏହାପରେ ୨ ଚାମଚ ଧଳା ରାଶି ପକାନ୍ତୁ। ଅଳ୍ପ ଭାଜିହେବା ପରେ ସେଥିରେ ପିଆଜକୁ କାଟି ପକାନ୍ତୁ। ପିଆଜ ଅଳ୍ପ ଭାଜି ହୋଇ ଆସିଲେ ସେଥିରେ ଭୁର୍ସୁଙ୍ଗପତ୍ର ପକାନ୍ତୁ। ଏହା ସହ ପରେ ଏହାକୁ ଆଣି ସେଥିରେ କିଛି କଟା ଧନିଆପତ୍ର ପକାଇ ତେଲ ହାତ କରି ଭଲଭାବେ ଚକଟି ଦିଅନ୍ତୁ। ଏବେ ଏହାକୁ ବରା ଭଳି ଆକାର ଦେଇ ହାତରେ ଗଢ଼ି ଦିଅନ୍ତୁ। ଶେଷରେ କଡ଼େଇରେ ତେଲ ଗରମକରି ଏସବୁକୁ ଛାଣି ଦିଅନ୍ତୁ। ଏବେ ଏହାକୁ ଯେକୌଣସି ଚଟଣି ସହ ଗରମ ଗରମ ଖାଆନ୍ତୁ।

# ତଣ୍ଟି କାଟି ମହିଳାଙ୍କୁ ହତ୍ୟା

## ଏମ୍ସରେ ମୃତ୍ୟୁ ସହ ସଂଘର୍ଷ କରୁଛି ଝିଅ

ବ୍ରହ୍ମପୁର,୧୧।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲା ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମା ନଗରରେ ରବିବାର ରାତିରେ ଜଣେ ମହିଳାଙ୍କ ତଣ୍ଟି କାଟି ହତ୍ୟା କରାଯାଇଥିବା ବେଳେ ତାଙ୍କ ଝିଅକୁ ମରଣାନ୍ତକ ଆକ୍ରମଣ କରାଯାଇଛି। ମୃତ ମହିଳା ହେଲେ ଗାୟତ୍ରୀ ସ୍ୱାଇଁ (୩୦)। ୧୦ ବର୍ଷୀୟା ଝିଅ ନିଲମ ସ୍ୱାଇଁଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଏମ୍‌କେସିଜିରେ ପୋଲିସ ଗୁରୁତର ନାବାଳିକାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ସଂଗ୍ରହ କରିଛି। ଅଭିଯୁକ୍ତ ଜଣଙ୍କ ତାଙ୍କର ଜଣେ ସମ୍ପର୍କୀୟ। ସେ ରବିବାର ରାତିରେ ଘରେ ଥିଲେ ବୋଲି ନିଲମ ପୋଲିସକୁ କହିଛନ୍ତି। ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପ୍ରୟାସ କରୁଛି। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍, ସଦର ଏସ୍‌ଡିପିଓ, ଥାନାଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ବିଭିନ୍ନ ଦିଗରୁ ଛାନଭିନ କରୁଛି।

ପ୍ରକାଶ ଯେ, ଗାୟତ୍ରୀଙ୍କ ସ୍ୱାମୀ କୋରାପୁଟର ସାଧୁଚରଣ ସ୍ୱାଇଁ ଭୁବନେଶ୍ୱରରେ କାମ କରୁଥିବାରୁ ସେଠାରେ ରହୁଛନ୍ତି। ଗାୟତ୍ରୀ ଷଷ୍ଠ ଶ୍ରେଣୀରେ ପଢୁଥିବା ଝିଅ ନିଲମଙ୍କୁ ଧରି ବ୍ରହ୍ମପୁରରେ ଭଡ଼ାଘରେ ରହୁଥିଲେ। ଶନିବାର ଝିଅକୁ ଧରି ସେ ହିଞ୍ଜିଳିକାଟୁରେ ରହୁଥିବା ତାଙ୍କ ଭାଇଙ୍କୁ ରାଖୀ ବାନ୍ଧିବା ପାଇଁ ଯାଇଥିଲେ। ରବିବାର ସନ୍ଧ୍ୟାରେ ମା', ଝିଅ ଭଡ଼ାଘରକୁ ଫେରିଥିଲେ। ସୋମବାର ଭୋର୍‌ରେ ହତ୍ୟାକାଣ୍ଡ ଘଟିଥିବା ଜଣାପଡିଥିଲା। ନିମଖଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ସେଠାକାର ସିସିଟିଭି ଫୁଟେଜ୍ ଯାଞ୍ଚ ବେଳେ ଜଣେ ଯୁବକ ରବିବାର ବିଳମ୍ବିତ ରାତିରେ ସେହି ଘରୁ ବାହାରୁଥିବା ଦେଖିବାକୁ ମିଳିଛି। ସେ ଚାଲି ଚାଲି ଯାଇ ସାହି ଶେଷମୁଣ୍ଡରେ ଥିବା ଏକ ବାଇକ୍‌ରେ ପଳାଇ ଯାଇଥିବା ଜଣାପଡିଛି। ଗାୟତ୍ରୀଙ୍କ ଗଳାକାଟି ହତ୍ୟା କରିବା ପରେ ଅଭିଯୁକ୍ତ ଚିହ୍ନଟ ହୋଇଯିବା ଭୟରେ ନିଲମଙ୍କ ବେକରେ ଖଣ୍ଡା ଚୋଟ ପକାଇଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏପରିକି ଘଟଣା ଘଟାଇବା ପରେ ସେ ବାହାର ପଟୁ ତାଲା ପକାଇ ଚମ୍ପଟ ମାରିଥିବା ପୋଲିସ ସନ୍ଦେହ କରୁଛି। ଗାୟତ୍ରୀଙ୍କ ଭାଇ ଚିତ୍ରସେନଙ୍କ ଅଭିଯୋଗ ଅନୁସାରେ ପୋଲିସ ନଂ.୨୪୩/୨୫ରେ ହତ୍ୟା ମାମଲା ରୁଜୁ କରିଛି। ଲୋଚପଡା ଅଞ୍ଚଳରେ ବ୍ୟବସାୟ କରୁଥିବା ଜଣେ ଯୁବକ ଏହି କାଣ୍ଡ ଘଟାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସେ ଧରାପଡ଼ିଲେ ହତ୍ୟାର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ଝିଅପୁଅଙ୍କ ସମ୍ମୁଖରେ ମା'ଙ୍କ ଗଳାକାଟି ହତ୍ୟା

### ୨ ଅଭିଯୁକ୍ତ ଗିରଫ

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)


ଜୟନ୍ତୀ ବେହେରା

ନୟାଗଡ଼ ଜିଲା ଫତେଗଡ଼ ଥାନା ଭାପୁର ବିଟ୍ ହାଉସ୍ ଅନ୍ତର୍ଗତ ଭାପୁରରେ ଜୟନ୍ତୀ ବେହେରା(୩୬)ଙ୍କୁ ରବିବାର ରାତିରେ ଗଳାକାଟି ହତ୍ୟା କରାଯାଇଛି। ଝିଅପୁଅଙ୍କ ସମ୍ମୁଖରେ ନିଜ ଘରେ ମା'ଙ୍କୁ ହତ୍ୟା କରାଯାଇଛି। ଅଭିଯୋଗ ପାଇ ପୋଲିସ କଟକ ଜିଲା ବୈଦେଶ୍ୱର ଥାନା ଅଞ୍ଚଳର ମଉସା ଶ୍ୱଶୁର ପୁଅ ମନୋଜ କୁମାର ସାହୁ ଓ ମନୋଜଙ୍କ ସାଙ୍ଗ ରାଜାଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ନଂ. ୨୬୦/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

କରବର ଗାଁର ମହେଶ୍ୱର ବେହେରାଙ୍କ ଅଭିଯୋଗ ଅନୁସାରେ ସାନ ଝିଅ ଜୟନ୍ତୀ ଭାପୁରର ସୁରେଶ କୁମାର ବେହେରାଙ୍କୁ ବିବାହ କରିଥିଲେ। ସୁରେଶ ଜଣେ ପାଇପ ମିସ୍ତ୍ରି ଥିଲେ। ୨ ବର୍ଷ ତଳେ ତାଙ୍କର ମୃତ୍ୟୁ ହୋଇଯାଇଛି। ଭାପୁର ଘରେ ନାତି ଋଷି (୬) ଓ ନାତୁଣୀ ଲିଜା (୧୧)ଙ୍କ ସହ ଝିଅ ରହୁଥିଲେ। ଭାପୁର ବାସୁଦେବପୁର ଦେବ ବିଦ୍ୟାପୀଠରେ ଜୟନ୍ତୀ ପାଚିକା ଭାବେ କାମ କରୁଥିଲେ। ତେବେ ରବିବାର ରାତିରେ ଜୟନ୍ତୀଙ୍କ ଗଳାକାଟି ହତ୍ୟା ଖବର ଶୁଣିଥିଲେ। ସେଠାରେ ପହଞ୍ଚିବା ପରେ ଝିଅର ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଝିଅକୁ ବୈଦେଶ୍ୱର ଥାନା ଅଞ୍ଚଳର ମନୋଜ କୁମାର ସାହୁ ଓ ତାଙ୍କ ସାଙ୍ଗ ରାଜା ଛୁରିରେ ଗଳାକାଟି ହତ୍ୟା କରିଥିବା ନାତୁଣୀନାତିଙ୍କଠାରୁ ଜାଣିବାକୁ ପାଇଥିଲେ। ହତ୍ୟା ପରେ ଅଭିଯୁକ୍ତଦ୍ୱୟ ଘରୁ ମୋବାଇଲ ନେଇ ବାରିପଟେ ପଳାଇଯାଇଥଲେ ବୋଲି ଅଭିଯୋଗ ହୋଇଛି। ତେବେ ହତ୍ୟାର ପ୍ରକୃତ କାରଣ ଏଯାବତ ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

- ହଷ୍ଟେଲ ଛାତରୁ ପଡ଼ିଯାଇଥିବା ସନ୍ଦେହ
- ଜଣେ ଯୁବନେତାଙ୍କ ଡ୍ରାଇଭର ଥିଲେ

ଭୁବନେଶ୍ୱର,୧୧।୮(ସତ୍ୟଜିତ୍ ରାଉତ)- ଉତ୍କଳ ବିଶ୍ୱବିଦ୍ୟାଳୟର ଫକୀର ମୋହନ ଛାତ୍ରାବାସରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ କମଳାଦେଈପୁରର ବିଶ୍ୱରଞ୍ଜନ ଯାଦବ (୩୨)। ସେ ଜଣେ ଯୁବନେତାଙ୍କ ଡ୍ରାଇଭର ଭାବେ କାମ କରୁଥିଲେ ବୋଲି ସୂଚନା ମିଳିଛି। ସୋମବାର ପାହାନ୍ତା ସମୟରେ ବିଶ୍ୱନାଥ ଛାତରୁ ପଡିଯାଇ ମୃତ୍ୟୁବରଣ କରିଥିବା ଚର୍ଚ୍ଚା ହେଉଛି। ପୋଲିସ ପ୍ରାଥମିକ ତଦନ୍ତରୁ ଏହା ସନ୍ଦେହ କରୁଥିବା ବେଳେ ଅନ୍ୟାନ୍ୟ ଦିଗକୁ ନେଇ ମଧ୍ୟ ତଦନ୍ତ ତ୍ୱରାନ୍ୱିତ କରିଛଇ। ବିଶ୍ୱରଞ୍ଜନଙ୍କ ଭିଣୋଇ ସତ୍ୟବ୍ରତ ନାୟକଙ୍କ ରିପୋର୍ଟ ଆଧାରରେ ଶହୀଦନଗର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୫/୨୦୨୫) ରୁଜୁ କରି ତଦନ୍ତ କରୁଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ବିଶ୍ୱରଞ୍ଜନଙ୍କ ମୃତଦେହକୁ ତାଙ୍କ ପିରବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ବିଶ୍ୱବିଦ୍ୟାଳୟର ହଷ୍ଟେଲରୁ ଜଣେ ଅଣଛାତ୍ରଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି। ସେ ଛାତ ଉପରେ ଶୋଇଥିବା ବେଳେ ଅସାବଧାନତାରୁ ପଡ଼ିଗଲେ ନା ତାଙ୍କୁ କେହି ଠେଲିଦେଇଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବିଶ୍ୱରଞ୍ଜନ ଭୁବନେଶ୍ୱରର ଅନ୍ୟ ସ୍ଥାନରେ ରହିବା ସହ ଅଧିକାଂଶ ସମୟରେ ବିଶ୍ୱବିଦ୍ୟାଳୟର ଫକୀର ମୋହନ ହଷ୍ଟେଲକୁ ଯାଉଥିଲେ। ହଷ୍ଟେଲର ୯୨ ନଂ. ରୁମ୍‌ରେ ରହୁଥିଲେ। ତେବେ ରବିବାର ସେ ସାଙ୍ଗମାନଙ୍କ ସହ ହଷ୍ଟେଲରେ ଭୋଜିଭାତ କରି ଖାଇଥିଲେ। ତେବେ ରାତିପ୍ରାୟ ୩ଟା ୪୫ରେ ହଷ୍ଟେଲ କେୟାର ଟେକର ଶୌଚ ସାରି ସ୍ନାନ ହୋଇ ରୁମ୍‌କୁ ଯିବା ବେଳେ ଏକ ଶବ୍ଦ ଶୁଣିଥିଲେ। ବିଶ୍ୱରଞ୍ଜନଙ୍କ ମୃତଦେହ ତଳେ ପଡିଥିବା ସେ ଦେଖିବାକୁ ପାଇ ଅନ୍ୟ ଛାତ୍ରମାନଙ୍କୁ ଜଣାଇଥିଲେ। ପରେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ, ୱାର୍ଡେନ୍ ପ୍ରମୁଖ ଘଟଣାସ୍ଥଳକୁ ଆସିବା ସହ ପୋଲିସକୁ ଜଣାଯାଇଥିଲା।

## ପଥର ଖଣିରେ ଶ୍ରମିକଙ୍କ ମୃତଦେହ


ଗୁଣ୍ଡୁରାପଶି ୨ନଂ. ପଥର ଖଣିରେ ମୃତଦେହ ପଡିଛି।

ଢେଙ୍କାନାଳ,୧୧।୮(ରତନ ନାୟାର)/ ଭାପୁର (ରାଜକୁମାର ପ୍ରଧାନ)

### ହତ୍ୟା ଅଭିଯୋଗ ନେଇ ଉତ୍ତେଜନା, ରାସ୍ତା ଅବରୋଧ

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଦର ଥାନା ଇନ୍ଦିପୁର ନିକଟସ୍ଥ ଗୁଣ୍ଡୁରାପଶି ୨ନଂ. ପଥର ଖଣିରୁ ସୋମବାର ସକାଳେ ଜଣେ ଶ୍ରମିକ ଅକ୍ଷୟ ନାୟକ(୫୫)ଙ୍କ ମୃତଦେହ ମିଳିଥିଲା। ତାଙ୍କ ଘର ବେଶାଳିଆ ଗ୍ରାମରେ। ଖବରପାଇ ପରିବାର ସଦସ୍ୟ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଅକ୍ଷୟଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିବା ସହ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ସଦର ଥାନା ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲା। ପରେ ଖଣି ନିଲାମ ନେଇଥିବା ବ୍ୟକ୍ତିଙ୍କ ପକ୍ଷରୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ନିକଟରେ ଏକ ଜେସିବି ମେଶିନ ରହିଥିବା ବେଳେ ଗଭୀର ପଥର ଖଣିରେ ଅକ୍ଷୟଙ୍କ ମୃତ୍ୟୁ କିଭଳି ହେଲା ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଇନ୍ଦିପୁର ଅଞ୍ଚଳରେ ବହୁ ସଂଖ୍ୟାରେ ବେଆଇନ ପଥରଖଣି ରହିଥିବା ବେଳେ ସେଠାରେ ପଥର ବ୍ୟବସାୟୀଙ୍କ ପ୍ରାଦୁର୍ଭାବରେ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡ଼ନାୟକ କହିଛନ୍ତି, ଶ୍ରମିକଙ୍କ ମୃତଦେହ ମିଳିଥିବା ଖଣି ବେଆଇନ ନା ଆଇନ ସମ୍ମତ ତାହା ଖଣି ବିଭାଗ ଅଧିକାରୀ କହିପାରିବେ। ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଏହି ଘଟଣାକୁ ନେଇ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇପାରିନାହିଁ। ଅଭିଯୋଗ ଆସିଲେ ଏହାକୁ ଆଧାର କରି ମାମଲା ରୁଜୁ ହେବ। ତେବେ ଶ୍ରମିକଙ୍କ ମୃତଦେହ ଉଦ୍ଧାରର ୧୨ ଘଣ୍ଟାର ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ ପାଇଁ ତତ୍ପରତା ନ ଦେଖାଇବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ପଥର ବ୍ୟବସାୟୀମାନଙ୍କ ପ୍ରତି ପ୍ରଶାସନ ଓ ପୋଲିସର ଅହେତୁକ ଅନୁକମ୍ପା ଏକପ୍ରକାର ସ୍ପଷ୍ଟ ହୋଇଥିବା ଚର୍ଚ୍ଚା ହେଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

## ୫ ଆଇଇଡି ବୋମା ଜବତ

ମାଲକାନଗିରି,୧୧।୮(ଦୁର୍ଯ୍ୟୋଧନ ପାତ୍ର)-ଛତିଶଗଡ଼ ନାରାୟଣପୁର ଜିଲାରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ୫ ଆଇଇଡି ବୋମା ସୋମବାର ଜବତ କରାଯାଇଛି।

ସୂଚନା ଅନୁଯାୟୀ, ନାରାୟଣପୁର ଜିଲା କୁତୁଲ ଗ୍ରାମଠାରୁ ଯବାନମାନେ ସର୍ଚ୍ଚ ଅପରେଶନ ପାଇଁ ବାହାରିଥିଲେ। ଏହି ସମୟରେ ଗୋଡନାର ଗ୍ରାମ ପାଖରେ ଥିବା ଏକ ନାଳ ନିକଟରୁ ୨ କିଲୋ ଓଜନର ଦୁଇଟି ଆଇଇଡି ବୋମା ଜବତ କରାଯାଇଥିଲା। ସେହିପରି କୋଡନାର ଓ ଧୁରବେଡା ଗ୍ରାମ ପାଖ ନାଳ ନିକଟରୁ ୩ କିଲୋ ଓଜନର ଦୁଇଟି ଆଇଇଡି ବୋମା ଜବତ ହୋଇଛି। ସମସ୍ତ ବୋମାକୁ ସୁରକ୍ଷିତ ସ୍ଥଳକୁ ନେଇ ସେଠାରେ ନିଷ୍କ୍ରିୟ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।


ଜବତ ହୋଇଥିବା ଆଇଇଡି।

## ସ୍ତ୍ରୀଙ୍କୁ ହତ୍ୟା କଲେ ସ୍ୱାମୀ

ମୋହନା, ୧୧।୮(ମନ୍ମଥ ମିଶ୍ର)


ରେଶ୍ମା (ଫାଇଲ ଫଟୋ)

ସ୍ତ୍ରୀଙ୍କୁ କଟୁରିରେ ହାଣି ହତ୍ୟା କରିଛନ୍ତି ସ୍ୱାମୀ । ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ କୁଙ୍କୁଣୀ ଗାଁରେ । ମୃତା ହେଲେ ରେଶମା ବାଗସିଂ(୨୬) । ତେବେ ଅଭିଯୁକ୍ତ ସ୍ୱାମୀ ଅନନ୍ତ ବାଗସିଂ(୩୦)ଙ୍କୁ ପୋଲିସ ଗିରଫ କରିଛି। ହତ୍ୟାରେ ବ୍ୟବହୃତ କଟୁରି ଜବତ ହୋଇଛି । ଖବରରୁ ଜଣାପଡିଛି, ରବିବାର ସନ୍ଧ୍ୟାରେ ଅନନ, ସ୍ତ୍ରୀ ରେଶମା ପିଲାଙ୍କୁ ଧରି ମୋହନାରେ ପଡ଼ିଥିବା ମୀନାବଜାର୍ ବୁଲିବାକୁ ଯାଇଥିଲେ । ରାତି ପ୍ରାୟ ୧୦ଟାରେ ବୁଲାବୁଲି ସାରି ସେମାନେ ଘରକୁ ଫେରିଥିଲେ । ପରେ ଅନନ୍ତ ଓ ରେଶ୍ମାଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ଅନନ୍ତ ଏକ କଟୁରିରେ ରେଶ୍ମାଙ୍କ ବେକ ଓ ମୁହଁକୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ବିଳମ୍ବିତ ରାତିରେ ମୋହନା ମେଡିକାଲକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରେଶ୍ମାଙ୍କ ବାପା ରାଧାକାନ୍ତ ନାୟକ ମୋହନା ଥାନାରେ ଅଭିଯୋଗ କରିଛନ୍ତି । ଏହାକୁ ଭିତ୍ତିକରି ନଂ. ୧୨୪/୨୫ରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ପ୍ରାଥମିକ ତଦନ୍ତ ପରେ ସ୍ୱାମୀ ଅନନ୍ତଙ୍କୁ ଗିରଫ କରାଯାଇଛି। ଏହାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି ।

## ଗାଁ ଦାଣ୍ଡରେ ଜଣଙ୍କୁ ହତ୍ୟା କଲେ ଯୁବକ

ହିଞ୍ଜିଳିକାଟୁ, ୧୧।୮(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲାରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ସାମାନ୍ୟ ଘଟଣାରେ ହତ୍ୟାକାଣ୍ଡ ଘଟୁଛି। ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ ରାଳବ ଗାଁ ଦାଣ୍ଡରେ ସୋମବାର ଅପରାହ୍ନରେ ଜଣଙ୍କୁ ଛୁରି ଭୁଷି ହତ୍ୟା କରାଯାଇଛି। ସେ ହେଲେ ରାଳବ ଗାଁ ଖଣ୍ଡିଆ ସାହିର ହରି ପଟ୍ଟନାୟକ (୫୨)। ଗାଁ ଦାଣ୍ଡରେ ଥିବା ମେଳା ମଣ୍ଡପ ଫ୍ୟାନ ସୁଇଚ ବନ୍ଦ ଘଟଣାକୁ କେନ୍ଦ୍ର କରି ଏପରି ଘଟଣା ଘଟିଛି। ଅଭିଯୁକ୍ତ ଅରୁଣ ଦଳାଇ (୩୪)ଙ୍କୁ ପୋଲିସ ଗିରଫ କରିଛି।

ଖବରରୁ ଜଣାପଡିଛି, ସୋମବାର ଅପରାହ୍ନରେ ଖଣ୍ଡିଆ ସାହିରେ ଥିବା ମେଳା ମଣ୍ଡପରେ ଅନ୍ୟମାନଙ୍କ ସହ ଅରୁଣ ଶୋଇଥିଲେ। ତେବେ ସେ ନିଦରୁ ଉଠିଲା ବେଳକୁ କେହି ମେଳା ମଣ୍ଡପ ସିଲିଂ ଫ୍ୟାନ ସୁଇଚ ବନ୍ଦ କରିଦେଇଥିଲେ। ଏହାକୁ ନେଇ ଅରୁଣ ସେଠାରେ ଥିବା ହରି ପଟ୍ଟନାୟକଙ୍କ ସାନପୁଅ ସାଗରଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ନେଇ ସାଗର ଘରେ କହିଥିଲେ। ହରି ଏ ବିଷୟରେ ଅରୁଣଙ୍କୁ ପଚାରିଥିଲେ। ଏଥିରେ ଅରୁଣ ଉତ୍ତ୍ୟକ୍ତ ହୋଇ ଘରୁ ଏକ ଛୁରି ଆଣି ହରିଙ୍କୁ ଗାଁ ଦାଣ୍ଡରେ ହତ୍ୟା କରିଥିଲେ। ହରିଙ୍କ ପେଟ ଓ ଗଳାର ବିଭିନ୍ନ ସ୍ଥାନରେ ଛୁରିରେ ଆଘାତ ପରେ ସେ ରକ୍ତ ଜୁଡୁବୁଡୁ ହୋଇ ଟଳି ପଡ଼ିଥିଲେ। ଖବର ପାଇ ହିଞ୍ଜିଳି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଅରୁଣଙ୍କୁ କାବୁ କରି ନେଇଥିଲା। ମୃତଦେହକୁ ଜବତ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ମଙ୍ଗଳବାର ସାଇଣ୍ଟିଫିକ ଫୋରେନସିକ ଟିମ୍ ଦ୍ୱାରା ତଦନ୍ତ କରାଯିବା ପରେ ମୃତଦେହ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯିବ ବୋଲି ପୋଲିସ କହିଛି। ଘଟଣା ନେଇ ମୃତକ ହରିଙ୍କ ଶଳା ଛବି ମହାନ୍ତି ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ହିଞ୍ଜିଳି ଥାନାରେ ନଂ. ୬୩୫/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାକୁ ନେଇ ଗାଁରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ମହିଳାଙ୍କ ଗଳା କାଟି ହତ୍ୟା ଉଦ୍ୟମ

### ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା

କୁଜଙ୍ଗ, ୧୧।୮(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ବଡ଼ବନ୍ଧ ରେଳଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତାରେ ସୋମବାର ଜଣେ ମହିଳାଙ୍କ ଗଳା କାଟି ହତ୍ୟା ଉଦ୍ୟମ ହୋଇଛି। ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଚରଦିଆ ଗ୍ରାମର ଟୁକୁନା ରାଉତଙ୍କ ଝିଅ ଭାରତୀ ରାଉତ। ସ୍ଥାନୀୟ ଲୋକେ ଓ ବାଟୋଇ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଅପରପକ୍ଷେ ଆକ୍ରମଣ କରିଥିବା ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ଶେରଗଡ଼ ଥାନା ଅନ୍ତର୍ଗତ ପାଇକସାହି ଗାଁର ରାଜେଶ ବେହେରା। ମାତ୍ର ତାଙ୍କ ସହଯୋଗୀଦ୍ୱୟ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କିଛିବର୍ଷ ପୂର୍ବେ ଭାରତୀ ଏରସମା ଥାନା ଅନ୍ତର୍ଗତ ତନ୍ତିଆ ଗ୍ରାମର ସୁବଳ ଖଟୁଆଙ୍କ ସାନପୁଅ ରାକେଶ ଖଟୁଆଙ୍କୁ ବିବାହ କରିଥିଲେ। ବିବାହ ପରେ ସ୍ୱାମୀଙ୍କ ସହ ବେଙ୍ଗାଲୁରୁ ଚାଲିଯାଇଥିଲେ। ସେଠାରେ ପଡ଼ୋଶୀ ଭାବେ ରହୁଥିବା ରାଜେଶଙ୍କ ସହ ଭାରତୀଙ୍କର ପରିଚୟ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିବା କୁହାଯାଇଛି। କିଛିଦିନ ପୂର୍ବେ ଭାରତୀଙ୍କୁ ସ୍ୱାମୀ ଆଣି ତନ୍ତିଆରେ ଛାଡ଼ି ବେଙ୍ଗାଲୁରୁ ଫେରିଯାଇଥିଲେ। ସୋମବାର ଭାରତୀ କୌଣସି କାରଣରୁ ପାଟପୁର ଆସିବା ସମୟରେ ରେଳଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତାରେ ରାଜେଶ ଓ ତାଙ୍କ ୨ ସହଯୋଗୀ ସାକ୍ଷାତ କରିଥିଲେ। ପରସ୍ପର କଥା ହେବା ମଧ୍ୟରେ ରାଜେଶ ଏକ ଧାରୁଆ ଅସ୍ତ୍ରରେ ଭାରତୀଙ୍କ ଗଳା ଓ ବାମ ହାତ କାଟି ଦେଇଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ରାଜେଶଙ୍କୁ କାବୁ କରି ମାଡ଼ ମାରି ଆହତ କରିବା ସହ ପୋଲିସ ଜିମା ଦେଇଛନ୍ତି। ପରେ ରାଜେଶଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଛି।

ଏ ସମ୍ପର୍କରେ ଭାରତୀଙ୍କ ଶ୍ୱଶୁର ସୁବଳ ଖଟୁଆ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯେ, ବୋହୂ ଭାରତୀ ସୁଭଦ୍ରା ଟଙ୍କା ଆସିଛିକି ନାହିଁ ଜାଣିବା ପାଇଁ ଚଟୁଆ ଗ୍ରାମ୍ୟବ୍ୟାଙ୍କକୁ ଆସିଥିଲେ। କିନ୍ତୁ ଖବର ପାଇଲେ ଯେ, କୌଣସି ବ୍ୟକ୍ତି ପାଟପୁର ନିକଟ ଷ୍ଟେଶନ ରାସ୍ତାରେ ତାଙ୍କୁ ହାଣି ଦେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (ନଂ.୨୯୯/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

## ଚୋରା ଖଣିଜ ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୧୧।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ନିକଟରୁ ପୋଲିସ ଏକ ଲୁହାପଥର ବୋଝେଇ ଟ୍ରକ୍ ଜବତ କରିଛି। ପୋଲିସ ଗାଡ଼ି ସହ ଲୁହାପଥର ଥାନାକୁ ଆଣି ତଦନ୍ତ କରୁଛି। ଜବତ ଲୁହପଥରର ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ରବିବାର ଭୋର ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ବାଂଶପାଣି ରେଳ ସାଇଡିଂରେ ଚଢ଼ାଉ କରିଥିଲା। ପୋଲିସ ଘଟଣାସ୍ଥଳରୁ ଲୁହାପଥର ବୋଝେଇ ଟ୍ରକ୍ (ନଂ. ଓଡି ୦୯ ଭି ୦୦୧୩)କୁ ଜବତ କରିଥିଲା। ଅନ୍ଧାରର ସୁଯୋଗ ନେଇ ଚୋରା ଖଣିଜ ବ୍ୟବସାୟୀ ସେଠାରୁ ଫେରାର ହୋଇଯାଇଥିଲେ। ଟ୍ରକ୍‌ରେ ପ୍ରାୟ ୩୦ ମେଟ୍ରିକ ଟନ୍ ଗୁଣ୍ଡ ଲୁହାପଥର ବୋଝେଇ ହୋଇଥିଲା, ଯାହାର ବଜାର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ଆକଳନ କରାଯାଇଛି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା (ନଂ.୨୧୫/୨୦୨୫)ରୁଜୁ ହୋଇଛି। ପ୍ରକାଶଯୋଗ୍ୟ, ଯୋଡ଼ା ଖଣି ମଣ୍ଡଳରେ ଚୋରା ଖଣି ଖନନ ଏବଂ ଚୋରା ଖଣିଜ ପରିବହନ ବହୁ ମାତ୍ରାରେ ବୃଦ୍ଧି ପାଇଛି। ଚୋରା ଖଣିଜ ଖନନ କାରବାର ନେଇ ଭିଜିଲାନ୍ସ ପକ୍ଷରୁ କୋଇଡ଼ା ଖଣି ମଣ୍ଡଳରେ ତଦନ୍ତ କରାଯାଉଛି। ତେଣୁ ଖଣିଜ ଚୋରା ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ଏବେ ଯୋଡ଼ା ଖଣି ମଣ୍ଡଳରେ ପଡ଼ିଛି। ଜଗୁଆଳି ନ ଥିବା, ଦାବିଦାର ନ ଥିବା ପ୍ରାୟ ୭୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଲୁହାପଥର ଓ ମାଙ୍ଗାନିଜ ପଥର ଯୋଡ଼ା ଖଣି ମଣ୍ଡଳର ବିଭିନ୍ନ ପରିତ୍ୟକ୍ତ ସ୍ଥାନରେ ପଡ଼ିରହିଛି। ଏହାକୁ ଖଣିଜ ଚୋରା ବ୍ୟବସାୟୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗକୁ ବୋହି ନେଇଯାଉଥିବା ଅଭିଯୋଗ ହେଉଛି।


ଜବତ ଖଣିଜ ବୋଝେଇ ଟ୍ରକ୍।

## ସିନ୍ ରିକ୍ରିଏଶନ କଲେ ଏସ୍‌ପି


### ଛାତ୍ରୀଙ୍କୁ ବଳାତ୍କାର ଘଟଣା

ଖଇରା(ଉତ୍କଳବନ୍ଧୁ ପଣ୍ଡା)/ ସିମୁଳିଆ(ସନ୍ତୋଷ ନାୟକ), ୧୧।୮

ବାଲେଶ୍ୱର ଜିଲା ସିମୁଳିଆ ଥାନା ଖଇରା ବ୍ଲକ ଅଧୀନ ଅନ୍ତରା କେନାଲ ନିକଟରେ ରବିବାର ଅପରାହ୍ନରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିଲା। ଏହି ଘଟଣାରେ ଗିରଫ ଅଭିଯୁକ୍ତଙ୍କୁ ସୋମବାର ଘଟଣାସ୍ଥଳକୁ ନେଇ ଏସ୍‌ପି ରାଜ ପ୍ରସାଦ ସିନ୍ ରିକ୍ରଏଶନ କରିଛନ୍ତି। ଅଭିଯୁକ୍ତ ପ୍ରଶାନ୍ତ ସାମଲ ଘଟଣାବେଳର ସମସ୍ତ ତଥ୍ୟ ପୋଲିସ ଆଗରେ ପ୍ରକାଶ କରିଥିଲେ। ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ସିମୁଳିଆ ଆଇଆଇସି ଶ୍ରବଣ କୁମାର ମହାରଣାଙ୍କ ସହ ସାଇଣ୍ଟିଫିକ ଏବଂ ଓଡ୍ରାଫ ଟିମ୍ ଏହି ସମୟରେ ଉପସ୍ଥିତ ଥିଲେ। ପୋଲିସ ତଦନ୍ତ ସମୟରେ ପାଣିରେ ଭାସୁଥିବା ଅଭିଯୁକ୍ତଙ୍କ ପ୍ୟାଣ୍ଟଶାର୍ଟକୁ ଉଦ୍ଧାର କରିଥିଲେ।

ଶାସକ ଦଳ ଘଟଣାକୁ ନେଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ବିରୋଧୀ ବିଜେଡି ଓ କଂଗ୍ରେସ ନାରୀ ସୁରକ୍ଷା ପ୍ରଶ୍ନ ଉଠାଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ହସ୍‌ପିଟାଲରେ ପୀଡିତାଙ୍କୁ ଭେଟିବା ସହ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ସେହିଭଳି ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଚିକିତ୍ସାଧୀନ ପୀଡିତାଙ୍କୁ ଭଦ୍ରକ ମେଡିକାଲରେ ଭେଟି ପରିବାରବର୍ଗଙ୍କୁ ଆଶ୍ୱାସନା ଦେଇଛନ୍ତି । ଅଭିଯୁକ୍ତଙ୍କୁ କଠୋରତମ ଦଣ୍ଡବିଧାନ, ପୀଡିତାଙ୍କୁ ଉତ୍ତମ ଚିକିତ୍ସା, ପୀଡିତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଲାଗି ଦାବି କରିଛନ୍ତି । ସେହିଭଳି କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ପୀଡିତାଙ୍କୁ ଭେଟିବା ପରେ ଓଡ଼ିଶାରେ ବାରମ୍ବାର ନାରୀ ନିର୍ଯାତନାକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।


ସିନ ରିକ୍ରିଏଶନ ପାଇଁ ଅଭିଯୁକ୍ତଙ୍କୁ ପୋଲିସ ଘଟଣାସ୍ଥଳକୁ ନେଉଛି ।

ଉଲ୍ଲେଖଯୋଗ୍ୟ, ରବିବାର ଅପରାହ୍ନରେ ନବମଶ୍ରେଣୀ ଛାତ୍ରୀ ଜଣକ ଟ୍ୟୁଶନରୁ ଫେରୁଥିବା ବେଳେ ଜେଲଫେରନ୍ତା ପ୍ରଶାନ୍ତ ବଳପୂର୍ବକ ଛାତ୍ରୀଙ୍କୁ ଅନ୍ତରା କେନାଲ ନିକଟସ୍ଥ ବୁଦା ଆଡୁଆଳକୁ ନେଇ ବଳାତ୍କାର କରି ପଳାଇ ଯାଉଥିବା ବେଳେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଗଛରେ ବାନ୍ଧି ନିର୍ଘୃମ ମାଡ଼ ମାରିବା ସହ ବାଇକ୍‌କୁ ପୋଡ଼ି ଦେଇଥିଲେ। ଗ୍ରାମବାସୀଙ୍କୁ ହସ୍ତାନ୍ତର ପରେ ସିମୁଳିଆ ପୋଲିସ ଏକ ମାମଲା(ନଂ. ୩୭୮/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।

# ସଚିବଙ୍କୁ ମୁଖ୍ୟ ସଚିବଙ୍କ ତାଗିଦ

## କେବେ ପୂରଣ ହେବ ମୁଖ୍ୟମନ୍ତ୍ରୀଙ୍କ ୩୧ ନିର୍ଦ୍ଦେଶନାମା

### ୭ ଦିନରେ ୩ ଚେତାବନୀ

ଭୁବନେଶ୍ୱର,୧୧।୮ (ରବିନାରାୟଣ ଜେନା)

୨୦୩୬ ମସିହା ସୁଦ୍ଧା ଓଡ଼ିଶା ଏକ ବିକଶିତ ରାଜ୍ୟରେ ପରିଗଣିତ ହେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାକୁ ପୂରଣ କରିବା ପାଇଁ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯିବା ସହିତ ଦିନରାତି ଉଦ୍ୟମ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବିକାଶ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୩ ମାସ ମଧ୍ୟରେ ୩୧ଟି ଦିଗ ଉପରେ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସ୍ୱାସ୍ଥ୍ୟଠାରୁ ଶିକ୍ଷା ପର୍ଯ୍ୟନ୍ତ, କେଉଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କେବେ ସୁଦ୍ଧା ଶେଷହେବ ସେନେଇ 'ସମୟସୀମା' ଧାର୍ଯ୍ୟ କରିଛନ୍ତି। ସଚିବଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ଆଶା ବହୁତ ଥିଲେ ହେଁ କେତେକ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ସରକାରୀ ତଥ୍ୟରୁ ପରିଲକ୍ଷିତ ହୋଇଛି। ଏହାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କିଭଳି ତ୍ୱରିତ ତଥା ନିର୍ଦ୍ଦିଷ୍ଟ ସମୟ ଭିତରେ କାର୍ଯ୍ୟାନ୍ୱୟନ ହେବ ତାକୁ ନେଇ ସପ୍ତାହକ ମଧ୍ୟରେ ସଚିବମାନଙ୍କୁ ୩ ଥର ଅବଗତ କରାଗଲାଣି। ମୁଖ୍ୟ ସଚିବଙ୍କ ଓଏସ୍‌ଡି କଲ୍ୟାଣ କୁମାର ରଥ ଚଳିତମାସ ୪ରେ ପତ୍ର ଲେଖି ଅବଗତ କରାଇଥିବାବେଳେ ୭ରେ ଯୋଜନା ଓ ସଂଯୋଜନ ବିଭାଗ ଓଏସ୍‌ଡି ଡି.କେ. ଜେନା ପତ୍ର ଲେଖି ଅବଗତ କରାଇଥିଲେ। ସେହିପରି ସୋମବାର ଓଏସ୍‌ଡି କଲ୍ୟାଣ କୁମାର ରଥ ବ୍ୟକ୍ତିଗତ ନୋଟ୍‌ସିଟ୍ ଲେଖି ପୁନଶ୍ଚ ସଚିବମାନଙ୍କୁ ଜଣାଇ ଦେଇଛନ୍ତି।

କଲ୍ୟାଣ କୁମାର ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ମଙ୍ଗଳବାର ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ହେଲେ ପୂର୍ବରୁ ବିଭାଗ ପକ୍ଷରୁ ୧୦ଟି ଦିଗ ଉପରେ ଆଲୋଚନା ପାଇଁ ଯେଉଁ ଅବଗତ କରାଯାଇଥିଲା, ଏବେ ତା'ର ସଂଶୋଧନ କରାଯାଇଛି। ମଙ୍ଗଳବାର ମାତ୍ର ୪ଟି ଦିଗ ଉପରେ ବିସ୍ତୃତ ଆଲୋଚନା ହେବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ ରହିଛି। ସେଥିମଧ୍ୟରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଦେଇଥିବା ନିର୍ଦ୍ଦେଶନାମା କେତେଦୂର ପାଳନ ହୋଇଛି ତାହା ଉପରେ ଦର୍ଶାଇବାକୁ ରହିଛି। ଏହାବାଦ୍ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାରେ '୫ମ ମୁଖ୍ୟ ଶାସନ ସଚିବସ୍ତରୀୟ ସମ୍ମିଳନୀ' ହେବାକୁଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବ। ଏହାସହ 'ମୁଖ୍ୟମନ୍ତ୍ରୀଙ୍କ ଡାସ୍‌ବୋର୍ଡ' ସମ୍ପର୍କିତ ଆଲୋଚନା ଏବଂ କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଉପରେ ମଧ୍ୟ ଆଲୋଚନା ହେବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୩ ମାସ ମଧ୍ୟରେ ପ୍ରଦାନ କରିଥିବା ୩୧ଟି ନିର୍ଦ୍ଦେଶନାମା ମଧ୍ୟରୁ ସ୍ୱାସ୍ଥ୍ୟ ବିଭାଗକୁ ସର୍ବାଧିକ ୮ଟି ନିର୍ଦ୍ଦେଶ ଦିଆଯାଇଛି। ସେଥିମଧ୍ୟରେ ଗୁଟ୍‌ଖା, ପାନମସଲା ଏବଂ ଅନ୍ୟାନ୍ୟ ମାଦକଦ୍ରବ୍ୟ ନିଷେଧ ଦିଗରେ ସ୍ୱତନ୍ତ୍ର ନିୟମ କିମ୍ବା ମାର୍ଗଦର୍ଶିକା କାର୍ଯ୍ୟକାରୀ କରିବାକୁ ମେ'୧୫ରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଜୁନ୍ ଦ୍ୱିତୀୟ ସପ୍ତାହ ସୁଦ୍ଧା ଗୃହ, ଆଇନ, ଖାଦ୍ୟଯୋଗାଣ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲା। ହେଲେ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ସେହିପରି ବିଭିନ୍ନ ସରକାରୀ ମେଡିକାଲ କଲେଜର ସମସ୍ୟା, ନୂତନ ମେଡିକାଲ କଲେଜର ନୂତନ ଖସଡ଼ା ପ୍ରସ୍ତୁତ ସହିତ ଯାଞ୍ଚ ପ୍ରକ୍ରିୟା, ସମସ୍ତ ଉପଖଣ୍ଡସ୍ତରୀୟ ହସ୍ପିଟାଲରେ ଫିଜିଓଥେରାପି ସେଣ୍ଟର ଖୋଲିବା ପ୍ରସଙ୍ଗ, ରୋଗୀଙ୍କୁ ତ୍ୱରିତ ଚିକିତ୍ସା ପ୍ରକ୍ରିୟାରେ ସରଳୀକରଣ, ଚିକିତ୍ସାରେ ଅତ୍ୟାଧୁନିକ ବୈଷୟିକ ପଦ୍ଧତି ପ୍ରଣୟନ, ଏମ୍‌କେସିଜି ମେଡିକାଲ ସମସ୍ୟା, ସରକାରୀ ଡାକ୍ତରଖାନାରେ 'ଡିଡିଆର୍ ଏବଂ ଡିଏକ୍ସଏ' ଯନ୍ତ୍ରାଂଶ ବ୍ୟବସ୍ଥା ପ୍ରଭୃତି ରହିଥିଲା। ହେଲେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅବଧି ପୂରଣ ହୋଇଥିଲେ ହେଁ ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇ ନ ଥିବା ଜଣାପଡ଼ିଛି। ସେହିପରି ନିର୍ମାଣ, ସାଧାରଣ ପ୍ରଶାସନ, ନଗର ଉନ୍ନୟନ, ଅବକାରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି, ଉଚ୍ଚଶିକ୍ଷା, ଶିଳ୍ପ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା ବ୍ୟକ୍ତିଗତ ନୋଟ୍‌ସିଟ୍ ସଂକ୍ରାନ୍ତରେ କୌଣସି ତଥ୍ୟ ସରକାରଙ୍କ ହସ୍ତଗତ ହୋଇ ନ ଥିବା ଓଏସ୍‌ଡିଙ୍କ ପତ୍ରରୁ ଜଣାଯାଇଛି।

# ସାଙ୍ଗଙ୍କ ସହ ଟ୍ରାଫିକ କନ୍‌ଷ୍ଟେବଲ ମୃତ

## ବାଇକ୍-ପିକ୍‌ଅପ୍ ଭ୍ୟାନ ଧକ୍କା



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ବ୍ରହ୍ମପୁର,୧୧।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର-ଦିଗପହଣ୍ଡି ରାସ୍ତାର ନାରାୟଣପୁର ଛକ ନିକଟରେ ସୋମବାର ପୂର୍ବାହ୍ନରେ ଏକ ବାଇକ୍ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ମାନେ ହେଲେ ବ୍ରହ୍ମପୁର ଟ୍ରାଫିକ ଥାନାରେ କାର୍ଯ୍ୟରତ କନ୍‌ଷ୍ଟେବଲ ତଥା ବ୍ରହ୍ମପୁର ସହରରେ ରହୁଥିବା ଗଜପତି ଜିଲା ରାୟଗଡ ବ୍ଲକ ନାରଣପୁରର ଅନିଲ ନାୟକ(୩୪) ଓ ତାଙ୍କ ସାଙ୍ଗ ବ୍ରହ୍ମପୁର ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ନୀଳକଣ୍ଠନଗରର ସେଖ୍ ରହିମ୍ (୪୦)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଛି।

ପ୍ରକାଶ ଯେ, କନ୍‌ଷ୍ଟେବଲ ଅନିଲ ରବିବାର ରାତିରେ ନିଜ ଡ୍ୟୁଟି ସାରିବା ପରେ ସାଙ୍ଗ ରହିମ୍‌ଙ୍କ ସହ ନିଜ ଗ୍ରାମକୁ ଯାଇଥିଲେ। ସୋମବାର ଏକ ପଲ୍‌ସର ବାଇକ୍ ଯୋଗେ ସେମାନେ ବ୍ରହ୍ମପୁର ଫେରୁଥିଲେ। ପୂର୍ବାହ୍ନ ୧୧ଟାରେ ଉଭୟ ନାରାୟଣପୁର ଛକ ଅତିକ୍ରମ କରୁଥିବା ବେଳେ ବ୍ରହ୍ମପୁରର ଦିଗପହଣ୍ଡି ଆଡକୁ ଯାଉଥିବା ପିକ୍‌ଅପ୍ ଭ୍ୟାନ ସହ ମୁହାଁମୁହିଁ ଧକ୍କା ହେବାରୁ ଉଭୟେ ରାସ୍ତାରେ ଛିଟିକି ପଡିଥିଲେ। କନଷ୍ଟେବଳ ଅନିଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ରହିମ୍‌ଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଓ ଏମକେସିଜି ମେଡିକାଲରେ ପହଞ୍ଚି ୨ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏ ନେଇ ନଂ. ୩୫୯/୨୫ରେ ମାମଲା ରୁଜୁ ହୋଇଛି। ପିକ୍‌ଅପ ଚାଳକ ଫେରାର ହୋଇଯାଇଥିବା ପୋଲିସ କହିଛି। ମୃତ ଅନିଲଙ୍କ ସ୍ତ୍ରୀ ମଧ୍ୟ ଟ୍ରାଫିକ ଥାନାରେ କନ୍‌ଷ୍ଟେବଲ୍ ଭାବେ କାର୍ଯ୍ୟ କରୁଥିବା ସୂଚନା ମିଳିଛି।

# ଦାୟିତ୍ୱ ନେଲେ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି



ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି।

ଭୁବନେଶ୍ୱର,୧୧।୮ (ସୁଚିସ୍ମିତା ସାହୁ)

ରାଜ୍ୟରେ ନୂଆ ମହିଳା ଆୟୋଗ ଅଧ୍ୟକ୍ଷା ଭାବେ ଶୋଭନା ମହାନ୍ତି ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଶୋଭନା କାର୍ଯ୍ୟାଳୟରେ ପହଞ୍ଚିବା ପରେ ଆୟୋଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ଅବସରରେ ସେ କହିଛନ୍ତି, ସମାଜରେ ମହିଳାଙ୍କ ସହ ବିଭିନ୍ନ ପ୍ରକାର ଘଟଣା, ଦୁର୍ଘଟଣା ଘଟିଯାଉଛି। ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ରୋକିବାକୁ ପ୍ରାଧାନ୍ୟ ଦିଆଯିବ। ମହିଳାଙ୍କ ସୁରକ୍ଷା ପାଇଁ ସମସ୍ତ ଆଇନକୁ ଠିକ ଭାବେ କାର୍ଯ୍ୟକାରୀ କରାଯିବ। ସମସ୍ତ ଘଟଣାର ତଦନ୍ତ କରି ଦୋଷୀକୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଦୋଷୀକୁ ଦଣ୍ଡ ଦେବା ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି। ସମସ୍ତ ଆଇନଗତ ନିୟମକୁ ଅନୁଧ୍ୟାନ କରିବା ସହିତ କିଭଳି ନ୍ୟାୟ ପ୍ରଦାନ କରାଯାଇପାରିବ ସେଥିପ୍ରତି ଅଧିକ ଧ୍ୟାନ ଦେବି ବୋଲି ମହିଳା ଆୟୋଗ ଅଧ୍ୟକ୍ଷା କହିଛନ୍ତି।

# ଟ୍ରେଣ୍ଡ୍ କରୁଛି ଦିଭିତା ଜୁନେଜାଙ୍କ 'ଆଇ ଲଭ୍ ମାଇ ଇଣ୍ଡିଆ'

ଭୁବନେଶ୍ୱର,୧୧।୮ (ଅନୁରାଧା ମହାରଣା)




ଚଳଚ୍ଚିତ୍ର 'ହୀର ଏକ୍ସପ୍ରେସ'ର ଗୀତ 'ଆଇ ଲଭ୍ ମାଇ ଇଣ୍ଡିଆ'ର ପୋଷ୍ଟର।

ସେପ୍ଟେମ୍ବର ୧୨ରେ ମୁକ୍ତିଲାଭ କରିବାକୁ ଥିବା ଚଳଚ୍ଚିତ୍ର 'ହୀର ଏକ୍ସପ୍ରେସ'। ଏହାର ଏକ ଗୀତ 'ଆଇ ଲଭ୍ ମାଇ ଇଣ୍ଡିଆ' ଜୀ ମ୍ୟୁଜିକ କମ୍ପାନୀ ପକ୍ଷରୁ ରିଲିଜ ହୋଇଛି। ଏହି ଗୀତରେ ଭାରତୀୟଙ୍କ ମାତୃଭୂମି ପ୍ରତି ଗଭୀର ପ୍ରେମ ଓ ସଂଯୋଗକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। କଣ୍ଠଶିଳ୍ପୀ ଜାଭେଦ ଅଲୀ ଓ ନିଖିତା ଗାନ୍ଧୀ ଏଥିରେ କଣ୍ଠଦାନ କରିଛନ୍ତି। ତନିଷ୍କ ବାଗଚୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହିଗୀତର ମୁଖ୍ୟ ଆକର୍ଷଣ ହେଉଛନ୍ତି ଚଳଚ୍ଚିତ୍ରର ମୁଖ୍ୟ ଅଭିନେତ୍ରୀ ଦିଭିତା ଜୁନେଜା। ତାଙ୍କ ଚରିତ୍ର 'ହୀର'କୁ ଦର୍ଶକଙ୍କ ସହ ଭାବନାତ୍ମକ ଭାବେ ସଂଯୋଗ କରିଛି। ଗୀତଟି ଲଣ୍ଡନର ଆଇକନିକ ସ୍ଥାନଗୁଡ଼ିକରେ ଶୁଟ୍ କରାଯାଇଛି। ନୃତ୍ୟ ନିର୍ଦ୍ଦେଶକ ଆଦିଲ ଶେଖ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଗୀତରେ ପ୍ରୀତ କାମାନୀ, ଆଶୁତୋଷ ରାଣା, ଗୁଲଶନ ଗ୍ରୋଭର, ସଞ୍ଜୟ ମିଶ୍ର, ମେଘନା ମଲ୍ଲିକ ଏବଂ ଅନ୍ତର୍ଜାତୀୟ ସ୍ତରର ଅଭିନେତା ସାରା ଲକେଟ, ଶାର୍ଲୋଟ ହାଜେଲବାଇ, ଲେଟନ ବେଷ୍ଟା ଓ ବେନ ୱାଲଟନ ଜୋନ୍ସ ଅଭିନୟ କରିଛନ୍ତି। ପୂର୍ବରୁ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ରର ଆଉଏକ ଗୀତ 'ଭେ ରାଞ୍ଝନା' ଓ 'ଡୋରେ ଡୋରେ ଦିଲ୍ ପେ ତେରେ' ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରିଥିବାବେଳେ ଏବେ 'ଆଇ ଲଭ୍ ମାଇ ଇଣ୍ଡିଆ' ଗୀତର ଭିଡିଓ ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ୍ ଓ ଶର୍ଟ ଭିଡିଓ ପ୍ଲାଟ୍‌ଫର୍ମରେ ଦେଶଭକ୍ତିର ବାର୍ତ୍ତା ବାଣ୍ଟୁଛି। ଉମେଶ ଶୁକ୍ଲାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ହୀର ଏକ୍ସପ୍ରେସ' ଦର୍ଶକଙ୍କ ଖୁବ୍ ମନୋରଞ୍ଜନ କରିବ ବୋଲି ଆଶା କରାଯାଉଛି।



୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ସୋମବାରଠାରୁ ଆରମ୍ଭ ହୋଇଥିବା ଅଭ୍ୟାସ ପରେଡ଼। (ଫଟୋ- ବିକାଶ ନାୟକ)

# ବାପାଝିଅଙ୍କ ମୃତ୍ୟୁ, ମା' ଗୁରୁତର

## ସ୍କୁଟିକୁ ଧକ୍କାଦେଇ ଘୋଷାରି ନେଲା ଟ୍ରକ୍

ବଡ଼ବିଲ,୧୧।୮ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅନ୍ତର୍ଗତ ଏନ୍‌ଏଚ୍ ୫୨୦ର ତୋପାଡ଼ିହିଠାରେ ଏକ ଅଜଣା ଟ୍ରକ୍ ଏକ ସ୍କୁଟିକୁ ଧକ୍କା ଦେଇ ଘୋଷାରି ନେଇଛି। ଦୁର୍ଘଟଣାରେ ବାପା, ଝିଅଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ ରୁଗୁଡ଼ି ଥାନା ଅନ୍ତର୍ଗତ ଲୋଇଡ଼ାପଦା ଅଞ୍ଚଳର ଦିଲୀପ ସିଙ୍କୁ ଓ ତାଙ୍କ ଦୁଇବର୍ଷର ଝିଅ ଯସ୍ମିନ। ଗୁରୁତର ହେଲେ ତୁଳସୀ ସିଙ୍କୁ। ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୭ଟାରେ ଦିଲୀପ ଏକ ସ୍କୁଟି ଯୋଗେ ସ୍ତ୍ରୀ ତୁଳସୀ ଓ ଝିଅ ଯସ୍ମିନଙ୍କୁ ନେଇ ଗୁଆଲିରୁ ଲୋଇଡ଼ାପଦା ଅଭିମୁଖେ ଆସୁଥିଲେ। ତୋପାଡ଼ିହି ଛକ ନିକଟରେ ଏକ ଟ୍ରକ ତାଙ୍କ ସ୍କୁଟିକୁ ପଛପଟୁ ଧକ୍କା ଦେଇ ଘୋଷାରି ନେଇଥିଲା। ଫଳରେ ୩ଜଣଯାକ ରାସ୍ତାରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ବାପା ଦିଲୀପ ଓ ଝିଅ ଯସ୍ମିନଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍ ନେଇ ଚାଳକ ଫେରାର ହୋଇଯାଇଥିଲେ। ଖବର ପାଇ ରୁଗୁଡ଼ି ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ତୁଳସୀଙ୍କୁ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ତଦନ୍ତ କରୁଛି।

# ଭୋଟ୍ ଅସଙ୍ଗତି ନେଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବୁ : ବିଜେଡି

ଭୁବନେଶ୍ୱର, ୧୧।୮ (ସୁନିତ୍ ମିଶ୍ର)

୮ ମାସ ତଳେ ବିଜେଡି ପକ୍ଷରୁ ଗତ ନିର୍ବାଚନରେ ପରିଲକ୍ଷିତ ଭୋଟ ଅସଙ୍ଗତିକୁ ନେଇ ନିର୍ବାଚନ କମିଶନରଙ୍କ ନିକଟରେ ତଥ୍ୟ ପ୍ରଦାନ କରାଯାଇ ଉତ୍ତର ମଗାଯାଇଥିଲା। ଯାହାର ସନ୍ତୋଷଜନକ ଉତ୍ତର ଏପର୍ଯ୍ୟନ୍ତ ମିଳିନାହିଁ। ତେଣୁ ବିଜେଡି ଏହି ମାମଲାକୁ ନେଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ପୂର୍ବତନ ଏମ୍‌ପି ଅମର ପଟ୍ଟନାୟକ କହିଛନ୍ତି।

ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅମର ପଟ୍ଟନାୟକ କହିଛନ୍ତି, ଗତ ନିର୍ବାଚନରେ ଭୋଟ୍ ଶେଷ ହେବା ପରେ ନିର୍ବାଚନ କମିଶନରଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟକୁ ଅନୁଶୀଳନ କରିବା ପରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଥିଲା। ଗୋଟିଏ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ବିଜେଡି ତରଫରୁ ନିର୍ବାଚନ କମିଶନରଙ୍କୁ ଏ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ଏହି ତାରତମ୍ୟ ମୁଖ୍ୟତଃ ତିନୋଟି ବିନ୍ଦୁରେ କେନ୍ଦ୍ରିତ ଥିଲା। ପ୍ରଥମଟି ରାଜ୍ୟର ସବୁ ସଂସଦ କ୍ଷେତ୍ରରେ ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ଭୋଟ୍ ସଂଖ୍ୟା ଅଧିକ ଥିଲା। ଦ୍ୱିତୀୟଟି ହେଉଛି ସଂସଦ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ପ୍ରଭେଦ ଥିଲା। ନିର୍ବାଚନ ସମୟ ଶେଷ ହୋଇଯିବା ପରେ ଭୋଟ ପଡିବା ସଂଖ୍ୟା ପ୍ରାୟ ୭ରୁ ୩୦% ପର୍ଯ୍ୟନ୍ତ ରହିଥିଲା। ୫୦% ବିଧାନସଭା ଆସନରେ ଏହି ତାରତମ୍ୟ ୧୫ରୁ ୩୦% ପର୍ଯ୍ୟନ୍ତ ରହିଥିଲା। ୨୦୨୪ ଡିସେମ୍ବର ୧୯ରେ ବିଜେଡି ତରଫରୁ ଏହି ସମ୍ବନ୍ଧରେ ଅଭିଯୋଗ ଦାଖଲ କରାଯାଇ, ଏହାର ଉତ୍ତର ରଖିବାକୁ ଅନୁରୋଧ କରାଯାଇଥିଲା। ନିୟମ ଅନୁଯାୟୀ ନିର୍ବାଚନ ପରେ ଫର୍ମ ୧୭ସି କମିଶନଙ୍କ ଦ୍ୱାରା ପ୍ରଦାନ କରାଯିବା କଥା, କିନ୍ତୁ ତାହା ଦିଆଯାଇନାହିଁ। ନିର୍ବାଚନ କମିଶନ ଆମର ବିଭିନ୍ନ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି। ନିକଟରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇବା ପରେ ରାଜ୍ୟରେ କଂଗ୍ରେସ ମଧ୍ୟ ପ୍ରଶ୍ନ କରିଛି। ହେଲେ ଏହାର ବହୁ ପୂର୍ବରୁ ବିଜେଡି ଏହି ପ୍ରସଙ୍ଗ ଉଠାଇଥିଲା ବୋଲି ଅମର କହିଛନ୍ତି।

# ରାଜ୍ୟରେ ଶିଶୁ ସୁରକ୍ଷାକୁ ଅଧିକ ଧ୍ୟାନ ଦିଆଯିବ: ବବିତା

## ଓଏସ୍‌ସିପିସିଆର୍ ଅଧ୍ୟକ୍ଷା, ୪ ସଦସ୍ୟ ଦାୟିତ୍ୱ ନେଲେ

ଭୁବନେଶ୍ୱର,୧୧।୮ (ସୁଚିସ୍ମିତା ସାହୁ)

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଅଧ୍ୟକ୍ଷା ଭାବେ ବବିତା ପାତ୍ର ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ସହିତ ଆୟୋଗର ୪ ସଦସ୍ୟ କାର୍ଯ୍ୟରେ ଯୋଗଦେଇଛନ୍ତି। ସେମାନେ ହେଲେ କଳ୍ପନା ଲେଙ୍କା, ଚନ୍ଦନା ଦାଶ, ମନସ୍ମିତା ଖୁଣ୍ଟିଆ ଓ ସୁଜାତା ନାୟକ। ତେବେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ବବିତା କହିଛନ୍ତି, ରାଜ୍ୟରେ ଶିଶୁମାନଙ୍କ ସୁରକ୍ଷାକୁ ଅଧିକ ଧ୍ୟାନ ଦିଆଯିବ। ଶିଶୁ ଶ୍ରମିକ, ଶିଶୁ ଚାଲାଣ, ଶିଶୁ ବିକ୍ରି ଭଳି ଘଟଣାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଚେଷ୍ଟା କରାଯିବ। ଶିଶୁଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଆୟୋଗ ପକ୍ଷରୁ ଅଧିକ ଧ୍ୟାନ ଦିଆଯିବ। ଅଭିଭାବକମାନଙ୍କୁ ସଚେତନ କରାଯିବ। ଶିଶୁଙ୍କ ବିକାଶ ପାଇଁ ବିଗତ ମାମଲାକୁ ଅନୁଧ୍ୟାନ କରି ସ୍ୱତନ୍ତ୍ର ରୋଡ ମ୍ୟାପ୍ ପ୍ରସ୍ତୁତ କରିବି ବୋଲି ବବିତା କହିଛନ୍ତି।

# କଂଗ୍ରେସ ଗଠନକଲା ୩ ତଥ୍ୟାନୁଧ୍ୟାନ କମିଟି

## ନବରଙ୍ଗପୁର, ବାଲେଶ୍ୱର, ବରଗଡ଼ରେ ଛାତ୍ରୀ ନିର୍ଯାତନା

ଭୁବନେଶ୍ୱର,୧୧।୮ (ରବିନାରାୟଣ ଜେନା)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ନର୍ସିଂ ଛାତ୍ରୀଙ୍କ ମୃତ୍ୟୁ, ବାଲେଶ୍ୱର ଖଇରା ବ୍ଲକରେ ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଓ ବରଗଡ଼ର ଫିରିଙ୍ଗିମାଲରେ ୮ମ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ପୋଡ଼ି ଭଳି ୩ଟି ସମ୍ବେଦନଶୀଳ ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ପ୍ରସଙ୍ଗ ଏବେ ଅସହ୍ୟ ହେଲାଣି। ସ୍ଥିତି ଏପରି ହେଲାଣି ଯେ, ଦୈନନ୍ଦିନ ଛାତ୍ରୀ ବଳାତ୍କାର ଓ ପୋଡ଼ି ଘଟଣା ସାମ୍ନାକୁ ଆସୁଛି। କଂଗ୍ରେସ ପକ୍ଷରୁ ଖୋଲାଯାଇଥିବା ମହିଳା ପ୍ରକୋଷ୍ଠ ବିଭିନ୍ନ ମାମଲା ଯାଞ୍ଚ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏହି କ୍ରମରେ କଂଗ୍ରେସ ପକ୍ଷରୁ ସୋମବାର ନବରଙ୍ଗପୁର, ବାଲେଶ୍ୱର ଓ ବରଗଡ଼ରେ ଘଟିଥିବା ଲୋମଟାଙ୍କୁରା ଘଟଣାକୁ ନେଇ ୩ଟି ତଥ୍ୟାନୁସନ୍ଧାନ କମିଟି ଗଠନ କରାଯାଇଛି।

ନବରଙ୍ଗପୁରରେ ନର୍ସିଂଛାତ୍ରୀଙ୍କ ନିର୍ଯାତନାଜନିତ ଆତ୍ମହତ୍ୟା ଉଦ୍ୟମ ଏବଂ ଦୀର୍ଘ ୧୪ ଦିନ ଧରି ଜୀବନ ସହ ସଂଗ୍ରାମ ପରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ତାଙ୍କର ମୃତ୍ୟୁ ହୋଇଛି। ଏହି ଦୁଃଖଦ ଘଟଣାର ଅନୁଧ୍ୟାନ ପାଇଁ ମନୋରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। ସେଥିରେ ସନରାଜ ଗଣ୍ଡ, ଲିପିକା ମାଝୀ, ହାରାବତୀ ଗଣ୍ଡ, ମନଷା ତ୍ରିପାଠୀ, ଅଖିଳ ସାଉନ୍ତା ଓ କ୍ଷମରାଜ ବାଗ ସଭ୍ୟ ରହିଛନ୍ତି। ଉକ୍ତ କମିଟି ଘଟଣାସ୍ଥଳକୁ ତୁରନ୍ତ ଗସ୍ତକରି ପୀଡ଼ିତାଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

ସେହିପରି ବାଲେଶ୍ୱର ଖଇରା ବ୍ଲକରେ ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ଗତ ୧୦ ତାରିଖରେ ଅନ୍ତରା ଅଞ୍ଚଳର ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ଆସିଛି। ଏହି ଘଟଣାର ଅନୁଧ୍ୟାନ କରିବା ପାଇଁ ବନ୍ଦିତା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। ଉକ୍ତ କମିଟିରେ ମଧୁସ୍ମିତା ସେଠୀ, ଅମିତା ବିଶ୍ୱାଳ, ନିରୁପମା ପାତ୍ର, ବାସନ୍ତୀ ସାମଲ, ଶ୍ରେୟା ମହାନ୍ତି, ସହିୟତା ପରୱିନ, ଜୟଶ୍ରୀ ପଟ୍ଟନାୟକ, କନକଲତା ମଲ୍ଲିକ ସଭ୍ୟା ଭାବେ ରହିଛନ୍ତି। ଅନ୍ୟପକ୍ଷେ ବରଗଡ଼ ଫିରିଙ୍ଗିମାଲ ଅଞ୍ଚଳରେ ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ପୋଡ଼ି ଏବଂ ବୁର୍ଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟଣାର ଅନୁଧ୍ୟାନ କରିବା ପାଇଁ ହମିଦ୍ ହୁସେନ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। ସେଥିରେ ଜିଲା ସଂଯୋଜକ ହରଦୀପ ସିଂ, ନିପନ୍ ଦାସ, ଅନନ୍ତ ପାଢ଼ୀ, କିଶୋର ଦଫାଦାର, ଅଭିଶେଷ ସେଠ୍, ସୁନୀତା ବାଗ୍, ନୀଳିମା ଅଗ୍ରୱାଲା, ସୁଧାରାଣୀ ସାହୁ, ରବି ପଣ୍ଡା ଓ କିଶୋର ସାହୁ ସଭ୍ୟ ରହିଛନ୍ତି।

# ଫଟୋ ଭାଇରାଲ୍ ପରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା

# ନ୍ୟାୟ ଦାବିରେ ରାଇଘର ୧୨ ଘଣ୍ଟା ବନ୍ଦ

## ପ୍ରଶାସନର ପ୍ରତିଶ୍ରୁତି ପରେ ସନ୍ଧ୍ୟାରେ ହେଲା ମୃତଦେହ ସତ୍କାର

ରାଇଘର/ଉମରକୋଟ, ୧୧।୮ (କିରଣ ପଟ୍ଟନାୟକ/ସନ୍ତୋଷ ଶତପଥୀ)



ଧାରଣାରେ ବସିଥିବା ମୃତକଙ୍କ ପରିବାର, ଗ୍ରାମବାସୀ, ବିଜେଡି ଓ କଂଗ୍ରେସ ନେତାଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଫଟୋ ଭାଇରାଲ ପରେ ବିଷପାନକରି ଆତ୍ମହତ୍ୟା ଉଦ୍ୟମ କରିଥିବା ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ଅଞ୍ଚଳର ଜଣେ ଯୁବତୀଙ୍କର ଭୁବନେଶ୍ୱର ଏମ୍ସରେ ଶନିବାର ଅପରାହ୍ନରେ ମୃତ୍ୟୁ ହୋଇଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ ମୃତଦେହ ଧରି ସୋମବାର ଭୋରରୁ ରାଇଘରରେ ପହଞ୍ଚିଥିଲେ। ପୂର୍ବରୁ ପୀଡ଼ିତାଙ୍କୁ ନ୍ୟାୟ ଓ ତାଙ୍କ ପରିବାରକୁ କ୍ଷତିପୂରଣ ଦାବିକରି ବିଜେଡି ପକ୍ଷରୁ ସୋମବାର ୧୨ ଘଣ୍ଟିଆ ରାଇଘର ବନ୍ଦ ଡାକରା ଦିଆଯାଇଥିଲା। ସୋମବାର ସକାଳୁ ରାଇଘରଠାରେ ସବୁ ଦୋକାନ, ବଜାର ଶିକ୍ଷାନୁଷ୍ଠାନ ଆଦି ବନ୍ଦ ଥିଲା। ଜରୁରିକାଳୀନ ସେବାକୁ ଛାଡ଼ି ବାକି ସବୁ ବନ୍ଦ ରହିଥିଲା। ମୃତଦେହ ରାଇଘରରେ ପହଞ୍ଚିବା ପରେ ବିଜେଡି, କଂଗ୍ରେସ ନେତା, ପୀଡ଼ିତାଙ୍କ ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀ ମୃତଦେହ ରଖି ଧାରଣାରେ ବସିଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ ୧କୋଟି ଟଙ୍କାର କ୍ଷତି ପୂରଣ, ଯେଉଁ ଯୁବକ ସୋସିଆଲ ମିଡିଆରେ ଫଟୋ ଭାଇରଲ କରିବାରେ ସହାୟତା କରିଥିଲେ ତାଙ୍କୁ ଗିରଫ ନ କରିବା ଯାଏ ମୃତଦେହ ସତ୍କାର କରାଯିବ ନାହିଁ ବୋଲି ଆନ୍ଦୋଳନକାରୀମାନେ ଦାବି ରଖିଥିଲେ। ଘଟଣାସ୍ଥଳରେ ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଅତିରିକ୍ତ ଏସ୍‌ପି ଆସିତ୍ୟ ସେନ, ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର, ରାଇଘର ତହସିଲଦାର ରିତୁ ସିଂ, ଉମରକୋଟ ତହସିଲଦାର ମେଘବାନ ବାଗ ପ୍ରମୁଖ ପହଞ୍ଚି ବିଜେଡି ନେତା ପ୍ରଦୀପ ମାଝୀ, ରାଇଘର ବ୍ଲକ୍ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର, କଂଗ୍ରେସ ନେତା ମୁନା ତ୍ରିପାଠୀ, ମୃତକଙ୍କ ପରିବାର ସହ ଆଲୋଚନା କରିଥିଲେ। ପୀଡ଼ିତାଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ୧ ଲକ୍ଷ ଟଙ୍କା ଦେବେ। ପୀଡ଼ିତାଙ୍କ ପରିବାର ପାଇଁ ଏକ ଆବାସ ଗୃହ, ତାଙ୍କ ଭାଇଙ୍କୁ ନିୟନ୍ତ୍ରିତ ବଜାର କମିଟିରେ ଏକ ଅସ୍ଥାୟୀ ଚାକିରି ଦିଆଯିବା ନେଇ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଦିଆଯାଇଛି। ଅପରାହ୍ନରେ ପ୍ରବଳ ବର୍ଷା ହେଉଥିବାରୁ ମୃତଦେହ ଗଳିତ ହେବା ଆଶଙ୍କାକରି ପ୍ରଶାସନ ଦେଇଥିବା ଅନୁକମ୍ପା ରାଶି ଓ ପ୍ରତିଶ୍ରୁତିରେ ପରିବାର ଲୋକେ ରାଜି ହୋଇଥିଲେ। ଏହାପରେ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି। ସତ୍କାର ପୂର୍ବରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶନିବାର ପୀଡ଼ିତାଙ୍କ ମୃତ୍ୟୁ ହୋଇଥିବାବେଳେ ସୋମବାର ମୃତଦେହ ସତ୍କାର କରାଯାଇଛି। ଦୀର୍ଘ ସମୟ ଅପେକ୍ଷାର ଅନ୍ତ ଘଟିଲା। କିନ୍ତୁ ଅନ୍ୟ ଜିଲାର ପୀଡ଼ିତାଙ୍କ ଭଳି ଏହି ପୀଡ଼ିତାଙ୍କୁ କିଛି ଦିଆଗଲା ନାହିଁ ବୋଲି ବରିଷ୍ଠ କଂଗ୍ରେସ ନେତା ମୁନା ତ୍ରିପାଠୀ କହିଛନ୍ତି।

ପ୍ରକାଶ ଯେ, ରାଇଘର ଅଞ୍ଚଳର ପୀଡ଼ିତା କୋରାପୁଟ ଜିଲା ଜୟପୁରର ଏକ କଲେଜରେ ବିଏସ୍‌ସି ନର୍ସିଂ ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ। ତାଙ୍କୁ ପଡ଼ୋଶୀ ଗ୍ରାମର ସତ୍ୟଜିତ ସରକାର ଏକତରଫା ପ୍ରେମ କରୁଥିଲେ। ପୀଡ଼ିତା ତାଙ୍କ ପ୍ରେମ ନିବେଦନ ଗ୍ରହଣ ନ କରିବାରୁ ସେ ୧୩ ଜୁଲାଇରେ ଜୟପୁର ସହରରେ ଛାତ୍ରୀଙ୍କୁ ମାରପିଟ କରିଥିଲେ। ସେ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ କିଛି ଫଟୋ, ଭିଡିଓ ଭାଇରାଲ କରିଥିଲେ। ପୀଡ଼ିତା ଲୋକଲଜ୍ଜା ସହି ନ ପାରି ୧୭ ଜୁଲାଇରେ ଘରେ ଥିବା ଘାସମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ୨୪ ତାରିଖରେ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ସତ୍ୟଜିତଙ୍କୁ ରାଇଘର ପୋଲିସ ଦଶପଲ୍ଲାରୁ ଓ ମୃତ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଜୟପୁରରୁ ଗିରଫ କରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ


ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩୫ ଲକ୍ଷ ଚାଷୀଙ୍କ ଖାତାକୁ ୩,୯୦୦ କୋଟିର ବୀମା ଦାବି ପ୍ରଦାନ

ଭୁବନେଶ୍ୱର,୧୧।୮(ଅନୁରାଧା ମହାରଣା

ରାଜସ୍ଥାନ ଝୁଞ୍ଝୁନୁରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା ଝୁଞ୍ଝୁନୁ, ରାଜସ୍ଥାନରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଅଧୀନରେ ପ୍ରଥମ କିସ୍ତି ଭାବେ ୩,୯୦୦ କୋଟି ଟଙ୍କାରୁ ଅଧିକ ଟଙ୍କା ଦେଶର ୩୫ ଲକ୍ଷରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର (ଡିବିଟି) ମାଧ୍ୟମରେ ହସ୍ତାନ୍ତର କରିଛନ୍ତି। ଏଥିରୁ ରାଜସ୍ଥାନ ପାଇଁ ୧,୧୨୬ କୋଟି ଟଙ୍କା ବଣ୍ଟନ ହୋଇଛି, ଯାହା ୯.୭୦ ଲକ୍ଷରୁ ଅଧିକ ଚାଷୀଙ୍କୁ ଉପକୃତ କରିଛି। ଏହି କାର୍ଯ୍ୟକ୍ରମରେ ଝୁଞ୍ଝୁନୁ, ସିକାର, ଜୟପୁର ଓ କୋଟପୁଟଲି-ବେହରୋର ଆଦି ଜିଲାରୁ ପ୍ରାୟ ୩୫,୦୦୦ ଚାଷୀ ଉପସ୍ଥିତ ଥିଲେ ଏବଂ ୨୩ଟି ରାଜ୍ୟରୁ ଲକ୍ଷ ଲକ୍ଷ ଚାଷୀ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି କାର୍ଯ୍ୟକ୍ରମର



ଅଧ୍ୟକ୍ଷତା କରିଥିବା ବେଳେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହା ସହ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ଭାଗୀରଥି ଚୌଧାରୀ, ରାଜସ୍ଥାନ କୃଷି ମନ୍ତ୍ରୀ ଡ. କିରୋଡି ଲାଲ ମୀନା, କୃଷି ସଚିବ ଦେବେଶ ଚତୁର୍ବେଦୀ, ପିଏମଏଫବିୱାଇ ସିଇଓ ମୁକ୍ତାନନ୍ଦ ଅଗ୍ରୱାଲ ଓ ବରିଷ୍ଠ ଅଧିକାରୀ ତଥା ଚାଷୀ ନେତାମାନେ ଉପସ୍ଥିତ ଥିଲେ। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଏବେ ଗାଁରେ ଜଣେ ଚାଷୀଙ୍କ ଫସଲ ନଷ୍ଟ ହେଲେ ମଧ୍ୟ ସେ ସହାୟତା ପାଇବେ। କିଷାନ ସମ୍ମାନ ନିଧି ଅଧୀନରେ ପ୍ରାୟ ୪ ଲକ୍ଷ କୋଟି ଟଙ୍କା ବଣ୍ଟନ ହୋଇଛି। ଚାଷୀମାନେ ୫୦% ଲାଭ ସହ ନ୍ୟୁନତମ ସମର୍ଥନ ମୂଲ୍ୟ (ଏମଏସପି) ପାଇବେ। ଯେତେ ଅଧିକ ଉତ୍ପାଦନ କରିବେ କେନ୍ଦ୍ର ସରକାର ଓ ରାଜସ୍ଥାନ ସରକାର ତାହା କିଣିବେ। ପନିପରିବା ଉତ୍ପାଦନ କରି ଦିଲ୍ଲୀ କିମ୍ବା ଜୟପୁର ଆଣିଲେ ସରକାର ପରିବହନ ଖର୍ଚ୍ଚ ବହନ କରିବେ ବୋଲି ସେ କହିଛନ୍ତି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା କହିଛନ୍ତି, ଚାଷୀମାନେ ଏବେ ଉଚିତ ମୂଲ୍ୟ, ବୋନସ ଓ କିଷାନ ସମ୍ମାନ ନିଧିରେ ଅଧିକ ସୁବିଧା ପାଉଛନ୍ତି। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭାଗୀରଥି ଚୌଧାରୀ କହିଛନ୍ତି, 'ବିକଶିତ କୃଷି ଅଭିଯାନ' ଲ୍ୟାବରୁ ଜମିକୁ ସଂଯୋଗ କରୁଛି ଓ ଚାଷୀଙ୍କ ସହ ସିଧାସଳଖ ଯୋଗାଯୋଗକୁ ପ୍ରୋତ୍ସାହିତ କରୁଛି। ଅନ୍ୟପଟେ ନକଲି ସାର ଯୋଗାଣକାରୀଙ୍କ ବିରୋଧରେ ୫୭ଟି ମାମଲା ହୋଇଥିବା ସେ ସୂଚନା ଦେଇଛନ୍ତି। ୨୦୧୬ରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧୀନରେ ଆରମ୍ଭ ହୋଇଥିବା ପିଏମଏଫବିୱାଇ ପ୍ରାକୃତିକ ବିପର୍ଯ୍ୟୟ, ପ୍ରତିକୂଳ ପାଗ ଓ କୀଟପତଙ୍ଗ/ରୋଗ ବିରୋଧରେ ଆର୍ଥିକ ସୁରକ୍ଷା ପ୍ରଦାନ କରେ। ଏଯାଏ ୭୮ କୋଟିରୁ ଅଧିକ ଆବେଦନ ପୂରଣ କରି ୩୫,୮୬୪ କୋଟି ଟଙ୍କା ଚାଷୀଙ୍କ ପ୍ରିମିୟମ ବିରୋଧରେ ୧.୮୩ ଲକ୍ଷ କୋଟି ଟଙ୍କା ଦାବି ବଣ୍ଟନ କରାଯାଇଛି। ଖରିଫ ୨୦୨୫ ଋତୁ ପାଇଁ, ଯଦି ରାଜ୍ୟ ସରକାର ସବସିଡି ବିଳମ୍ବ କରେ, ୧୨ ପ୍ରତିଶତ ଜରିମାନା ଲାଗୁ ହେବ ଏବଂ ବୀମା କମ୍ପାନୀମାନେ ବିଳମ୍ବ ପେମେଣ୍ଟ ଉପରେ ୧୨ ପ୍ରତିଶତ ସୁଧ ପ୍ରଦାନ କରିବେ। କାର୍ଯ୍ୟକ୍ରମରେ ୟେସ-ଟେକ, ୱିଣ୍ଡସ ପୋର୍ଟାଲ, ଏଆଇଡିଇ ମୋବାଇଲ ଆପ, କୃଷି ରକ୍ଷକ ପୋର୍ଟାଲ ଓ ହେଲ୍ପଲାଇନ ୧୪୪୪୭ ଆଦି ଟେକ୍ନୋଲୋଜି ନବୋନ୍ମେଷ ସାମିଲ ହୋଇଛନ୍ତି।

# ଆଇଡିବିଆଇ ଅଫିସର ସଂଘର ଦିନିକିଆ ଦେଶବ୍ୟାପୀ ଧର୍ମଘଟ




ଭୁବନେଶ୍ୱର,୧୧।୮ (ଅଭୟ ଦାଶ)

ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ ନିଷ୍ପତ୍ତିକୁ ବିରୋଧ କରି ସର୍ବଭାରତୀୟ ସ୍ତରରେ ଆଇଡିବିଆଇ ଅଫିସର ସଂଘ ସୋମବାର ଦିନିକିଆ ଦେଶବ୍ୟାପୀ ଧର୍ମଘଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସର୍ବଭାରତୀୟ ଆଇଡିବିଆଇ ଅଫିସର ସଂଘ(ଏଆଇଆଇଡିବିଆଇଓଏ)ର ଭୁବନେଶ୍ୱର ଅଞ୍ଚଳ/ଜୋନ୍ ପକ୍ଷରୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ୟୁନିଟ-୪ସ୍ଥିତ ହୋଟେଲ ଭିପ୍ଲାଟିନାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏଆଇଆଇଡିବିଆଇଓଏ ଭୁବନେଶ୍ୱର ଅଞ୍ଚଳ/ଜୋନ୍‌ର ସମ୍ପାଦକ ଗୌତମ ପଟ୍ଟନାୟକ, ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦେବବ୍ରତ ବେହେରା, ଏଆଇବିଓଏର କେନ୍ଦ୍ରୀୟ ପରିଷଦ ସଦସ୍ୟ ପ୍ରତ୍ୟୁଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ଆଇଡିବିଆଇ ବ୍ୟାଙ୍କର ରାଷ୍ଟ୍ରାୟତ୍ତ ଚରିତ୍ରକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେବା ଏହି ବୈଠକର ମୂଳ ଉଦ୍ଦେଶ୍ୟ ଥିଲା। ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଥାଇ ଆଇଡିବିଆଇ ବ୍ୟାଙ୍କ ସର୍ବଦା ଆର୍ଥିକ ଲାଭଦାୟକ ବ୍ୟାଙ୍କିଙ୍ଗ ସମେତ ସାମାଜିକ ବ୍ୟାଙ୍କିଙ୍ଗ ଦିଗ ଉପରେ ମଧ୍ୟ ଗୁରୁତ୍ୱ ଦେଇ ଆସିଛି। ସେହିଭଳି ୟୁନାଇଟେଡ୍ ଫୋରମ ଅଫ ଆଇଡିବିଆଇ ଅଫିସର୍ସ ଆଣ୍ଡ ଏମ୍ପ୍ଲଇଜ୍ ପକ୍ଷରୁ ଅଲ ଇଣ୍ଡିଆ ଆଇଡିବିଆଇ ଅଫିସର୍ସ ଆସୋସିଏଶନ୍, ଅଲ ଇଣ୍ଡିଆ ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନର ସଦସ୍ୟମାନେ ଦିନିକିଆ ଦେଶବ୍ୟାପୀ ଧର୍ମଘଟ ପାଳନ କରିଛନ୍ତି। ଅପରପକ୍ଷରେ ସଂଘ ପକ୍ଷରୁ ୨୦୨୫ ଜୁଲାଇ ୨୬ରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଏବଂ ଚଳିତ ବର୍ଷ ଅଗଷ୍ଟ ୯ରେ ମୁମ୍ବାଇର ଆଜାଦ ମଇଦାନଠାରେ ମଧ୍ୟ ଆଉ ଏକ ଧାରଣା ଦିଆଯାଇଥିଲା। ଏହି ଧାରଣାକୁ ୟୁନାଇଟେଡ୍ ଫୋରମ ଅଫ ବ୍ୟାଙ୍କ ୟୁନିଅନ ଏବଂ ଅନ୍ୟାନ୍ୟ କ୍ଷେତ୍ର ଯଥା ବୀମା ଏବଂ ରେଲୱେ ଇତ୍ୟାଦି ୟୁନିଅନ ସମର୍ଥନ କରିଥିଲା।

# ଗେମିଂ ଶିଳ୍ପର ସମ୍ପ୍ରସାରଣକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୧।୮

ଭାରତର ସର୍ବବୃହତ ସ୍ୱଦେଶୀ ସୋସିଆଲ ଗେମିଂ ଓ ଇଣ୍ଟରାକ୍ଟିଭ ଏଣ୍ଟରଟେନମେଣ୍ଟ ପ୍ଲାଟଫର୍ମ 'ୱିନ୍‌ଜୋ' ପକ୍ଷରୁ ବିଭିନ୍ନ ପଦକ୍ଷେପ ସହ ଗେମିଂ ଶିଳ୍ପର ସମ୍ପ୍ରସାରଣକୁ ଗୁରୁତ୍ୱାରୋପ କରାଯାଇଛି। ଏପରିକି ଏଡବ୍ଲ୍ୟୁଏସ ସହ ମିଳିତ ଭାବେ ପ୍ଲାଟଫର୍ମ ଗ୍ଲୋବାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସକୁ ବିସ୍ତାର କରୁଛି ବୋଲି ଘୋଷଣା କରିଛି। ସେହିଭଳି ୨୫୦ ମିଲିୟନରୁ ଅଧିକ ସକ୍ରିୟ ଉପଭୋକ୍ତା ଥିବା ୱିନଜୋ ପକ୍ଷରୁ ୨୦୨୪ ନଭେମ୍ବରରେ ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟର ଡିପାର୍ଟମେଣ୍ଟ ଫର ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନାଲ ଟ୍ରେଡ୍ (ଡିପିଆଇଆଇଟି) ସହ ସହଭାଗିତାରେ ଏହାର ଅନ୍ୟତମ ଫ୍ଲାଗଶିପ ପଦକ୍ଷେପ ଜିସିଓଇକୁ ଶୁଭାରମ୍ଭ କରିଥିଲା। ସେହିପରି ଜିସିଓଇ ମାଧ୍ୟମରେ ୱିନଜୋ ଭାରତର ଗେମ ଷ୍ଟୁଡିଓଗୁଡିକୁ ସମ୍ପ୍ରସାରଣ ସହ ପ୍ଲାଟଫର୍ମର ଗେମ୍‌କୁ ଦ୍ରୁତ ଓ ଅଧିକ ପ୍ରଭାବୀ ରୂପେ ନିର୍ମାଣ ଓ ବିସ୍ତାର କରିବାରେ ସାହାଯ୍ୟ କରିବା ପାଇଁ ଏଡବ୍ଲ୍ୟୁଏସ ଜେନ ଏଆଇ ସଲ୍ୟୁଶନର ବ୍ୟବହାର କରିବା ସହ ଏଡବ୍ଲ୍ୟୁଏସ କ୍ଲାଉଡ ମେଣ୍ଟରିଙ୍ଗ ଓ ଟ୍ରେନିଂ ସହ ସ୍ଥାନୀୟ ଗେମିଂ ପ୍ରତିଭାଙ୍କୁ ଦକ୍ଷ କରିବ ବୋଲି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲା। ଏ ସମ୍ପର୍କରେ ୱିନଜୋର ସହପ୍ରତିଷ୍ଠାତା ପବନ ନନ୍ଦ କହିଛନ୍ତି, ଗ୍ଲୋବାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମାଧ୍ୟମରେ ଆମେ ଶିଳ୍ପର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛୁ। ଏପରିକି ଏଡବ୍ଲ୍ୟୁଏସ ସହଭାଗିତାରେ ଆମେ ଏଭଳି ଏକ ପ୍ଲାଟଫର୍ମ ନିର୍ମାଣ କରୁଛୁ, ଯାହା ଡେଭ୍‌ଲପରଙ୍କୁ ଜେନେରେଟିଭ ଏଆଇର ବ୍ୟବହାର କରି ନିମଜ୍ଜିତ, ସୁରକ୍ଷିତ ଓ ସମାବେଶୀ ଗେମିଂ ଅଭିଜ୍ଞତା ସୃଷ୍ଟି କରିବା ପାଇଁ ସଶକ୍ତ କରିବ।

# ୧୦୦୦ କୋଟିର କାରବାର ଆକଳନ

ଭୁବନେଶ୍ୱର,୧୧।୮

ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ୱେୟାରେବୁଲ୍ସ ବ୍ରାଣ୍ଡ 'ବୋଲ୍ଟ' ପକ୍ଷରୁ ବ୍ୟବସାୟ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷରେ କମ୍ପାନୀ ୧୦୦୦ କୋଟିର କାରବାର ଆକଳନ ସହ ଭିତ୍ତିଭୂମିର ଆଧୁନିକୀକରଣକୁ କ୍ଷେତ୍ର ଗୁରୁତ୍ୱ ଦେଇଛି। ଅପରପକ୍ଷରେ କମ୍ପାନୀ ଏକ ନୂଆ ବ୍ରାଣ୍ଡ ଗୋବୋଲ୍ଟର ଶୁଭାରମ୍ଭ କରିଛି। ଏଥିସହିତ ଏକ ନୂଆ ଲୋଗୋ ସହ ଅଧିକ କେନ୍ଦ୍ରିତ ବ୍ୟବସାୟ ରଣନୀତି ଏବଂ ଟେକ୍ନୋଲୋଜି, ଡିଜାଇନ ଓ ଖୁଚୁରା ଅଭିବୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶ ସାମିଲ ରହିଛି। ସେହିଭଳି ୨୦୨୪-୨୫ ଆର୍ଥିକ ବର୍ଷରେ ବ୍ରାଣ୍ଡ ପ୍ରାୟ ୮୦୦ କୋଟି ଟଙ୍କାର ବ୍ୟବସାୟ କରିଛି, ଯାହା ଗତ ଦୁଇ ବର୍ଷରେ ଏହାର ରାଜସ୍ୱର ପ୍ରାୟ ଦୁଇ ଗୁଣ ଅଧିକ ବୋଲି କୁହାଯାଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଗୋବୋଲ୍ଟ ୧୦୦୦ କୋଟି ଟଙ୍କାର ରାଜସ୍ୱ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଗୋବୋଲ୍ଟର ସହପ୍ରତିଷ୍ଠାତା ବରୁଣ ଗୁପ୍ତା କହିଛନ୍ତି, ବୋଲ୍ଟ ସବୁବେଳେ ମୋ ପାଇଁ ଏକ ବ୍ରାଣ୍ଡଠାରୁ ଅଧିକ ରହିଛି। ଏହା ଏକ ଆଗ୍ରହ ପ୍ରକଳ୍ପ ଭାବେ ଆରମ୍ଭ ହୋଇଥିଲା।


# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- 7735922768. D-1572

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

## LOST

My name is Dipankar Mandal, At- Kimbhiriabasti, Mundasahi, GGP Colony, Thana- Mancheswar, Dist.- Khordha has damaged by white ant spite all Educational Certificate 10th, 12th, Diploma, B.Tech Certificate and Mark Sheet. I want to apply for Duplicate Certificates and Marksheet from respective Board. D-1618

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I Haraprasad Sahu (60), S/o- Late Meli Sahu, Vill- Kodala, Askaroad, P.S.- Kodala, Ganjam on dated 28.07.2025 about 6 PM I lost my Bag carring documents such as RSD and Patta. Registration Sale Deed bearing Regd. Doc. No.- 1020/1999 and Hall Patta, vide Khatian No.- 167/56 of Mouza Sarania under Kodala Town any where. I searched the same but could not trace it out. D-1624

## AFFIDAVIT

By virtue of an affidavit before Notary Public, Bhubaneswar, dt.- 06.08.2025, I, Laxmipriya Panda, At/P.O.- Orikanta, Dist.- Cuttack, PIN- 754293 declare that I have changed my name from Laxmipriya Panda to Sandhyarani Rath. Henceforth, I shall be known as Sandhyarani Rath for all purposes.
Laxmipriya Panda D-1621

By virtue of an affidavit sworn before Executive Magistrate, Talcher, Odisha, dated- 06.08.2025, I, AKURA NAIK, S/o- Late Pandab Naik, At/P.O.- Kakudia, P.S.- Kaniha, Dist.- Angul, State- Odisha declare that I have changed my name from KUDA NAYAK, S/o- Yudhister Nayak to AKURA NAIK, S/o- Late Pandab Naik. Henceforth, I shall be known as AKURA NAIK for all purposes. D-1620

By virtue of an affidavit sworn before the Notary Public, Jajpur, dated- 05.06.2025, I, Jagannath Biswal, Vill./P.O.- Nadiabhanga, P.S.- Kalinganagar, Dist.- Jajpur declare that I have changed the name of my son from Soumyaprakash Biswal to Somyo Prakash Biswal. Henceforth, he shall be known as Somyo Prakash Biswal for all purposes. D-1623

By virtue of an affidavit sworn before Executive Magistrate, Soro, BALASORE, dated 15.07.2025, I, TASHLIMA KHATUN, Address: AT- ADANGA, P.O./ P.S.- SORO, DIST.-BALASORE, ODISHA, PIN- 756045 declare that I have changed the name of my son from SK MAJOHID KADRI to SK MOJAHID KADRI. Henceforth, he shall be known as SK MOJAHID KADRI for all purposes.
SK MAJOHID KADRI D-1625

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

Letter No.-1538
Dt- 31.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଓ.ଏସ୍.ଏସ୍. କେସ୍ ନମ୍ବର ୯୧୫/୨୦୨୪

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଲକ୍ଷ୍ମଣ ପାତ୍ର ...... ବାଦୀ

ବନାମ

ତହସିଲଦାର, ଭୁବନେଶ୍ୱର ଓ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ.- ୩. ଅର୍ଜୁନ ନାୟକ, ପିତା-ସ୍ୱର୍ଗତ ସୌରୀ ନାୟକ, ଝାରପଡ଼ା, ଲକ୍ଷ୍ମୀ ସାଗର, ଖୋର୍ଦ୍ଧା, ୫. ହିନା ବେୱା, ସ୍ୱାମୀ-ସ୍ୱର୍ଗତ ନାରନ ପାତ୍ର, ପଟିଆ, ଚନ୍ଦ୍ରଶେଖରପୁର, ଖୋର୍ଦ୍ଧା, ୬. ଶ୍ରୀକାନ୍ତ ବିଶ୍ୱାଳ, ୮. ମନି ବିଶ୍ୱାଳ, ପିତା- ରାଜକିଶୋର ବିଶ୍ୱାଳ, ୯. ସବିତା ବିଶ୍ୱାଳ, ସ୍ୱାମୀ- କମଳାକାନ୍ତ ସ୍ୱାଇଁ, ପିତା- ସ୍ୱର୍ଗତ ରାଜକିଶୋର ବିଶ୍ୱାଳ

ପ୍ରତିବାଦୀ ନଂ.- ୮,୯ଙ୍କ ଠିକଣା: ଗ୍ରାମ- ଟାଙ୍ଗିବାଣ୍ଟ, ପୋଷ୍ଟ- କଲ୍ୟାଣପୁର, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୮।୦୯।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ନୂଆ ରାଜଧାନୀ ବର୍ତ୍ତମାନ ଚନ୍ଦ୍ରଶେଖରପୁର, ମୌଜା- ପଟିଆ

ସାବକ

ଖାତା ନମ୍ବର- ୨୭୪, ପ୍ଲଟ୍ ନମ୍ବର- ୯୮୭, ରକବା- ଏ୦.୩୯ଡେସିମିଲ, ୯୮୮, ରକବା- ଏ୦.୨୫ଡେସିମିଲ ୯୯୨,ରକବା- ଏ୦.୭୨ଡେସିମିଲ ୯୯୩, ରକବା- ଏ୦.୮୪ଡେସିମିଲ କିସମ- ଶାରଦ, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୩୩୮, ପ୍ଲଟ୍ ନମ୍ବର- ୧୨୧୨, ରକବା- ଏ୦.୨୬୦ଡେସିମିଲ ୧୨୧୭, ରକବା- ଏ୦.୨୫୦ଡେସିମିଲ କିସମ- ଶାରଦ ଦୁଇ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ୩୧।୦୭।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୬୧୯


## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



୰ବିଦ୍ୟୁତ୍‌ଲତା ସାହୁ
ଜୟଦୁର୍ଗା ନଗର, ଭୁବନେଶ୍ୱର

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ଚରଣରେ ଭକ୍ତିପୂତ ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ଆପଣଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ
ଧ-୧୪୩୯

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୧।୮

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୭୪୬ (୭୪୬.୨୯) ପଏଣ୍ଟ ବୃଦ୍ଧି ଘଟି ୮୦,୬୦୪ (୮୦,୬୦୪.୦୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସଇ)ର ନିଫ୍ଟି-୫୦ରେ ମଧ୍ୟ ୨୨୨ (୨୨୧.୭୫) ପଏଣ୍ଟ ବଢି ୨୪,୫୮୫ (୨୪,୫୮୫.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# 'ବିୟଣ୍ଡ ବ୍ୟାଟେଲଗ୍ରାଉଣ୍ଡ୍‌ସ'

ଭୁବନେଶ୍ୱର,୧୧।୮

କ୍ରାଫ୍ଟନ ଇଣ୍ଡିଆ ପକ୍ଷରୁ ଏକ ଡିଜିଟାଲ ଷ୍ଟୋରିଟେଲିଙ୍ଗ କ୍ୟାମ୍ପେନ 'ବିୟଣ୍ଡ ବ୍ୟାଟେଲଗ୍ରାଉଣ୍ଡ୍‌ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହା ବିଜିଏମ୍‌ଆଇର ସବୁଠାରୁ ଉତ୍ସାହୀ ପ୍ରଶଂସକଙ୍କ ଦୃଷ୍ଟିକୋଣ ଓ ସ୍ୱପ୍ନ ମାଧ୍ୟମରେ ଭାରତୀୟ ଗେମିଂର ଆବେଗକୁ ଜୀବନ୍ତ କରିଛି। ଏପରିକି ରାଜସ୍ଥାନର କରନ କାର୍‌ଗୱାଲ ଏହି କ୍ୟାମ୍ପେନର ନେତୃତ୍ୱ ନେଇଛନ୍ତି। ରାଜସ୍ଥାନର ଗଙ୍ଗାନଗର ମରୁଭୂମି ସହରର ୨୮ ବର୍ଷୀୟ ରେଲ୍‌ୱେ ଟେକ୍ନିସିଆନ କରନ କାର୍‌ଗୱାଲଙ୍କ ଅସାଧାରଣ ଯାତ୍ରା ଯିଏ ପ୍ରତିକୂଳ ପରିସ୍ଥିତିରେ ସବୁ ବାଧାବିଘ୍ନକୁ ଦୂର କରି ନିଜ ଘରର ଛାତ ଉପରେ ଆଇକନିକ ବିଜିଏମଆଇ ବଗିର ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପ୍ରତିକୃତି ନିର୍ମାଣ କରିଥିଲେ। ଏ ସମ୍ପର୍କରେ କ୍ରାଫ୍ଟନ ଇଣ୍ଡିଆର ପିପୁଲ୍ ଅପରେଶନ୍ସ ବିଭାଗର ମୁଖ୍ୟ ସୌରଭ ଶାହ କହିଛନ୍ତି, ବିୟଣ୍ଡ ବ୍ୟାଟେଲଗ୍ରାଉଣ୍ଡ୍‌ସ ସହିତ ଆମେ ସାଧାରଣ ଗେମରଙ୍କୁ ଚାମ୍ପିଅନ କରୁଛୁ, ଯିଏ ଆଗ୍ରହକୁ ଉଦ୍ଦେଶ୍ୟରେ ଓ ଗେମପ୍ଲେକୁ ବାସ୍ତବ ଦୁନିଆର ପ୍ରଭାବରେ ପରିଣତ କରିଛନ୍ତି। କରନଙ୍କ ବଗି କେବଳ ଏକ ନିର୍ମାଣ ନୁହେଁ ବରଂ ଏହା ଗେମିଂ କିଭଳି ମହତ୍ତ୍ୱାକାଂକ୍ଷା, ସୃଜନଶୀଳତା ଓ ପରିଚୟକୁ ପ୍ରୋତ୍ସାହିତ କରୁଛି, ତାହାର ଏହା ଏକ ପ୍ରତୀକ ବୋଲି ସେ କହିଛନ୍ତି।

**ଯୁବତୀଙ୍କୁ ଧମକ ଅଭିଯୋଗ**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ସହର ଆନନ୍ଦବଜାର ଅଞ୍ଚଳରେ ଜଣେ ଯୁବତୀଙ୍କୁ ତାଙ୍କ ଘର ସମ୍ମୁଖରେ ଜଣେ ଯୁବକ ବାରମ୍ବାର ଧମକ ଦେଉଥିବା ସୋମବାର ସନ୍ଧ୍ୟାରେ ଟାଉନ ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ କହିଛନ୍ତି।



# ସରକାରୀ କାର୍ଯ୍ୟ ଠପ୍, ନିରାଶରେ ଫେରିଲେ ଲୋକେ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଜସ୍ୱ ଅମଲାମାନେ ଧାରଣାରେ ବସିଛନ୍ତି।

**ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ**

ଢେଙ୍କାନାଳ,୧୧।୮(ରତନ ନାୟାର)/ କାମାକ୍ଷାନଗର (ସୁଧୀର ପରିଡ଼ା)

ଓଡ଼ିଶା ରାଜସ୍ୱ ଅମଲା ସଂଘ ଆହ୍ୱାନରେ ଢେଙ୍କାନାଳ ଜିଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନେ ସୋମବାର ଠାରୁ ୧୦ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମେତ ହିନ୍ଦୋଳ ଓ କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଜସ୍ୱ ଅମଲାମାନେ ଧାରଣା ଦେଇଛନ୍ତି। ଦାବିଗୁଡିକ ମଧ୍ୟରେ ଜିଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ଲେଭଲ-୯ ପ୍ରମୁଖ ବୋଲି ଜଣାପଡିଛି। ଜିଲା ରାଜସ୍ୱ ଅମଲା ସଂଘ ସଭାପତି ବିଭୂତି ଭୂଷଣ ପଟ୍ଟନାୟକ, ସମ୍ପାଦକ ପ୍ରକାଶ ସ୍ୱାଇଁ, ରାଜ୍ୟ ସଂଘର ମିଡିଆସେଲ ସଦସ୍ୟ ଦେବଦର୍ଶିନୀ ସ୍ୱାଇଁଙ୍କ ସମେତ ସୁରମା ପଟ୍ଟନାୟକ, ବ୍ରଜ କିଶୋର ବେହେରା, ବିଶ୍ୱ ବିକାଶ ଚୌଧୁରୀ, ରାକେଶ କୁମାର ସାହୁ, ସୋମାରାଣୀ ବାସକ, ଗୋବିନ୍ଦ ଦାସ, ବୃନ୍ଦାବନ ସାହୁ, ପ୍ରଦୀପ୍ତାରାଣୀ ଶତପଥୀ, ସତ୍ୟାନନ୍ଦ ସାହୁ, ଆଲୋକ ସାହୁ, ନିରଞ୍ଜନ ପୃଷ୍ଟିଙ୍କ ସମେତ ବହୁ ସଦସ୍ୟ ଓ ରାଜସ୍ୱ ଅମଲା ଧାରଣା ଦେଇଛନ୍ତି। ଜିଲାରେ ମୋଟ ୨୮୬ଜଣ ରାଜସ୍ୱ ଅମଲା ଧାରଣାରେ ବସିଥିବା ସଂଘ ସମ୍ପାଦକଙ୍କ ସୂଚନାରୁ ଜଣାପଡିଛି। ସେହିପରି କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଆନ୍ଦୋଳନ ଫଳରେ ସମସ୍ତ ଅଫିସ୍ ଖାଁ ଖାଁ ହେବା ସହ ସରକାରୀ କାର୍ଯ୍ୟକ୍ରମ ଠପ୍ ହୋଇଯାଇଛି। ଆନ୍ଦୋଳନରେ ଢେଙ୍କାନାଳ ରାଜସ୍ୱ ଅମଲା ସଂଘ ଉପସଭାପତି ପ୍ରତିରଞ୍ଜନ ବିଶ୍ୱାଳ, ରଣେନ୍ଦ୍ର ପ୍ରତାପ ମଙ୍ଗରାଜ, ଅର୍ଦ୍ଧେନ୍ଦୁ ଶେଖର ପତି, ଦିବ୍ୟସିଂହ ଲେଙ୍କା, ସବ୍ୟସାଚୀ ସେଠୀ, ସବିତା ସେଠୀ, ସତ୍ୟବ୍ରତ ନାୟକ, ମୋତିଲାଲ ସିଂହଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ ।

# ଦୁର୍ଘଟଣାରେ ୨ ଗୁରୁତର

ଗଁଦିଆ,୧୧।୮
(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ଥାନା ଢେଙ୍କାନାଳ-ଗଁଦିଆ ରାସ୍ତାର ସାପୁଆଝର ପୋଲ ନିକଟରେ ସୋମବାର ରାତି ସାଢେ ୭ଟାରେ ଏକ ବାଇକ୍ ଗଛ ପିଟିହୋଇଯିବାରୁ ୨ଜଣ ଗୁରୁତର ହୋଇଛନ୍ତି । ଏ ନେଇ ସ୍ଥାନୀୟ ଲୋକେ ଗଁଦିଆ ଥାନାକୁ ଖବର ଦେବାପରେ ପୋଲିସ ପହଞ୍ଚି ଗୁରୁତର ଦ୍ୱୟଙ୍କୁ ଉଦ୍ଧାର କରି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉକ୍ତ ସ୍ଥାନରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି। ଗୁରୁତରଙ୍କ ପରିଚୟ ମିଳି ନ ଥିବା ବେଳେ ସେମାନେ ଯାଜପୁର ଅଞ୍ଚଳର ବୋଲି ଥାନା ଅଧିକାରୀ ଶାନ୍ତନୁ ପ୍ରଧାନଙ୍କ ସୂତ୍ରରୁ ଜଣାପଡିଛି।

# ଅନୀତି କରି କ୍ଷମତା ଦଖଲ କରିବାର ଏକ ମାଧ୍ୟମ ଭୋଟ ଚୋରି

**ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ**

ଢେଙ୍କାନାଳ,୧୧।୮(ରତନ ନାୟାର)

ଢେଙ୍କାନାଳ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଗାନ୍ଧୀମନ୍ଦିର ରୋଡ୍ ନିକଟରେ ସୋମବାର ପୂର୍ବାହ୍ନ ୧୧ଟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ କହିଥିଲେ, ଅନୀତି କରି କ୍ଷମତା ଦଖଲ କରିବାର ଏକ ପ୍ରକୃଷ୍ଟ ମାଧ୍ୟମ ହେଲା ଭୋଟ ଚୋରି। ଭାଜପା ସରକାର ଗଣତନ୍ତ୍ରକୁ ଅପହରଣ କରିଛନ୍ତି। ନିର୍ବାଚନ ଆୟୋଗ ମଧ୍ୟ ସେମାନଙ୍କ ହାତବାରିସୀ ସାଜିଛନ୍ତି। ଏହାକୁ ଲୋକ ସଭାର ବିରୋଧୀ ଦଳ ନେତା ଏମ୍‌ପି ରାହୁଲ ଗାନ୍ଧୀ ଧରିଛନ୍ତି। ବାଙ୍ଗାଲୋର ସେଣ୍ଟ୍ରାଲ ଲୋକ ସଭା କ୍ଷେତ୍ର ଓ ଏହାର ଅନ୍ତର୍ଗତ ମହାଦେବପୁରା ବିଧାନସଭା କ୍ଷେତ୍ରରେ ୨୦୨୪ ସାଧାରଣ ନିର୍ବାଚନରେ ୧୦୦୨୫୦ ସଂଖ୍ୟକ ଭୋଟ ଚୋରି ହୋଇଥିବା ରାହୁଲ ଗାନ୍ଧୀ କହିଥିବା ନେତୃବୃନ୍ଦ କହିଥିଲେ। ଏହି ସମ୍ମିଳନୀରେ ପିସିସି ମୁଖପାତ୍ର ତଥା ରିସର୍ଚ୍ଚ ଡାଟା ଆନାଲିସିସ ମୁଖ୍ୟ ଜଗଦାନନ୍ଦ ପ୍ରଧାନ ଯୋଗଦେଇ ରାହୁଲ ଗାନ୍ଧୀଙ୍କ ଭାଷଣର କିଛି ବିଶେଷ ତଥ୍ୟ ପ୍ରଦାନ ସହିତ ମହାରାଷ୍ଟ୍ର, କର୍ଣ୍ଣାଟକ, ହରିୟାଣା, ଓଡ଼ିଶା ଆଦି ରାଜ୍ୟରେ ୨୦୨୪ ସାଧାରଣ ନିର୍ବାଚନରେ ବ୍ୟାପକ ଭାବେ ଭୋଟ ଚୋରି ହୋଇଥିବାରୁ ତଥ୍ୟ ଉପସ୍ଥାପନ କରିଥିଲେ। ଭାରତର ନିର୍ବାଚନ ଆୟୋଗ ଭୋଟର ତାଲିକା ଓ ଭୋଟିଂ ସମ୍ପର୍କରେ ଡିଜିଟାଲ ଏବଂ ଇଲେକ୍ଟ୍ରୋନିକ୍ସ ତଥ୍ୟ ପ୍ରଦାନ ନ କରିବା, ଭୋଟ ସମୟରେ ବୁଥ୍‌ର ସିସିଟିଭି ଫୁଟେଜକୁ ଲିଭାଇଦେବା, ଏପରିକି ରାହୁଲ ଗାନ୍ଧୀଙ୍କ ଅଭିଯୋଗ ପରେ ଆୟୋଗର ୱେବସାଇଟରୁ ହଟାଇନେବା ଭୋଟ ଚୋରି ଅଭିଯୋଗକୁ ପ୍ରମାଣ କରୁଛି ବୋଲି ପିସିସି ମୁଖପାତ୍ର କହିଥିଲେ। ନିର୍ବାଚନ ଆୟୋଗ ଏହି ତଥ୍ୟକୁ ଯାଞ୍ଚ କରିବା ସହିତ ତୁରନ୍ତ ସମସ୍ତ ନିର୍ବାଚନ କ୍ଷେତ୍ରର ଡିଜିଟାଲ ରେକର୍ଡ ଓ ସିସିଟିଭି ଫୁଟେଜ ପ୍ରଦାନ କରୁ ବୋଲି ଦାବି କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ସଂଯୋଜକ ଛବିରାଜ ବିଶ୍ୱାଳ, ବରିଷ୍ଠ ନେତା ଡା. ତୁଷାରକାନ୍ତି ନାୟକ, ସ୍ମିତାରାଣୀ ସାମଲ, ସୁବାସ ପାଲ, ବିପ୍ରବର ସାହୁ, ମହମ୍ମଦ ଏର୍ସାଦ, ନୁରୁଲ ଇସଲାମ, ଶ୍ରୀଧର ରାଉତ, ପ୍ରିୟବ୍ରତ ଗଡନାୟକ, ରୁମେନା ବେଗମ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରେମ ଶଙ୍କର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।



ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ନେତୃବୃନ୍ଦ।

# ବନ୍ୟପ୍ରାଣୀଙ୍କ ଫଟୋ ଉଠାଇ ପ୍ରଶଂସା ସାଉଣ୍ଟୁଛନ୍ତି ସତ୍ୟକାମ



ସତ୍ୟକାମ ପରିଡ଼ା।

ଢେଙ୍କାନାଳ,୧୧।୮(ରତନ ନାୟାର)

ବନ୍ୟପ୍ରାଣୀଙ୍କ ସମେତ ବଣ ଜଙ୍ଗଲର ଫଟୋ ଉଠାଇ ବେଶ୍ ପ୍ରଶଂସା ସାଉଣ୍ଟୁଛନ୍ତି ଢେଙ୍କାନାଳ ସହର ଗୁଡ଼ିଆନାଳୀ ଅଞ୍ଚଳର ସତ୍ୟକାମ ପରିଡା। ଛୋଟୁ ନାମରେ ସହରରେ ପରିଚିତ ସତ୍ୟକାମଙ୍କୁ ୨୦୨୪ ରାଜ୍ୟସ୍ତରୀୟ ବନ ମହୋତ୍ସବରେ ଶ୍ରେଷ୍ଠ ଫଟୋଗ୍ରାଫର ଭାବେ ରାଜ୍ୟ ବନବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଏତଦ୍‌ବ୍ୟତୀତ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସଚେତନତା, ପରିବେଶ ସୁରକ୍ଷା ସଚେତନତା ଏବଂ ହାତୀମାନଙ୍କ ସୁରକ୍ଷା ପାଇଁ ମଧ୍ୟ ଅନେକ କାର୍ଯ୍ୟ ସେ କରିଛନ୍ତି। ଏଥିପାଇଁ ଢେଙ୍କାନାଳ ଜିଲା ସହ ରାଜ୍ୟରେ ମଧ୍ୟ ସେ ପ୍ରଶଂସିତ ହୋଇଛନ୍ତି। ପ୍ରାୟ ୧୫ବର୍ଷ ହେବ ସେ ବନ୍ୟପ୍ରାଣୀଙ୍କ ଫଟୋ ଉଠାଇବା ସହ ଜଙ୍ଗଲ ସହିତ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ନେଇ ସେ ବିଭିନ୍ନ ଅଞ୍ଚଳକୁ ଯାଇ ବାର୍ତ୍ତା ପ୍ରଦାନ କରି ସଚେତନତା ସୃଷ୍ଟି କରୁଛନ୍ତି। ଏହି କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ପୁରସ୍କୃତ କରାଯାଇଛି।

# ରକ୍ଷା ବନ୍ଧନ, ସାମୂହିକ ଜନ୍ମଦିନ ପାଳନ




ଆଦୃତ ଶିଶୁ ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କାନାଳ,୧୧।୮(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ ଶ୍ୟାମାଚରଣପୁରଠାରେ ଆଦୃତ ଶିଶୁ ଗୃହ ପରିସରରେ ରକ୍ଷା ବନ୍ଧନ ଓ ସାମୂହିକ ଜନ୍ମଦିନ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଶିଶୁ ଅନ୍ତେବାସୀଙ୍କ ମଧ୍ୟରେ ଏହି ଉତ୍ସବ ଏକ ନିଆରା ଢଙ୍ଗରେ ପାଳିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡ. ଆଦିତ୍ୟ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ୧୧ଟି ଜିଲାରେ ଥିବା ଆଦୃତ ଶିଶୁ ସଦନରେ ଏହି ଉତ୍ସବ ପାଳିତ ହୋଇଥିଲା। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଇନଜୀବୀ ପୁଷ୍ପକ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ତଥା ସ୍ତମ୍ଭକାର ଶୁଭ ନାରାୟଣ ଶତପଥୀ, ଅବସରପ୍ରାପ୍ତ ୱିଙ୍ଗ କମାଣ୍ଡର ଭବାନୀ ଶଙ୍କର ସିଂହଦେଓ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସମାଜସେବୀ ବିରଞ୍ଚି ନାରାୟଣ ପାଣି, ଡିଏସ୍‌ପି କୁମାରୀ ଯିଶା, ଲ୍ୟୁଟନାଣ୍ଟ କମାଣ୍ଡର ଆର୍.କେ. ବଳ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଆଶ୍ରୀବଚନ ପ୍ରଦାନ କରିଥିଲେ। ଶିଶୁମାନେ କେକ୍ କାଟି ଓ ରାଖୀବାନ୍ଧି ଜନ୍ମ ଦିନର ଖୁସି ମନାଇଥିଲେ। ବିଶ୍ୱ ଚେତନା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଅନ୍ତେବାସୀ ସୌମ୍ୟରଞ୍ଜନ ବେଜ ବୈଷୟିକ ଶିକ୍ଷା ସମାପ୍ତ କରି ଚାକିରି ପାଇଥିବାରୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷାବିତ୍ ପରେଶ ପଟ୍ଟନାୟକ ମଞ୍ଚ, ସମାଜସେବୀ ଶିବ ପ୍ରସାଦ ପଣ୍ଡା, ଅନୁଷ୍ଠାନ ଅଧୀକ୍ଷକ ନୀଳମଣି ମହାପାତ୍ର ଓ ଗୃହ ପରିଚାଳକ ସୁଶାନ୍ତ ପଟ୍ଟନାୟକ, ରାଜକିଶୋର ବେହେରା, ସଞ୍ଜୀବ ବିହାରୀ, ରୋଜାଲିନ ସ୍ୱାଇଁ, କାଦମ୍ବିନୀ ମହାକୁଡ଼, ରଶ୍ମିତା ରଥ, ଶ୍ରଦ୍ଧା ପଟ୍ଟନାୟକ, ଗୀତା ମହାପାତ୍ର, ଯୋଗୀନାଥ ମହାନ୍ତି, ମହମ୍ମଦ ନସିମ, ଅନୁସୂୟା ମିଶ୍ର, ମନସ୍ୱିନୀ ମିଶ୍ର, ଜ୍ଞାନରଞ୍ଜନ ଭୂତିଆ, ସଞ୍ଜୀବ ମହାପାତ୍ର ଓ ଅନିତା ରଥ ପ୍ରମୁଖ ସହଯୋଗ କରିଥିଲେ।

# କିନ୍ନର ସଂଘ ପକ୍ଷରୁ ଅସହାୟଙ୍କୁ ବସ୍ତ୍ରଦାନ



ମା' ମଙ୍ଗଳା କିନ୍ନର ସଂଘ ପକ୍ଷରୁ ବସ୍ତ୍ର ବଣ୍ଟନ କରାଯାଉଛି।

ପରଜଙ୍ଗ,୧୧।୮(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମା' ମଙ୍ଗଳା କିନ୍ନର ସଂଘ ପକ୍ଷରୁ ରାଖୀପୂର୍ଣ୍ଣିମା ଅବସରରେ ଶନିବାର କୁଆଲୋ ଅଷ୍ଟଶମ୍ଭୁ ମନ୍ଦିରଠାରେ ଦୁଃଖୀ, ଗରିବ ଓ ନିଃସହାୟ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ରଦାନ କରାଯାଇଛି। ସେହିପରି ଶ୍ରାବଣ ମାସ ତୃତୀୟ ସୋମବାର କୁଆଲୋ ମନ୍ଦିରଠାରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଅସହାୟଙ୍କ ପାଇଁ ପ୍ରତ୍ୟେକ ଆବଶ୍ୟକ ମୌଳିକ ସେବା ଜାରି ରହିବ ବୋଲି ସଂଘମୁଖ୍ୟ ମଲେଇ ଓ ମୋନାଲିଶା କହିଥିଲେ। ସେହିପରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଥାନାକୁ ଯାଇ ପୋଲିସ ହାତରେ ରାଖୀ ବାନ୍ଧିଥିଲେ। ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ ମଧ୍ୟ କରିଥିଲେ। ବିଭିନ୍ନ ସମୟର ନିଜର କଳା ପ୍ରଦର୍ଶନ କରି ଯାହା ରୋଜଗାର କରିଥାନ୍ତି ସେଥିରୁ କିଛି ଅର୍ଥ ସଂଘରେ ପୈଠ କରି ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସେବା କାର୍ଯ୍ୟକ୍ରମରେ ପାପାଲି, ଡାଇନା, ଚିଓ, ଲକି, ମାମାଲି, କରିନା, ଭବାନୀ, ତୋଫାନୀ, ଗୀତାଞ୍ଜଳି ପ୍ରମୁଖ ସାମିଲ ହୋଇଥିଲେ।

# ଗଁଦିଆରେ ଜନଅଭିଯୋଗ ଶୁଣାଣି




ଗଁଦିଆ ବ୍ଲକ ସଭା ଗୃହରେ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀମାନେ।

ଗଁଦିଆ,୧୧।୮(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ପଞ୍ଚାୟତ ସମିତି ସଭାଗୃହଠାରେ ସୋମବାର ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ଅଭିନବ ସୋନକର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଉପ ଜିଲାପାଳ ବିବୁଧ ଗଡ଼ନାୟକ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଶିବିରରେ ମୋଟ ୧୦୮ଟି ଅଭିଯୋଗ ଦାଖଲ ହୋଇଥିଲା। ଅଭିଯୋଗ ଗୁଡିକର ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ପ୍ରମୁଖଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୁରୀଠାରେ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନ ସମ୍ବର୍ଦ୍ଧିତ

ଢେଙ୍କାନାଳ,୧୧।୮(ରତନ ନାୟାର)




ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନକୁ ପୁରୀଠାରେ ସମ୍ବର୍ଦ୍ଧିତ କରାଯାଉଛି।

ଶ୍ରୀକ୍ଷେତ୍ର ପୁରୀଠାରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନକୁ ରବିବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୁରୀ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ସମାରୋହରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନ ଦୀର୍ଘ ଅଢେଇବର୍ଷ ଧରି ଅନାଲୋଚିତ ଐତିହ୍ୟ ସମ୍ପନ୍ନ ପୀଠଗୁଡିକୁ ଯାତ୍ରା କରି ସେଗୁଡିକ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଯୁବ, ଛାତ୍ରୀଛାତ୍ରଙ୍କ ଭିତରେ ସଚେତନତା ସୃଷ୍ଟି କରିବାରେ ସଫଳତା ହାସଲ କରିପାରିଛି। ଏଥିପାଇଁ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନକୁ ବିଶେଷ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଗବେଷକ ଅନୀଲ ଧୀର ଓ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ବିଶିଷ୍ଟ ଗବେଷକ ସାରଙ୍ଗଧର ରାୟଗୁରୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର, ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ପତି, ବଦ୍ରିନାଥ ଜେନା, ଜ୍ଞାନ ରଞ୍ଜନ ସାହୁ ଓ ହୃଦାନନ୍ଦ ବେହେରା ପ୍ରମୁଖ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।

# ତାଳତେଲ ଚାଷ ଶୁଭାରମ୍ଭ

କାମାକ୍ଷାନଗର,୧୧।୮(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଉଦ୍ୟାନ କୃଷି ସହଯୋଗରେ ସୋମବାର ଅଁଳାବେରେଣୀ ପଞ୍ଚାୟତ ଆମ୍ବଖୋଲ କାଟେଣି ଗ୍ରାମରେ ତାଳ ତେଲ ଚାଷର ଶୁଭାରମ୍ଭ ହୋଇଯାଇଛି। ପର୍ଯ୍ୟାୟକ୍ରମେ ବ୍ଲକର ଅଗ୍ରଣୀ ଚାଷୀମାନଙ୍କ ବୈଠକ କରାଯାଇ ପ୍ରଥମ ପର୍ଯ୍ୟାୟରେ ନରେନ୍ଦ୍ର ନାଏକଙ୍କ ଜମିରେ ତାଳତେଲ ଚାରାରୋପଣ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ସବ୍‌ସିଡ ଓ ମାର୍କେଟିଂର ସୁବିଧା ସହ ଅନ୍ତଃ ଫସଲ ପାଇଁ ୪ ବର୍ଷ ପର୍ଯ୍ୟନ୍ତ ସବ୍‌ସିଡ୍ ବ୍ୟବସ୍ଥା କରାଯାଇ ଚାଷୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରି ଅଧିକରୁ ଅଧିକା ଅଏଲ ପାମ ଚାଷ କରିବାକୁ ଅନୁରୋଧ କରାଯାଇଥିଲା। ଲିଭ୍‌ପାମ ରିସର୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀ ସହଯୋଗରେ ପ୍ରାୟ ୫ ଏକର ଜମିରେ ପୂଜାର୍ଚ୍ଚନା ପରେ ପ୍ରଥମକରି ଚାରାରୋପଣ କରାଯାଇଥିଲା। ଏଥିରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଚିତ୍ତରଞ୍ଜନ ମଲ୍ଲିକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜଗମୋହନ ଦେବତା, ସମିତି ସଭ୍ୟା ବବିତା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

କାମାକ୍ଷାନଗର,୧୧।୮(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଭାଜପା ନଗର ମଣ୍ଡଳ ପକ୍ଷରୁ ସୋମବାର ସହରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସହରର ଶତାଧିକ ଭାଜପା କର୍ମୀ, ଜନସାଧାରଣ, ଛାତ୍ରୀଛାତ୍ର ହାତରେ ତ୍ରିରଙ୍ଗା ଧରି ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ମହାପୁରୁଷଙ୍କ ଜୟଜୟକାର ସହ ଭାରତ ମାତାର ଜୟ ଧ୍ୱନି ଦେଇ ସହର ପରିକ୍ରମା କରିଥିଲେ। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଭାଜପା ଜିଲା ସଭାପତି ରାଶବିହାରୀ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଶୋଭାଯାତ୍ରାରେ ଭାଗ ନେଇଥିଲେ। ବଡସୁଆଲୋ ମଣ୍ଡଳ ସଭାପତି ଜିତେନ୍ଦ୍ର ପ୍ରସାଦ ସାମଲ, ଭାଜପା ନେତା ସଞ୍ଜୟ କୁମାର ରାଉତ, ଲଳିତ ସାହୁ, ସରୋଜକାନ୍ତ ବେହେରା, ଶେଷଦେବ ନାୟକ, ଶେଷଦେବ ନାଥ, ସନ୍ତୋଷ କୁମାର ସାହୁ, ଗତିକୃଷ୍ଣ ରାଉତଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ଥିଲେ।

# ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଓଡ଼ାପଡ଼ା,୧୧।୮(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ଖିଲାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ାପଡ଼ା ସଙ୍କୁଳର ୭ଟି ବିଦ୍ୟାଳୟର ୨୩୨ ଜଣ ଛାତ୍ରୀଛାତ୍ର ଯୋଗଦେଇ ପ୍ରକଳ୍ପଗୁଡ଼ିକ ପ୍ରଦର୍ଶିତ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଅନନ୍ତ କୁମାର ରାଉଳ, ମୁଖ୍ୟବକ୍ତା ଭାବେ ଓଡ଼ାପଡ଼ା ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଦେବାନନ୍ଦ ବେହେରା ଓ ସମ୍ମାନିତ ଅତିଥି ଭାବେ ମନମୋହନ ତ୍ରିପାଠୀ, ଗୁଣଦେଇ ସରପଞ୍ଚ ସୁବ୍ରତ କୁମାର ନାୟକ ଓ ଘନଶ୍ୟାମ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ସମ୍ପାଦିକା ନଳିତା ମହାପାତ୍ର, ବସନ୍ତ ସ୍ୱାଇଁ, ଗଗନ ବିହାରୀ ନାୟକ ଓ ସୌମ୍ୟରଞ୍ଜନ ବେହେରା ସହଯୋଗ କରିଥିଲେ। ରସାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଢେଙ୍କାନାଳ: ଚରମସୀମାରେ ହାତୀ-ମଣିଷ ବିବାଦ

ଢେଙ୍କାନାଳ,୧୧।୮(ରତନ ନାୟାର)



**ଆଜି ବିଶ୍ୱ ହାତୀ ଦିବସ**

- ୪ ବର୍ଷରେ ୫୮ ହାତୀ ମୃତ
- ୩ ବର୍ଷରେ ୯୩ ମଣିଷ ମୃତ
- ସଂସଦରେ ପ୍ରସଙ୍ଗ ଉଠାଇଲେ ଏମ୍‌ପି

ଜନବସତି ସହ ଜନସଂଖ୍ୟା ବଢୁଥିବା ବେଳେ ଜଙ୍ଗଲ ହ୍ରାସ ପାଇ ଚାଲିଛି। ଫଳରେ ହାତୀ-ମଣିଷ ବିବାଦ ସମଗ୍ର ରାଜ୍ୟରେ ଏକ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ତେବେ ହାତୀ-ମଣିଷ ବିବାଦ ବୃଦ୍ଧିରେ ଢେଙ୍କାନାଳ ଜିଲା ଆଗରେ ରହିଛି। ଢେଙ୍କାନାଳ ଜିଲାର ହିନ୍ଦୋଳ ରେଞ୍ଜ୍‌ରେ ୭ମାସ ମଧ୍ୟରେ ୧୦ ଜଣଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ଫଳରେ ଜିଲାରେ ହାତୀ-ମଣିଷ ବିବାଦ କିପରି ଚରମସୀମାରେ ପହଞ୍ଚିଛି ତାହା ଏଥିରୁ ଜଣାପଡୁଛି। ସୋମବାର ସଂସଦରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଏହି ପ୍ରସଙ୍ଗ ଉଠାଇବା ସହ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୩ବର୍ଷ ମଧ୍ୟରେ ଢେଙ୍କାନାଳ ଜିଲାରେ ହାତୀ ଆକ୍ରମଣରେ ୯୩ଜଣଙ୍କ ମୃତ୍ୟୁ ହୋଇଛି। ତନ୍ମଧ୍ୟରେ ୨୦୨୨-୨୩ ବର୍ଷରେ ୩୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୧ଜଣ ଆହତ ହୋଇଛନ୍ତି। ୨୦୨୩-୨୪ ମସିହାରେ ୩୨ଜଣଙ୍କ ଜୀବନ ଯାଇଥିଲା। ୪୨ଜଣ ଆହତ ହୋଇଥିଲେ। ୨୦୨୪-୨୫ରେ ୨୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫୦ଜଣ ଆହତ ହୋଇଛନ୍ତି। ସେହିପରି ଗତ ୪ବର୍ଷ ମଧ୍ୟରେ ୨୦୨୧-୨୨ ବର୍ଷରେ ୧୩ ହାତୀ, ୨୦୨୨-୨୩ ବର୍ଷରେ ୧୭ହାତୀ, ୨୦୨୩-୨୪ବର୍ଷରେ ୧୩ ହାତୀ, ୨୦୨୪-୨୫ ବର୍ଷରେ ୧୩ ହାତୀଙ୍କ ଜୀବନହାନି ହୋଇଛି। ୨୦୨୫-୨୬ରେ ବର୍ତ୍ତମାନ ସୁଦ୍ଧା ୨ଟି ହାତୀଙ୍କ ମୃତ୍ୟୁ ଘଟିଛି। ଏଥିସହିତ ହାତୀପଲ ଜଙ୍ଗଲ ଛାଡ଼ି ଜନବସତି ଅଞ୍ଚଳରେ ପ୍ରବେଶ କରି ବହୁ ଘରଦ୍ୱାର ଭାଙ୍ଗିବା ସହିତ ଫସଲ ମଧ୍ୟ ନଷ୍ଟ କରୁଛନ୍ତି। ଏହାକୁ ନେଇ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ଢେଙ୍କାନାଳ ଜିଲାରେ ୨୮୦ ହାତୀ ରହିଥିବା ବେଳେ କେବଳ ହିନ୍ଦୋଳରେ ୧୯୦ ହାତୀ ରହିଥିବା ଜଣାପଡିଛି। ଢେଙ୍କାନାଳ ଜିଲାରେ ହାତୀ-ମଣିଷ ବିବାଦ ବଢ଼ିବା ସହିତ ଚିନ୍ତାଜନକ ହୋଇଥିବା ବେଳେ ଏହାକୁ ନେଇ ସୋମବାର ଏମ୍‌ପି ରୁଦ୍ର ନାରାୟଣ ପାଣି ସଂସଦରେ ପ୍ରସଙ୍ଗ ଉଠାଇବା ସହିତ ଗତ ୨୧ ତାରିଖ ଦିନ ହିନ୍ଦୋଳ ବ୍ଲକ ଅଞ୍ଚଳର ଏକ ଗ୍ରାମରେ ହାତୀ ୩ଜଣଙ୍କୁ ମାରିଥିବା କହିଥିଲେ। ସରକାର ହାତୀ-ମଣିଷ ବିବାଦ ରୋକିବା ପାଇଁ କେଉଁ ଯୋଜନା ପ୍ରଣୟନ କରିଛନ୍ତି, ତାହା ଓଡ଼ିଶାରେ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ଢେଙ୍କାନାଳ ଓ ଅନୁଗୋଳ ଜିଲାରେ କିପରି ଏହା ପ୍ରଣୟନ ହୋଇପାରିବ, ସେ ସମ୍ପର୍କରେ ପଦକ୍ଷେପ ନେବାକୁ ଏମ୍‌ପି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ଉତ୍ତରରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୁପେନ୍ଦର ଯାଦବ କହିଥିଲେ, କେନ୍ଦ୍ର ସରକାରଙ୍କ ଦ୍ୱାରା ହାତୀ ପ୍ରକଳ୍ପ ପାଇଁ କାର୍ଯ୍ୟ ଜାରି ରହିଛି। ସମଗ୍ର ଦେଶରେ ହାତୀ କରିଡର ଓ ହାତୀ ସଂରକ୍ଷଣ ପାଇଁ କାର୍ଯ୍ୟକ୍ରମ ଚାଲୁଛି। ହାତୀମାନଙ୍କ ଗଣନା ମଧ୍ୟ କରାଯାଉଛି। ହାତୀ-ମଣିଷ ବିବାଦ ଯେପରି ନ ହେବ ସେଥିପାଇଁ ଏକ ଗାଇଡଲାଇନ ପ୍ରସ୍ତୁତ ହୋଇଛି। ରେଳ ଦୁର୍ଘଟଣାରେ ହାତୀମାନେ ଯେପରି ମୃତାହତ ନ ହୁଅନ୍ତି, ସେଥିପାଇଁ ରେଲୱେ ସହ ମିଶି କାର୍ଯ୍ୟ କରାଯାଉଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଏସ୍‌ଓପିକୁ ରାଜ୍ୟ ସରକାର ଗମ୍ଭୀରତାର ସହ ନେଇ ଲାଗୁ କରିବା ପାଇଁ ବିଭାଗୀୟ ମନ୍ତ୍ରୀ କହିଥିଲେ ବୋଲି ଏମ୍‌ପି ରୁଦ୍ର ନାରାୟଣ ପାଣି ସୂଚନା ଦେଇଛନ୍ତି। ଅନ୍ୟପଟରେ ରାଜ୍ୟ ସରକାର ପୋଲିସ, ଅଗ୍ନିଶମ ଓ ଅବକାରୀ ବିଭାଗକୁ ସୁଦୃଢ଼ କରିଥିବା ବେଳେ ବନବିଭାଗକୁ ଅଣଦେଖା କରୁଥିବା ସାଧାରଣରେ ଆଲୋଚନା ହୋଇଛି। ବନବିଭାଗ କର୍ମଚାରୀ ତଥା ହାତୀ ସ୍କ୍ୱାଡ୍ ସଦସ୍ୟମାନଙ୍କୁ ଆବଶ୍ୟକ ଉତ୍ତମ ତାଲିମ ପ୍ରଦାନ କରାଯାଉନାହିଁ। ସେମାନଙ୍କୁ ସୁରକ୍ଷା ସମ୍ପର୍କରେ ମଧ୍ୟ ତାଲିମ ପ୍ରଦାନ କରାଯାଉ ନାହିଁ। ଶିକାରୀଙ୍କୁ ମୁକାବିଲା କରିବା ପାଇଁ କୌଣସି ଅତ୍ୟାଧୁନିକ ବନ୍ଧୁକ ପ୍ରଦାନ କରାଯାଉନାହିଁ କିମ୍ବା ତାଲିମ ପ୍ରଦାନ କରାଯାଉନାହିଁ। ଏପରିକି ଅଧିକାରୀ ଏବଂ କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ବଢାଯାଉନାହିଁ। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିଞ୍ଜକାରୀ ସୁମିତ କୁମାର କର କହିନ୍ତି, ଢେଙ୍କାନାଳ ଜିଲାରେ ମୋଟ ହାତୀ ସଂଖ୍ୟାର ୫୦ପ୍ରତିଶତ ହାତୀ ହିନ୍ଦୋଳ ରେଞ୍ଜ୍‌ରେ ରହୁଛନ୍ତି। ପାଟ୍ରୋଲିଂ ଜାରି ରହିଛି। ଲୋକମାନଙ୍କୁ ହାତୀ ଉପଦ୍ରବ ଅଞ୍ଚଳରେ ଭୋର୍, ସକାଳ ଏବଂ ସନ୍ଧ୍ୟା କିମ୍ବା ରାତିରେ ପଦାକୁ ବାହାରିବା ପାଇଁ ବାରଣ କରିବା ସହିତ ସଚେତନତା ସୃଷ୍ଟି କରାଯାଉଛି। ହାତୀ-ମଣିଷ ବିବାଦ ରୋକିବା ପାଇଁ ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଚାଷୀ, ଯୁବଗୋଷ୍ଠୀ ଓ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଗଜପର୍ବ ଯୋଜନା ମାଧ୍ୟମରେ ସଚେତନ କରାଯାଉଛି ।

# ଭାରତୀୟ କ୍ରୀଡ଼ାରେ ସର୍ବବୃହତ୍ ସଂସ୍କାର

ନୂଆଦିଲ୍ଲୀ,୧୧।୮(ପି.ଟି.)

ବହୁ ପ୍ରତୀକ୍ଷିତ ଜାତୀୟ କ୍ରୀଡ଼ା ଶାସନ ବିଲ୍ ସୋମବାର ଲୋକ ସଭାରେ ପାରିତ ହୋଇଯାଇଛି। ଏହାକୁ ସ୍ୱାଧୀନତା ପରଠୁ ଭାରତୀୟ କ୍ରୀଡ଼ାରେ ସବୁଠୁ ବଡ଼ ସଂସ୍କାର ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ବିହାର ନିର୍ବାଚନ ତାଲିକାରେ ହୋଇଥିବା ସଂଶୋଧନକୁ ନେଇ ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁ ସଭାକୁ ଶୀଘ୍ର ମୁଲତବୀ ରଖାଯିବା ପରେ ଅପରାହ୍ନ ୨ଟା ଅଧିବେଶନରେ ଜାତୀୟ ଆଣ୍ଟି–ଡୋପିଂ (ସଂଶୋଧିତ) ବିଲ୍ ମଧ୍ୟ ପାରିତ ହୋଇଛି।

## ନୂଆ କ୍ରୀଡ଼ା ବିଲ୍ ଲୋକ ସଭାରେ ପାରିତ

'ସ୍ୱାଧୀନତା ପରଠୁ ଭାରତୀୟ କ୍ରୀଡ଼ାରେ ଏହା ଏକକ ସର୍ବବୃହତ୍ ସଂସ୍କାର। ଏହି ବିଲ୍ କ୍ରୀଡ଼ା ମହାସଂଘରେ ଉତ୍ତରଦାୟିତ୍ୱ, ନ୍ୟାୟ ଓ ଶ୍ରେଷ୍ଠ ପରିଚାଳନାକୁ ନିଶ୍ଚିତ କରିବ। ଭାରତୀୟ କ୍ରୀଡ଼ା ଇକୋସିଷ୍ଟମରେ ଏହାର ଖୁବ୍ ମହତ୍ତ୍ୱ ରହିବ। ଦୁର୍ଭାଗ୍ୟର ବିଷୟ, ଏଭଳି ଗୁରୁତ୍ୱପୂର୍ଣ୍ଣ ବିଲ୍ ଓ ସଂସ୍କାରରେ ବିରୋଧୀଙ୍କ ଅଂଶୀଦାରିତା ନାହିଁ ବୋଲି ଲୋକ ସଭାରେ ମାଣ୍ଡବ୍ୟ କହିଛନ୍ତି। ଏହି ବିଲ୍ ଆଗତ ହେଲାବେଳେ ମଧ୍ୟ ଲୋକ ସଭାରେ ବିରୋଧୀ ନେତାମାନେ ଉପସ୍ଥିତ ନ ଥିଲେ। ବିଲ୍ ପାସ୍ ହେଲାବେଳେ ସେମାନେ ଭୋଟର ତଥ୍ୟରେ ହେରଫେର୍ ଅଭିଯୋଗ ଓ ବିହାରରେ ନିର୍ବାଚନ ତାଲିକାରେ ହୋଇଥିବା ସଂଶୋଧନ ବିରୋଧରେ ନିର୍ବାଚନ କମିଶନ(ଇସି)ର ମୁଖ୍ୟ କାର୍ଯ୍ୟାଳୟ ଅଭିମୁଖେ ରାଲି କରିଥିଲେ। କିନ୍ତୁ ଦୁଇ ଏମ୍‌ପି ଆଲୋଚନାରେ ଭାଗନେଇ ବିଲ୍ ସପକ୍ଷରେ ମତ ରଖୁଥିବା ବେଳେ ବିରୋଧୀ ଦଳ ନେତାମାନେ ଫେରିଆସି ନାରାବାଜି କରିଥିଲେ। ବିଲ୍‌କୁ ଭଏସ୍ ଭୋଟ ମାଧ୍ୟମରେ ପାରିତ କରାଯିବା ପରେ ସଭାକୁ ଅପରାହ୍ନ ୪ଟାରେ ମୁଲତବୀ ରଖାଯାଇଥିଲା। ପୂର୍ବରୁ ପାର୍ଲିଆମେଣ୍ଟାରୀ କମିଟି ଅନ୍ ସ୍ପୋର୍ଟ୍ସର ଚେୟାରମ୍ୟାନ ଦିଗ୍‌ବିଜୟ ସିଂ ଲୋକ ସଭା ସ୍ପିକର ଓମ୍ ବିର୍ଲାଙ୍କୁ ପ୍ୟାନେଲ ଆଗରେ ଜାତୀୟ କ୍ରୀଡ଼ା ଶାସନ ବିଲ୍‌କୁ ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲେ।

'ଏହି ଦୁଇ ବିଲ୍‌ର ଲକ୍ଷ୍ୟ ହେଉଛି କ୍ରୀଡ଼ା ଇକୋସିଷ୍ଟମରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱରେ ସଂସ୍କାର ଆଣିବା, ଯାହାକି ୨୦୩୬ ଅଲିମ୍ପିକ୍ସ ଆୟୋଜନ ଅଧିକାର ହାସଲ ଲକ୍ଷ୍ୟରେ ଥିବା ଭାରତର ଆବଶ୍ୟକତା। ୧୯୭୫ଠାରୁ ଉଦ୍ୟମ କରାଯାଉଛି ଏବଂ ୧୯୮୫ରେ ପ୍ରଥମ ଡ୍ରାଫ୍ଟ ପ୍ରସ୍ତୁତ ହୋଇଥିଲା। କିନ୍ତୁ ବ୍ୟକ୍ତିଗତ ଲାଭ ଲାଗି କ୍ରୀଡ଼ାକୁ ମଧ୍ୟ ରାଜନୀତିକରଣ କରାଗଲା। କେତେଜଣ ମନ୍ତ୍ରୀ ଏହି ବିଲ୍‌କୁ ଆଗତ କରିବାକୁ ଉଦ୍ୟମ କରିଥିଲେ। ହେଲେ ଏହା ଆଗକୁ ଆସିପାରି ନ ଥିଲା। ୨୦୧୧ରେ ଆମକୁ ଏକ ଜାତୀୟ କ୍ରୀଡ଼ା ନୀତି ମିଳିଥିଲା। ଏହା କ୍ୟାବିନେଟ୍‌ରେ ପହଞ୍ଚିଥିଲା ଓ ଏହା ଉପରେ ଆଲୋଚନା ମଧ୍ୟ ହୋଇଥିଲା। କିନ୍ତୁ ପରେ ବିଲ୍‌କୁ ସ୍ଥଗିତ ରଖାଯାଇଥିଲା। ଏହା ସଂସଦରେ ପହଞ୍ଚିପାରି ନ ଥିଲା। ଜାତୀୟ କ୍ରୀଡ଼ା ଶାସନ ବିଲ୍ ଏକ ପରିବର୍ତ୍ତନର ଶକ୍ତି। ଆମର ଏକ ବଡ଼ ଦେଶ ହେବା ସତ୍ତ୍ୱେ ଅଲିମ୍ପିକ୍ ଗେମ୍ସ ଓ ଅନ୍ତର୍ଜାତୀୟ ସ୍ତରରେ ଆମ ପ୍ରଦର୍ଶନ ସନ୍ତୋଷଜନକ ନୁହେଁ। ଭାରତର କ୍ରୀଡ଼ା ଦକ୍ଷତାକୁ ଗଠନ କରିବା ଏହି ବିଲ୍‌ର ଲକ୍ଷ୍ୟ' ବୋଲି ମାଣ୍ଡବ୍ୟ କହିଛନ୍ତି।



କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ।

### ଜାତୀୟ ଡୋପିଂ ନିରୋଧୀ(ସଂଶୋଧନ) ବିଲ୍

ୱାର୍ଲ୍ଡ ଆଣ୍ଟି–ଡୋପିଂ ଏଜେନ୍ସି(ୱାଡା) ସହ ପରାମର୍ଶ ପରେ ପ୍ରସ୍ତୁତ କରାଯାଇଥିବା ସଂଶୋଧିତ ଜାତୀୟ ଡୋପିଂ ନିରୋଧୀ ବିଲ୍‌ର ଉଦ୍ଦେଶ୍ୟ ହେଉଛି ଦେଶର ଡୋପିଂ ନିରୋଧୀ ସଂସ୍ଥା(ନାଡା) କାର୍ଯ୍ୟକଳାପରେ ସରକାରଙ୍କ ହସ୍ତକ୍ଷେପକୁ ରୋକିବା। ଏହି ଆଇନ ୨୦୨୨ରେ ପାରିତ କରାଯାଇଥିଲା। ହେଲେ ଏହାକୁ ୱାଡା ପକ୍ଷରୁ ବିରୋଧ କରାଯିବାରୁ ଏହାର କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯାଇଛି। ସଂଶୋଧିତ ବିଲ୍‌ରେ କ୍ରୀଡ଼ାରେ ଡୋପିଂ ନିରୋଧୀ ଜାତୀୟ ବୋର୍ଡକୁ ରଖାଯାଇଛି। କିନ୍ତୁ ଏହାକୁ ନାଡାର କାର୍ଯ୍ୟକଳାପ ତଦାରଖ କରିବା କ୍ଷମତା ଦିଆଯାଇନାହିଁ।

### ଜାତୀୟ କ୍ରୀଡ଼ା ବୋର୍ଡ(ଏନ୍‌ଏସ୍‌ବି)

କ୍ରୀଡ଼ା ଶାସନ ବିଲ୍‌ରେ ଜାତୀୟ କ୍ରୀଡ଼ା ବୋର୍ଡ(ଏନ୍‌ଏସ୍‌ବି) ବ୍ୟବସ୍ଥା ରହିଛି। ଏହାର କାର୍ଯ୍ୟ ହେଲା ସମସ୍ତ ମହାସଂଘର ଉତ୍ତରଦାୟିତ୍ୱ ଲାଗି ଏକ କଡ଼ା ବ୍ୟବସ୍ଥା ସୃଷ୍ଟି କରିବା। ସମସ୍ତ ଜାତୀୟ କ୍ରୀଡ଼ା ମହାସଂଘ(ଏନ୍‌ଏସ୍‌ଏଫ୍‌ଏସ୍)କୁ କେନ୍ଦ୍ର ସରକାରଙ୍କ ପାଣ୍ଠି ଲାଗି ଏନ୍‌ଏସ୍‌ବିଠାରୁ ସ୍ୱୀକୃତି ନେବାକୁ ପଡ଼ିବ। ଧାର୍ଯ୍ୟ ସମୟରେ କାର୍ଯ୍ୟକାରୀ ପରିଷଦର ନିର୍ବାଚନ ନ ହେଲେ କିମ୍ବା ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା କ୍ଷେତ୍ରରେ ମହାସଂଘଠାରୁ ସ୍ୱୀକୃତି ପ୍ରତ୍ୟାହାର କରିବାର ଅଧିକାର ମଧ୍ୟ ଏନ୍‌ଏସ୍‌ବିକୁ ଦିଆଯାଇଛି। ବାର୍ଷିକ ଅଡିଟ୍ ହୋଇଥିବା ପାଣ୍ଠିର ହିସାବ ପ୍ରକାଶ କରିବାରେ ବିଫଳ କିମ୍ବା ଜନସାଧାରଣଙ୍କ ପାଣ୍ଠିର ଦୁରୁପଯୋଗ କ୍ଷେତ୍ରରେ ଏନ୍‌ଏସ୍‌ବି କାର୍ଯ୍ୟାନୁଷ୍ଠାନ ନେଇପାରିବ। କିନ୍ତୁ ଏଥିଲାଗି ଏନ୍‌ଏସ୍‌ବିକୁ ଉକ୍ତ କ୍ରୀଡ଼ାର ବିଶ୍ୱ ପରିଚାଳନା ସଂସ୍ଥାଠାରୁ ଅନୁମତି ନେବା ଦରକାର।

### ଜାତୀୟ ସ୍ପୋର୍ଟ୍ସ ଟ୍ରିବ୍ୟୁନାଲ

ଏହି ବିଲ୍‌ରେ ଜାତୀୟ ସ୍ପୋର୍ଟ୍ସ ଟ୍ରିବ୍ୟୁନାଲର ବ୍ୟବସ୍ଥା ରଖାଯାଇଛି। ଏହା ଭାରତୀୟ କ୍ରୀଡ଼ାରେ ଏକ ସିଭିଲ୍ କୋର୍ଟ ଭଳି କାର୍ଯ୍ୟ କରିବ। ଖେଳାଳି ଚୟନଠାରୁ ମହାସଂଘର ନିର୍ବାଚନ ପର୍ଯ୍ୟନ୍ତ କ୍ରୀଡ଼ା ସହ ଜଡ଼ିତ ପ୍ରତ୍ୟେକ ଆଇନଗତ ବିବାଦର ସମାଧାନ କରିବ। ଏହାର ପ୍ରତିଷ୍ଠା ପରେ ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ କେବଳ ସୁପ୍ରିମ୍‌କୋର୍ଟରେ ହିଁ ଚ୍ୟାଲେଞ୍ଜ କରାଯାଇପାରିବ।

### ଆର୍‌ଟିଆଇ

ସମସ୍ତ ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡ଼ା ମହାସଂଘ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ଅଧୀନରେ ରହିବେ। ହେଲେ ଏଥିରେ ସଂଶୋଧନ କରାଯାଇଥିବାରୁ ବିସିସିଆଇ ଛାଡ଼ ପାଇବ। ସଂଶୋଧନ ପରେ କେବଳ ସରକାରୀ ପାଣ୍ଠିର ବ୍ୟବହାର କରୁଥିବା ମହାସଂଘ ଆର୍‌ଟିଆଇ ଅଧୀନରେ ରହିବେ ବୋଲି ସ୍ପଷ୍ଟ ହୋଇଛି।

# ରିଦ୍ଧିକାଙ୍କୁ ହେଭିୱେଟ୍ ସ୍ୱର୍ଣ୍ଣ



ରିଦ୍ଧିକାଙ୍କୁ ରେଫରି ବିଜେତା ଘୋଷଣା କରୁଛନ୍ତି।

ବ୍ୟାଙ୍କକ୍, ୧୧।୮ (ପି.ଟି.)

## ୨୨ ବର୍ଷରୁ କମ୍ ଏସିଆନ ବକ୍ସିଂ ଚାମ୍ପିୟନଶିପ୍

ଭାରତର ରିଦ୍ଧିକା ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ର ୨୨ ବର୍ଷରୁ କମ୍ କାଟେଗୋରୀ ଅନ୍ତର୍ଗତ ମହିଳା ୮୦+କେଜି କାଟେଗୋରିରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଫଳତଃ ଭାରତ ଚାମ୍ପିୟନଶିପ୍‌ରେ ଓଭରଅଲ୍ ଚତୁର୍ଥ ସ୍ଥାନ ଅଧିକାର କରିଛି। ଭାରତର ୨୨ ବର୍ଷରୁ କମ୍ ଦଳ ମୋଟ ୧୩ ପଦକ ସହ ଏହାର ଅଭିଯାନ ଶେଷ କରିଥିବା ବେଳେ ୧୯ ବର୍ଷରୁ କମ୍ ଦଳ ୩ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୪ ବ୍ରୋଞ୍ଜ ସମେତ ମୋଟ ୧୪ ପଦକ ସହ ସ୍ୱଦେଶ ଫେରିଛି। ୧୯ ବର୍ଷରୁ କମ୍ ଦଳ ଓଭରଅଲ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସୋମବାର ଭାରତ ଭାରତ ଏକମାତ୍ର ସ୍ୱର୍ଣ୍ଣ ପଦକ ୮୦+କେଜି କାଟେଗୋରୀରେ ପାଇଥିଲା। ଏଥିରେ ରିଦ୍ଧିକା କାଜାଖସ୍ତାନର ଆସେଲ ଟୋକ୍‌ଟାସିନ୍‌ଙ୍କୁ ପରାସ୍ତ କରିଥିଲେ। ବିପକ୍ଷ ବକ୍ସର ଶକ୍ତିଶାଳୀ ହୋଇଥିବାରୁ ରିଦ୍ଧିକାଙ୍କୁ ଆକ୍ରମଣାତ୍ମକ ସହ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥିଲା। ସକାଳ ସେସନରେ ମହିଳା ୫୭ କେଜି କାଟେଗୋରୀରେ ଯାତ୍ରୀ ପଟେଲ ଉଜବେକିସ୍ତାନର ଖୁମୋରାବୋନୁ ମାମାଜୋନୋଭାଙ୍କଠାରୁ ପରାଜିତ ହୋଇ ରୌପ୍ୟ ପଦକ ପାଇଥିଲେ। ପ୍ରିୟା ୬୦କେଜି ଫାଇନାଲରେ ଚାଇନାର ୟୁନ୍ ଟିଆନଙ୍କଠାରୁ ଅଳ୍ପକେ ୨:୩ରେ ପରାଜିତ ହୋଇଥିଲେ। ପରେ ୭୫କେଜି ଫାଇନାଲରେ ନୀରଜ ଉଜବେକିସ୍ତାନର ଶାକାଦ୍‌ଜନ ବୋଲ୍‌ତେଭଙ୍କଠାରୁ ହାରିଯାଇଥିଲେ। ୯୦+କେଜି ସ୍ୱର୍ଣ୍ଣ ମୁକାବିଲାରେ ଇଶାନ କାଟାରିଆ ଉଜବେକିସ୍ତାନର ଖଲିମଜୋନ ମାମାସୋଲିଭଙ୍କଠାରୁ ପରାସ୍ତ ହୋଇଥିଲେ। ଉଭୟେ ଭାରତୀୟ ବକ୍ସର ରୌପ୍ୟ ପଦକ ପାଇଥିଲେ।

# ୨୦୩୬ ଅଲିମ୍ପିକ୍ସ ଲାଗି ଭାରତର ବିଡ୍ ଆଲୋଚନା ସ୍ତରରେ ରହିଛି

ନୂଆଦିଲ୍ଲୀ,୧୧।୮(ପି.ଟି.)

୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଭାରତର ବିଡ୍ ଏବେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି(ଆଇଓସି)ର ଫ୍ୟୁଚର ହୋଷ୍ଟ କମିଶନ ସହ ନିରନ୍ତର ଆଲୋଚନା ପର୍ଯ୍ୟାୟରେ ଅଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଲୋକ ସଭାରେ ସୋମବାର ଏହା କହିଛନ୍ତି।

ଆମ୍ ଆଦ୍‌ମୀ ପାର୍ଟିର ସାଂସଦ ଗୁରମିତ ସିଂ ମିତ୍ ହେୟରଙ୍କ ପ୍ରଶ୍ନର ଉତ୍ତର ଦେଇ ମାଣ୍ଡବ୍ୟ କହିଛନ୍ତି, ପୂରା ବିଡିଂ ପ୍ରକ୍ରିୟା ଭାରତୀୟ ଅଲିମ୍ପିକ୍ ଆସୋସିଏଶନ(ଆଇଓଏ) ଦ୍ୱାରା କରାଯାଉଛି। ଆଇଓଏ ପକ୍ଷରୁ ଆଇଓସି ନିକଟରେ ଲେଟର ଅଫ୍ ଇଣ୍ଟେଣ୍ଟ ଦାଖଲ କରାଯାଇଛି। ଏହି ବିଡ୍ ଏବେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି(ଆଇଓସି)ର ଫ୍ୟୁଚର ହୋଷ୍ଟ କମିଶନ ସହ ନିରନ୍ତର ଆଲୋଚନା ପର୍ଯ୍ୟାୟରେ ଅଛି। ଭାରତରେ ଅଲିମ୍ପିକ୍ ଗେମ୍ସ ଆୟୋଜନ ଲାଗି ବିଡିଂ କରିବାର ସମ୍ପୂର୍ଣ୍ଣ ଦାୟିତ୍ୱ ହେଉଛି ଆଇଓଏର। ଅଲିମ୍ପିକ୍ସ ଆୟୋଜନ କରିବାର ଅଧିକାର ଆଇଓସି ଦ୍ୱାରା ଦିଆଯାଏ।

### ଭାରତୀୟ ଫୁଟ୍‌ବଲର ସ୍ଥିତି

ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ର୍‍ୟାଙ୍କିଂ ନିମ୍ନଗାମୀ ହେଉଥିବା ବେଳେ ଇଣ୍ଡିଆନ ସୁପର ଲିଗ୍ ଆୟୋଜନକୁ ନେଇ ଅନିଶ୍ଚିତତା ଲାଗିରହିଛି। ଏ ସମ୍ପର୍କରେ କଂଗ୍ରେସର କେରଳ ଏମ୍‌ପି ଆଦୁର ପ୍ରକାଶ ପ୍ରଶ୍ନ କରିଥିଲେ ଯେ, ଭାରତୀୟ ଫୁଟ୍‌ବଲର ନିମ୍ନଗାମୀ ସ୍ଥିତି ସମ୍ପର୍କରେ ସରକାର ଅବଗତ ଅଛନ୍ତି କି? କ୍ରୀଡ଼ାମନ୍ତ୍ରୀ ମାଣ୍ଡବ୍ୟ ଏହାର ଉତ୍ତର ରଖି କହିଛନ୍ତି, ଫୁଟ୍‌ବଲ ଦଳର ର୍‍ୟାଙ୍କିଂସ ମ୍ୟାଚ୍ ଫଳାଫଳ, ପ୍ରତିପକ୍ଷ ଦଳର ଶକ୍ତି ଓ ନିରନ୍ତର ମ୍ୟାଚ୍ ଖେଳିବା ଦ୍ୱାରା ପ୍ରଭାବିତ ହୁଏ। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ଏକ ସ୍ୱତନ୍ତ୍ର ସଂସ୍ଥା, ଯାହାକି ନିୟମିତ ଭାବେ ଏଆଇଏଫ୍‌ଏଫ୍ ସହ କ୍ରୀଡ଼ାରେ ଦେଶର ପ୍ରଦର୍ଶନ ଓ ସାମଗ୍ରିକ ବିକାଶକୁ ସମୀକ୍ଷା କରେ। ସେ ଅନୁଯାୟୀ ପରାମର୍ଶ ଦିଏ।

# ମହିଳା ଦିନିକିଆ ବିଶ୍ୱକପ୍ ଟ୍ରଫି ଉନ୍ମୋଚିତ

ନୂଆଦିଲ୍ଲୀ,୧୧।୮(ପି.ଟି.)

ଆସନ୍ତା ମାସରେ ଭାରତରେ ହେବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ଲାଗି ସୋମବାର ଟ୍ରଫି ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇସିସି ଚେୟାରମ୍ୟାନ ଜୟ ଶାହା, ୨୦୦୭ ଟି୨୦ ଓ ୨୦୧୧ ଦିନିକିଆ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ପୁରୁଷ ଦଳର ଖେଳାଳି ଯୁବରାଜ ସିଂ, ପୂର୍ବତନ ଅଧିନାୟିକା ମିଥାଲି ରାଜ ଓ ଅଧିନାୟିକା ହରମନପ୍ରୀତ କୌରଙ୍କ ସାଥି ଖେଳାଳି ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗୁଏଜ ଯୋଗ ଦେଇଥିଲେ। କଦାପି ମହିଳା ବିଶ୍ୱକପ୍ ଜିତିନଥିବା ଭାରତ ୨୦୦୫ ଓ ୨୦୧୭ ସଂସ୍କରଣରେ ଫାଇନାଲରେ ପରାଜିତ ହୋଇ ରନରଅପ୍ ହୋଇଥିଲା। ସେପ୍ଟେମ୍ବର ୩୦ରୁ ଭାରତରେ ମହିଳା ବିଶ୍ୱକପ୍ ଖେଳାଯିବାକୁ ଥିବା ବେଳେ ଏଥିପୂର୍ବରୁ ଭାରତ ଟୁର୍ନାମେଣ୍ଟ ଫେଭରାଇଟ୍ ଅଷ୍ଟ୍ରେଲିଆ ସହିତ ଏକ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବ। ଏହା ଆସନ୍ତା ମାସ ୧୪ ତାରିଖରୁ ଆରମ୍ଭ ହେବ।




ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍ ୨୦୨୫ ପୂର୍ବରୁ ସୋମବାର ମୁମ୍ବାଇରେ ଆୟୋଜିତ ଏକ ଇଭେଣ୍ଟ ବେଳେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗୁଏଜ୍ ଏବଂ ପୂର୍ବତନ ଅଧିନାୟିକା ମିଥାଲି ରାଜ ଓ ଯୁବରାଜ ସିଂଙ୍କ ସହ ଆଇସିସି ଚେୟାରମ୍ୟାନ ଜୟ ଶାହା।

# ସମ୍ବିତ୍ ଚାମ୍ପିୟନ, ସୌମ୍ୟ ରନରଅପ୍




କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୧୧।୮(ତପନ ସ୍ୱାଇଁ)

## ଖୋର୍ଦ୍ଧା ଜିଲା ସିନିୟର ଓପନ ଚେସ୍

ଖୋର୍ଦ୍ଧା ଜିଲା ସିନିୟର ଓପନ ଚେସ୍ ଚାମ୍ପିୟନଶିପ୍ ସୋମବାର ଘାଟିକିଆର ଏପିଜେ ସ୍କୁଲରେ ସଫଳତାର ସହ ଶେଷ ହୋଇଛି। ଏଥିରେ ଅନ୍ତର୍ଜାତୀୟ ମାଷ୍ଟର(ଆଇଏମ୍) ସମ୍ବିତ୍ ପଣ୍ଡା ଚାମ୍ପିୟନ ଓ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ରନରଅପ୍ ହୋଇଛନ୍ତି। ମନୀଷ କୁମାର ଏବଂ ଓମ୍ ଆଦିତ୍ୟ ଖାଡ଼ଙ୍ଗା ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ୭ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ସମ୍ବିତ୍ ପୂରା ୭ ପଏଣ୍ଟ ହାସଲ କରିଥିବାବେଳେ ସୌମ୍ୟ, ମନୀଷ ଏବଂ ଓମ୍ ୬ ପଏଣ୍ଟ ଲେଖାଏ ପାଇଥିଲେ। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଚେସ୍ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଛି। ପ୍ରତିଯୋଗିତାର ଶ୍ରେଷ୍ଠ ୪ ଖେଳାଳି ରାଜ୍ୟ ଓପନ ଚେସ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପୁରସ୍କାର ଆକାରରେ ପ୍ରତିଯୋଗୀଙ୍କୁ ୫୦,୦୦୦ ଟଙ୍କା, ଟ୍ରଫି ଓ ଚେସ୍ ବହି ପ୍ରଦାନ କରାଯାଇଛି। ସାଧ୍ୱୀ ପ୍ରତିଭା ମିଶ୍ର ମୁଖ୍ୟ ଅତିଥି ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଏବଂ ଓଡ଼ିଶା ଗେଟ୍‌ବଲ ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜାମ ମୁଖ୍ୟ ବକ୍ତାଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସଭାପତି ଶକ୍ତିରଞ୍ଜନ ମହାନ୍ତି, ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ସଦସ୍ୟ ସ୍ୱୟଂଶୁ ସତ୍ୟକାମ, ସୁଶାନ୍ତ ଷଡ଼ଙ୍ଗୀ ଓ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାଇ ଇଣ୍ଟରନ୍ୟାଶନାଲ, ପଳାଶୁଣୀ ହାଇସ୍କୁଲ ବିଜୟୀ

ଭୁବନେଶ୍ୱର, ୧୧।୮(ତପନ ସ୍ୱାଇଁ)

ୟୁନିଟ୍–୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ସାଇ ଇଣ୍ଟରନ୍ୟାଶନାଲ ଓ ପଳାଶୁଣୀ ହାଇସ୍କୁଲ ଦଳ ବିଜୟ ହାସଲ କରିଛି। ସାଇ ଇଣ୍ଟରନ୍ୟାଶନାଲ ୬–୧ ଗୋଲରେ ବିଜେଇଏମ୍‌କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଗସ୍ତ୍ୟ ପଟ୍ଟନାୟକ ୫ଟି ଏବଂ ଟି. ସେନାପତି ଗୋଟିଏ ଗୋଲ ଦେଇଥିଲେ। ବିଜେଇଏମ୍ ପକ୍ଷରୁ ଜ୍ଞାନଜ୍ୟୋତି ମହାନ୍ତି ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଅଗସ୍ତ୍ୟଙ୍କୁ ଅତିଥି ଆଥ୍‌ଲେଟିକ୍ସ କୋଚ୍ ନୀଳମାଧବ ଦେଓ ପୁରସ୍କୃତ କରିଥିଲେ। ପଳାଶୁଣୀ ସ୍କୁଲ ୨–୧ ଗୋଲରେ କିଟ୍ ଇଣ୍ଟରନ୍ୟାଶନାଲକୁ ହରାଇଦେଇଛି। ପଳାଶୁଣୀ ପକ୍ଷରୁ ରାଜେଶ ମୁର୍ମୁ ଓ ଇଶାନ ତିର୍କୀ ଏବଂ କିଟ୍ ପକ୍ଷରୁ ଆଦିତ୍ୟ ରାଜ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସହିଦ ସ୍ପୋର୍ଟିଂ କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି ଅତିଥିଭାବେ ଯୋଗଦେଇ ରାଜେଶ ମୁର୍ମୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଚନ୍ଦ୍ରକାନ୍ତ ବାରିକ, ଶେଖାୱତ ଖାଁ, ଶିବ ପ୍ରସାଦ ସାମନ୍ତରାୟ, ସୁଜିତ କୁମାର ପାତ୍ରୋ, ସୁନୀଲ କୁମାର, ଆଲୋକ ଦେହୁରି ମ୍ୟାଚ ପରିଚାଳନା କରିଥିଲେ।

# ଭାରତୀୟ ଦଳକୁ ବ୍ରୋଞ୍ଜ ପଦକ

ରାଜଗିର (ବିହାର), ୧୧।୮

## ୨୦ ବର୍ଷରୁ କମ୍ ଏସିଆ ମହିଳା ରଗ୍‌ବୀ ସେଭେନ୍ସ

### ସାମିଲ ଥିଲେ ଓଡ଼ିଶାର ରିତୁ ଓ ମାମାଲି

ଏଠାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ମହିଳା ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେ–ଅଫ୍‌ରେ ଭାରତ ପ୍ରତିପକ୍ଷ ଉଜବେକିସ୍ତାନକୁ ପରାସ୍ତ କରିଛି। ଭାରତୀୟ ଦଳର ଏହି ସଫଳତାରେ ଓଡ଼ିଶାର ରିତୁ ମାଝି ଓ ମାମାଲି ସିଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ପୁଲ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ ପରେ ଭାରତୀୟ ଦଳ ସେମିଫାଇନାଲରେ ଚାଇନାଠାରୁ ୭–୨୮ରେ ହାରି ଯାଇଥିଲା। ମାତ୍ର ବ୍ରୋଞ୍ଜ ପଦକ ମୁକାବିଲାରେ ଆଧିପତ୍ୟ ବିସ୍ତାର କରି ଦଳ ୧୨–୫ରେ ବିଜୟୀ ହୋଇଥିଲା। ପୂରା ଟୁର୍ନାମେଣ୍ଟରେ ଭାରତ କେବଳ ଫାଇନାଲିଷ୍ଟ ଚାଇନା ଓ ହଂକଂଠାରୁ ପରାଜିତ ହୋଇଥିଲା। ଭାରତ ପ୍ରଥମଥର ପାଇଁ ଏସିଆ ରଗ୍‌ବୀ ଏମିରେଟ୍ସ ୨୦ ବର୍ଷରୁ କମ୍ ପ୍ରତିଯୋଗିତା ଆୟୋଜନ କରିଥିଲା। ଘରୋଇ ପରିବେଶରେ ଭାରତୀୟ ଦଳ ପୋଡିୟମ ମଣ୍ଡନ କରିଥିବାରୁ ଖେଳାଳିଙ୍କ ଆତ୍ମବିଶ୍ୱାସ ବଢ଼ିଛି। ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ ଭାରତୀୟ ଦଳର ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରିଛନ୍ତି। "ଘରୋଇ ଦର୍ଶକଙ୍କ ସମ୍ମୁଖରେ ପଦକ ହାସଲ ଭାରତୀୟ ରଗ୍‌ବୀ ପାଇଁ ଗର୍ବର ମୁହୂର୍ତ୍ତ। ଆମ ଭାରତୀୟ ମହିଳା ଦଳ ଏକ କଷ୍ଟସାଧ ଗ୍ରୁପ୍‌ରେ ସ୍ଥାନ ପାଇଥିଲା। ସେମିଫାଇନାଲରେ ପ୍ରବେଶ କରିବା ମଧ୍ୟ ଆମପାଇଁ ବଡ଼ ସଫଳତା ଥିଲା। ଏହି ପ୍ରଦର୍ଶନ ପରବର୍ତ୍ତୀ ପିଢ଼ିକୁ ପ୍ରେରିତ କରିବ'' ବୋଲି ରାହୁଲ ପ୍ରକାଶ କରିଛନ୍ତି। ମହିଳା ବର୍ଗ ଫାଇନାଲରେ ହଂକଂକୁ ୨୯–୨୧ରେ ହରାଇ ଚାଇନା ଏବଂ ପୁରୁଷ ବର୍ଗରେ ଶ୍ରୀଲଙ୍କାକୁ ୩୩–୦ରେ ହରାଇ ହଂକଂ ଚାମ୍ପିୟନ ହୋଇଛି।



ଏସିଆ ମହିଳା ରଗ୍‌ବୀ ସେଭେନ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ